

₹ : 25

# ଆମରି ସତ୍ୟ


ତ୍ରୟୋଦଶ ବର୍ଷ, ଦ୍ୱାଦଶ ସଂଖ୍ୟା
ଜୁନ ୨୦୨୩, ପୃଷ୍ଠା ସଂଖ୍ୟା ୩୬

www.amarisatya.in

RNI Regn. No. : ODI/ODI/2010/350521
Postal Regd. No. : PURI-33/2022-24






# ‘ସୁସ୍ଥ ପରିବାର ଗଠନରେ ନାରୀର ଭୂମିକା’ : ଆଲୋଚନାଚକ୍ର








ଆମରିସତ୍ୟ ବିକାଶ ପରିଷଦ, ‘ସୁସ୍ଥ ପରିବାର ଗଠନରେ ନାରୀର ଭୂମିକା’ ଶୀର୍ଷକ ଏକ ଆଲୋଚନାଚକ୍ର, ଜଟଣୀ ସ୍ଥିତ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ଡ. ସୁକାନ୍ତି ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶିକ୍ଷାବିତ ଜବାହରଲାଲ ସୁବୁଦ୍ଧି ସ୍ୱାଗତ ଭାଷଣ ଦେବା ସହ, ପାଲାଗାୟକ ସୁରେଶ କୁମାର ସ୍ୱାଇଁ ଅତିଥି ପରିଚୟ ଦେଇଥଲେ । ମୁଖ୍ୟ ଅତିଥି ଭାବରେ ପ୍ରାକ୍ତନ ଅଧକ୍ଷ ଡ. ଶରଚ୍ଚନ୍ଦ୍ର ମହାପାତ୍ର କହିଥିଲେ, “ପରିବାର ଏକ ସାମାଜିକ ଓ ପୁରାତନ ମୌଳିକ ସଂଗଠନ ଯାହା ବିଶ୍ୱାସ ଉପରେ ନିର୍ଭର କରେ ।” ସମ୍ମାନିତ ଅତିଥି କବୟିତ୍ରୀ ଶକୁନ୍ତଳା ରଥ “ପରିବାରରେ ମା’ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଥାଏ” ବୋଲି କହିଥିଲେ । ‘ଆମରିସତ୍ୟ’ ପ୍ରତିଷ୍ଠାତା ଡ. ପ୍ରମୋଦ ଚନ୍ଦ୍ର ଦାଶ କହିଥିଲେ, “ନାରୀ ଶୁଦ୍ଧତା, ବିଶ୍ୱସ୍ତତା ଏବଂ ସ୍ୱାମୀ ଭକ୍ତିର ପ୍ରତୀକ ହୋଇ ପରିବାରରେ ସୁଖ ଏବଂ ଶାନ୍ତି ଫେରାଇବାରେ ସକ୍ଷମ ହୋଇଥାଏ ।” ଶିଶୁ ସାହିତ୍ୟିକ ତ୍ରିଲୋଚନ ମହାପାତ୍ର “ମାଆ ପରିବାରର ପିଲାମାନଙ୍କୁ ଗଳ୍ପ ମାଧ୍ୟମରେ ଅନୁଶାସନର ଶିକ୍ଷା ଦେଇଥାଏ” ବୋଲି ମନ୍ତବ୍ୟ ଦେଇଥିଲେ । ଏହି ଆଲୋଚନାରେ ପଣ୍ଡିତ ରମାକାନ୍ତ ମିଶ୍ର, ବ୍ରଜବନ୍ଧୁ ନାୟକ, ପ୍ରମୋଦ କୁମାର ମହାନ୍ତି, ଜଗନ୍ନାଥ ନାୟକ, ବିଜୟ କୁମାର ବ୍ରହ୍ମା, ସମରଜିତ ପଟ୍ଟନାୟକ, ସୁଦର୍ଶନ ମହାପାତ୍ର, ରାମଶଙ୍କର, ବାସୁଦେବ ସାହୁ, ଆରତୀ ସେନ୍, ମନୋରମା ପାଢ଼ି, ପଦ୍ମଲୋଚନ ସାହୁ, ସୂଦର୍ଶନ ସାହୁ, କାଶୀନାଥ ଦାସ, ରବୀନ୍ଦ୍ର ପ୍ରସାଦ ମିଶ୍ର, ପ୍ରମୁଖ ଭାଗ ନେଇଥ ିଲେ । ପାଲାଗାୟକ ସୁରେଶ କୁମାର ସ୍ୱାଇଁଙ୍କ ସୁପରିଚାଳନାରେ, ପଣ୍ଡିତ ପଦ୍ମନାଭ ପଣିଗ୍ରାହୀଙ୍କ ସଭାପତିତ୍ୱରେ ଏବଂ ଅଧ୍ୟାପିକା ସୌଦାମିନୀ ବେହେରାଙ୍କ ସଂଯୋଜନାରେ ୨୦ଜଣ କବି ଓ କବୟିତ୍ରୀ କବିତା ପାଠ କରିଥିଲେ ।

www.amarisatya.in

# ଆମରି ସତ୍ୟ

AMARISATYA ଆମରି ସତ୍ୟ Estd.: 2006 ODISHA

ପ୍ରତିଷ୍ଠାତା : ଡ. ପ୍ରମୋଦ ଚନ୍ଦ୍ର ଦାଶ

ଭିନ୍ନସ୍ୱାଦର ମାସିକ ପତ୍ରିକା...

ତ୍ରୟୋଦଶ ବର୍ଷ ❖ ଦ୍ୱାଦଶ ସଂଖ୍ୟା ❖ ଜୁନ ୨୦୨୩

**ସମ୍ପାଦକ**
ଡ. ପ୍ରସନ୍ନ କୁମାର ଜେନା
୯୮୬୧୦୧୬୩୪୯

**ସହଯୋଗୀ ସମ୍ପାଦକ**
ଶ୍ରୀ ସତ୍ୟବାଦୀ ବଳିଆରସିଂହ
୯୨୩୭୦୮୯୫୦୯

**ମୁଖ୍ୟ ସହ ସମ୍ପାଦକ**
ଶ୍ରୀ ତ୍ରିଲୋଚନ ମହାପାତ୍ର
୯୯୩୮୯୯୪୮୨୨

**ସହ ସମ୍ପାଦକ**
ଶ୍ରୀ ସତ୍ୟନାରାୟଣ ସାମନ୍ତରାୟ
୯୪୩୮୭୩୪୮୧୬
ଡ. ଅଜୟ କୁମାର ସ୍ୱାଇଁ
୯୪୩୭୨୮୧୪୮୨
ଡ. ଭବାନୀ ଶଙ୍କର ଦାଶ
୯୪୩୭୧୩୧୯୯୬
ଶ୍ରୀମତୀ ରଶ୍ମିତା ନାୟକ
୯୪୩୮୩୬୩୦୩୦

**ସଂଯୋଜକ**
ଡ. ନିରଞ୍ଜନ ମହାନ୍ତି
୯୪୩୭୧୬୦୩୫୫
ଶ୍ରୀ ଆଦିନାରାୟଣ ଖଣ୍ଡୁଆଳ
୯୨୩୮୫୯୨୨୭୭

**ପରିଚାଳନା ସଂଯୋଜକ**
ଶ୍ରୀ ସର୍ବେଶ୍ୱର ମହାପାତ୍ର
୯୯୩୮୪୪୨୪୨୮
ଶ୍ରୀ ସମରଜିତ୍ ପଟ୍ଟନାୟକ
୯୮୬୧୧୨୧୨୦୫
ଶ୍ରୀ ବିଭୁପ୍ରସାଦ ହରିଚନ୍ଦନ
୭୦୭୭୯୮୩୮୪୦
ଡ. ପ୍ରେମଚାନ୍ଦ ମହାନ୍ତି
୯୪୩୭୧୨୭୮୨୦
ଡ. ରଶ୍ମିରଞ୍ଜନ ନାଥ
୯୮୬୧୪୭୭୧୯୫
ଡ. ଗୌରହରି ମିଶ୍ର
୯୪୩୭୪୧୧୭୦୯

**ପ୍ରଚ୍ଛଦ ଓ ଅଙ୍ଗସଜ୍ଜା**
ଶ୍ରୀ ରାଜୀବ ରଥ
୭୫୦୪୬୬୯୭୯୨
ଶ୍ରୀ ପ୍ରୀତମ୍ ବଳୀୟାରସିଂହ
୯୯୩୭୫୮୧୩୧୮

**ମୁଖ୍ୟ କାର୍ଯ୍ୟାଳୟ (ଖୋର୍ଦ୍ଧା):**
**'ଆମରି ସତ୍ୟ'**
ଏମ୍ - ୧/୫, ମୁକୁନ୍ଦପ୍ରସାଦ
ହାଉସିଂ ବୋର୍ଡ଼ କଲୋନୀ
ପୋ.ଅ.- ପି.ଏନ୍. କଲେଜ,
ଜି: ଖୋର୍ଦ୍ଧା, ପିନ୍:୭୫୨୦୫୭, ଓଡ଼ିଶା
ମୋ : ୯୪୩୭୨୮୧୬୫୫

**ଭୁବନେଶ୍ୱର କାର୍ଯ୍ୟାଳୟ:**
**ଶ୍ରୀ ରମେଶ ଚନ୍ଦ୍ର ମହାପାତ୍ର**
ନିର୍ଦ୍ଦେଶକ, ଆମରିସତ୍ୟ
ଏମ-୫/୨୩, ଆଚାର୍ଯ୍ୟ ବିହାର
ଭୁବନେଶ୍ୱର-୧୩, ଓଡ଼ିଶା
ଫୋନ୍ ନଂ:୯୪୩୮୪୧୬୩୪୭

**ଜଟଣୀ କାର୍ଯ୍ୟାଳୟ:**
**ଶ୍ରୀ ପଦ୍ମନାଭ ପାଣିଗ୍ରାହୀ**
ବନମାଳୀ କଲୋନୀ, ଜଟଣୀ
ଫୋନ୍ ନଂ:୯୩୩୮୨୨୧୩୭୪

## ଗ୍ରାହକମାନଙ୍କ ପାଇଁ ସୂଚନା

| | |
|---|---|
| ୧. ପ୍ରତି ଖଣ୍ଡ ଦେୟ | ଟ.୨୫/- |
| ୨. ବାର୍ଷିକ ଦେୟ | ଟ.୨୫୦/- |
| ୩. ଆଜୀବନ ସଦସ୍ୟତା (୧୪ ବର୍ଷ ପାଇଁ) | ଟ.୩୦୦୦/- |

**ପରାମର୍ଶଦାତା ମଣ୍ଡଳୀ**

**ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି**
ପ୍ରାକ୍ତନ କୁଳପତି, ଉତ୍ତର ଓଡିଶା ବିଶ୍ୱବିଦ୍ୟାଳୟ

**ଡ. ନାରାୟଣ ରାଓ**
ପ୍ରାକ୍ତନ କୁଳସଚିବ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଡ. ଅଭୟ କୁମାର ନାୟକ**
କୁଳସଚିବ, ନାଇଜର, ଭୁବନେଶ୍ୱର

**ଡ. ଶରଚ୍ଚନ୍ଦ୍ର ମହାପାତ୍ର**
ପ୍ରାକ୍ତନ ଅଧ୍ୟକ୍ଷ, ସରକାରୀ ମହିଳା ମହାବିଦ୍ୟାଳୟ,ପୁରୀ

**ଡ. ବିଷ୍ଣୁ ଚରଣ ସାହୁ**
ଶିକ୍ଷାବିତ୍ ଓ ସମାଜସେବୀ, ଭୁବନେଶ୍ୱର୍

**ଡ. ବସନ୍ତ କିଶୋର ସାହୁ**
ଶିଶୁ ସାହିତ୍ୟିକ, କୁସୁପୁର, କଟକ

**ଶ୍ରୀ ଭୀମସେନ ପ୍ରଧାନ**
ଶିକ୍ଷାବିତ୍, ଖୋରଧା

**ଡ. ଗୌରୀଶଙ୍କର ପ୍ରହରାଜ**
ଶିକ୍ଷାବିତ୍, ଭୁବନେଶ୍ୱର

**ଶ୍ରୀ ଜବାହରଲାଲ ସୁବୁଦ୍ଧି**
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, ବଡ଼ତୋଟା, ଜଟଣୀ, ଖୋରଧା


**ଡାକ୍ତର ନନ୍ଦ କିଶୋର ପଟ୍ଟନାୟକ**
ସାହିତ୍ୟିକ, ଖୋରଧା

**ରାମଶଙ୍କର**
ଅଧ୍ୟକ୍ଷ, ବିଶ୍ୱାମିତ୍ର ଜନ ସେବା ଟ୍ରଷ୍ଟ, ଖୋରଧା

ଦେୟ 'ଆମରିସତ୍ୟ' ନାମରେ ମନି ଅର୍ଡର, ଡ୍ରାଫଟ୍, ଚେକ୍ ତଥା UPI ମାଧ୍ୟମରେ ପଠାଇବାକୁ ଅନୁରୋଧ ।
ଏସ୍‌ବିଆଇ ଖୋର୍ଦ୍ଧା ବଜାର ବ୍ରାଞ୍ଚ A/c No. 31033974226, IFSC-SBIN0012027, MICR-752002151


'ଆମରିସତ୍ୟ'ରେ ପ୍ରକାଶିତ ଲେଖା ଲେଖକଙ୍କର ନିଜସ୍ୱ ଅଟେ । ପ୍ରକାଶିତ ବିଷୟବସ୍ତୁ ପାଇଁ 'ଆମରିସତ୍ୟ' ଉତ୍ତରଦାୟୀ ନୁହେଁ ।

AMARISATYA : AGENCY FOR MANAGEMENT, ADVOCACY, RESEARCH, IMPLEMENTATION, SERVICES AND TRAINING ON YOUTH AFFAIRS
Website: www.amarisatya.in Email:amarisatya@gmail.com



## ସକାଳ ବନ୍ଦନା : ସଂଜ ପ୍ରାର୍ଥନା

ରମେଶ ମଙ୍ଗରାଜ



ନୀଳାଚଳ ନାଥ ଆହେ ଜଗନ୍ନାଥ
ତୁମେ ଅଗତିର ଗତି
ତୁମରି ନାମରେ ଶ୍ରୀକ୍ଷେତ୍ର ଠାକୁରେ
ଲୁହ ପାଲଟଇ ମୋତି ।।୦।।
ତୁମେ ନାଦ ବ୍ରହ୍ମ ତୁମେ ଶବ୍ଦ ବ୍ରହ୍ମ
ଓଁ କାର ପ୍ରଣବ ସ୍ୱର
ତୁମେ ନିରାକାର ତୁମେ ତ ସାକାର
ମର୍ତ୍ତ୍ୟବୈକୁଣ୍ଠ ଈଶ୍ୱର
ବ୍ରହ୍ମାଣ୍ଡ ତୁମର ତୁମେ ବ୍ରହ୍ମାଣ୍ଡର
ତୁମେତ ଜଗତପତି ।।୧।।
ନୀଳାଚଳ ନାଥ.........
ଯେ' ଭାବେ ଯେମିତି ତା' ପାଇଁ ସେମିତି
ତୁମେ ରୂପ ନେଇ ଥାଅ
ଯେ ଡାକେ ଯେମିତି ତମେ ତ ସେମିତି
ତା'ଡାକକୁ ଶୁଣିଥାଅ
ତୁମ ପାଖେ ନାହିଁ ଛୁଆଁ ଛୁଇଁ ଭେଦ
ସଭିଁଏ ଗୋଟିଏ ଜାତି
ନୀଳାଚଳ ନାଥ ............।।୨।।

କବି ଓ କବିତା ଭବନ
ମହୁଲ, ଅଙ୍ଗାରପଡ଼ା, ଖୋର୍ଦ୍ଧା
ମୋ - ୯୧୭୮୬୭୨୬୨୮୦

## ଅମର ଲେଖନୀରୁ

ବିଦ୍ୟା ହିଁ ଏକା ବିପତ୍ତି କାଳେ ହୁଏ ସଖା,
ବିଦ୍ୟା ନପଢିଲା ଲୋକ ପଶୁ ସଙ୍ଗେ ଲେଖା।
ବିଦ୍ୟା ଥିଲେ ପ୍ରାଣୀଙ୍କ ଯେ ସବୁଠାରେ ପୂଜା।
ବିଦ୍ୟାହୀନ ହୋଇଲେ ଯେ ରାଜା ନୁହେଁ ରାଜା।

# ହିତବାଣୀ

## ଗୀତା

ଯଃ ସର୍ବତ୍ରାନଭିସ୍ନେହ, ସ୍ତତ୍ତତ୍ପ୍ରାପ୍ୟ ଶୁଭାଶୁଭଂ।
ନାଭିନନ୍ଦତି ନ ଦ୍ୱେଷ୍ଟି, ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା।।

ଯେ ଲୋକ ଭଲ, ମନ୍ଦ, ନିନ୍ଦା, ପ୍ରଶଂସା ଏ ସବୁ ଇଚ୍ଛା କରେ ନାହିଁ, ମନ ତା'ର ଅଭିମାନ ଶୂନ୍ୟ, ସମ୍ପତ୍ତି, ସ୍ତ୍ରୀ, ପୁତ୍ର କଳତ୍ର ଓ ନିଜ ଦେହ ଏଥିରେ ଆସକ୍ତି ବା ମାୟା ନ ଥାଏ ପୁଣି ମନ ଓ ବଚନ ଯାହାର ଏକ ପ୍ରକାର ତାହାକୁ ସ୍ଥିତପ୍ରଜ୍ଞ କହନ୍ତି।

## ଭାଗବତ ବାଣୀ

ଦୁଃଖେ ସଞ୍ଚିତ ଯେତେ ଧନ। ସେ ନୁହେଁ ସୁଖେ ପ୍ରୟୋଜନ।।
ଦୁଷ୍ଟ ନିବାରି ସନ୍ଥ ପାଳୁ। ତୁ ନାଥ ପରମ ଦୟାଳୁ।।

## ଚାଣକ୍ୟ ନୀତି

ଜୀବନର ସୁଖରେ ହିଁ ସ୍ୱର୍ଗ :

ଯସ୍ୟ ପୁତ୍ରୋ ବଶୀଭୂତୋ ଭାର୍ଯ୍ୟା ଛନ୍ଦାନୁଗାମିନୀ।
ବିଭବେ ଯସ୍ୟ ସନ୍ତୁଷ୍ଟିସ୍ତସ୍ୟ ସ୍ୱର୍ଗ ଇହୈବ ହି।।

ଯାହାର ପୁତ୍ର ବଶୀଭୂତ, ପତ୍ନୀ ବେଦର ମାର୍ଗରେ ପରିଚାଳିତ ଏବଂ ଯିଏ ନିଜର ବୈଭବରେ ସନ୍ତୁଷ୍ଟ , ତାଙ୍କପାଇଁ ଏହିଠାରେ ହିଁ ସ୍ୱର୍ଗ। ଯେଉଁ ମନୁଷ୍ୟର ପୁତ୍ର ଆଜ୍ଞାକାରୀ ହୋଇଥିବ, ସବୁ କଥାକୁ ଠିକ ଭାବରେ ମାନି ଚଳୁଥିବ। ପତ୍ନୀ ଅତ୍ୟନ୍ତ ଧାର୍ମିକ ଓ ଆଦର୍ଶ ଚାଲିଚଳଣ ସଂପନ୍ନ ହୋଇଥିବ, ସତ୍ ଗୃହିଣୀ ହୋଇଥିବ ତଥା ନିଜ ପାଖରେ ଯେତିକି ବି ଧନସଂପତ୍ତି ଥିବ ସେହିଥିରେ ସେ ଖୁସି ହେଉଥିବ। ସବୁବେଳେ ସନ୍ତୁଷ୍ଟ ରହୁଥିବ, ସେହି ବ୍ୟକ୍ତିକୁ ଏହି ସଂସାରରେ ହିଁ ସ୍ୱର୍ଗ ମିଳିଥାଏ। ତାହାପାଇଁ ଏହି ପୃଥିବୀ ହିଁ ହେଉଛି ସ୍ୱର୍ଗ।

## ନୀତିଶ୍ଳୋକ

ଧାରଣାତ୍ ଧର୍ମମିତ୍ୟାହୁ
ଧର୍ମୋ ଧାରୟତେ ପ୍ରଜାଃ।
ଯତ୍ ସ୍ୟାଦ୍ ଧାରଣସଂଯୁକ୍ତଂ
ସ ଧର୍ମଃ ଇତି ନିଶ୍ଚୟଃ।।

'ଧର୍ମ' ଧୃ ଧାତୁ (ଧାରଣା କରିବା) ରୁ ନିଷ୍ପନ୍ନ। ଧର୍ମରେ ସମସ୍ତ ପ୍ରଜା ଧରାହୋଇ ବା ବନ୍ଧାହୋଇ ରହିଛନ୍ତି। ଏହା ହିଁ ସ୍ଥିର ଯେ ଯହିଁରେ (ସକଳ ପ୍ରକାର) ଧାରଣ ହୁଏ, ତାହା ହିଁ ଧର୍ମ।

## ପ୍ରବାଦ

ଅଗନ ଗଛର ମୁଣ୍ଡି ହଳଦୀଲୋ
ଝିଙ୍କର ଗଛର ଛାଇ,
ଆଡ଼ ହୋଇଯାଅ ଟୋକା ଦିଅର ଲୋ
ମୁଁ ଯିବି ଚାଉଳ ଧୋଇ।

ନୂଆ ହେଇ ଆସିଥିବା ବୋହୂର ଟୋକା ଦିଅର ପ୍ରତି ଆଡ଼ଭାବ ମିଶା ଉକ୍ତି।



ବାଉଁଶକୁ ଯେମିତି ଘୁଣ ଖାଇଯାଏ, ମନୁଷ୍ୟକୁ ସେମିତି ଇର୍ଷା ଖାଇଯାଏ।



# ସମ୍ପାଦକୀୟ....

ଉତ୍କଳୀୟ ପରମ୍ପରାରେ ଓଡ଼ିଶାରେ ବାରମାସରେ ତେର ପର୍ବ ପାଳନ କରାଯାଏ। ରଜ ଏକ ପର୍ବ ଯାହା ମାଟି ସହ ମଣିଷକୁ ଯୋଡିଥାଏ। ଜ୍ୟେଷ୍ଠ ମାସର ଶେଷ ଦିନକୁ ପହିଲି ରଜ, ଆଷାଢ଼ ମାସର ପ୍ରଥମ ଦିନଟି ରଜସଂକ୍ରାନ୍ତି ଓ ତାପର ଦିନକୁ ଭୂଇଁ ନଅଁଣ ବା ଭୂମିଦହନ ଶେଷ ରଜ କୁହାଯାଏ ।

ରଜ ଶବ୍ଦର ଆକ୍ଷରିକ ଅର୍ଥ ରଜବତୀ ହେବା। ଆମେ ପୃଥିବୀକୁ ମାତା ଭାବରେ ବିବେଚନା କରୁ। ବର୍ଷାର ଆଗମନରେ ସେ ରଜସ୍ୱଳା ହେବାର ଓ ନୂଆ ଶସ୍ୟ ଜନ୍ମ ହେବାର ସାଙ୍କେତିକ ଭାବ ବହନ କରିଥାଏ ବୋଲି ଆମେ ଅନୁଭବ କରୁ। ରଜସ୍ୱଳା ନାରୀ ପରି ମାଟି ମା'କୁ ଏହି ସମୟରେ ବିଶ୍ରାମ ଦିଆଯାଏ । ନାରୀମାନେ ରଜସ୍ୱଳା ପରେ ଯେପରି ସନ୍ତାନ ସୃଷ୍ଟି ପାଇଁ ସକ୍ଷମ ହୋଇଥାନ୍ତି, ଠିକ୍ ସେହିପରି ଆଦ୍ୟ ଆଷାଢ଼ର ବର୍ଷାରେ ମାତା ବସୁଧା ଫସଲ ଉତ୍ପାଦନ ପାଇଁ ସକ୍ଷମ ହୋଇଥାଏ । ନାଚଗୀତ ସହ ଗାଁରେ ପିଲାମାନେ ଡ୍ରାମା, ସୁଆଙ୍ଗୋ, ବାଦିପାଲା, ରାମଲୀଳା ଓ କୃଷ୍ଣଲୀଳା ନାଟକ ପରିବେଷଣ କରନ୍ତି । କେଉଁଠି କେଉଁଠି ସାହିତ୍ୟ ସଭା ସହ କବିତା ପାଠ ମଧ୍ୟ ଆୟୋଜିତ ହୋଇଥାଏ।

ରଜ ତିନିଦିନ କୁମାରୀମାନେ କୌଣସି କାମ ଦାମ କରନ୍ତି ନାହିଁ । ହସ, ଖେଳ, ଗୀତ, ରଙ୍ଗ, ରହସ୍ୟ, ପୁଚି, ବୋହୂ ବୋହୂକା, ଝିଅ କବାଡ଼ି, କୋଉଠି କେମିତି ତଥା ସ୍ଥାନୀୟଖେଳରେ ମାତି ରହନ୍ତି । ସାଙ୍ଗସାଥୀମାନଙ୍କୁ ଦୋଳିରେ ଝୁଲାନ୍ତି । ରଜଦୋଳିରେ ବସି କୁଆଁରୀମାନଙ୍କ ସୁଲଳିତ କଣ୍ଠରୁ ଭାସି ଆସୁଥିବା ଏହି ଗୀତ –

"ରଜ ଦୋଳି କଟ କଟ, ମୋ ଭାଇ ମଥାରେ ସୁନା ମୁକୁଟ
ସୁନା ମୁକୁଟ ଲୋ... ଦିଶୁଥାଏ ଝଟଝଟ"

ମନେ ପକାଇଦିଏ ରଜମଉଜକୁ। ପୁଅମାନେ କବାଡି ଖେଳନ୍ତି । ଗ୍ରାମବାସୀ ପଡିଆରେ କବାଡି ଖେଳ ଦେଖିବା ପାଇଁ ବେଶ୍ ଭିଡ ଜମାଇଥାନ୍ତି। କବାଡି ପ୍ରତିଯୋଗିତା ଜିତିବା ପାଇଁ ଗାଁ ଗାଁ ମଧ୍ୟରେ କବାଡି ପ୍ରତିଯୋଗିତା ମଧ୍ୟ ହୁଏ। ରଜ ସମୟରେ ଏଭଳି ପ୍ରତିଯୋଗିତା ଲୋକଙ୍କ ମଧ୍ୟରେ ଏକତା ମନୋଭାବ ସୃଷ୍ଟି କରେ।

ରଜପର୍ବରେ ଘରେ ଘରେ ରଜ ପୋଡପିଠା ପ୍ରସ୍ତୁତ ହୁଏ । ଏଇ ପୋଡପିଠା ବେଶ୍ ରୁଚିକର । ଏହି ପିଠା ତିଆରି କରାଯାଇ ସାଇପଡିଶା ଓ ବନ୍ଧୁବାନ୍ଧବ ମଧ୍ୟରେବଣ୍ଟା ଯାଇଥାଏ । ଅରୁଆ ଚାଉଳ ଚୂନା, ବିରି, ଗୁଡ଼, ନଡ଼ିଆ ଓ ଗୁଜରାତି ଅଳେଇଚ ଇତ୍ୟାଦି ମସଲା ବ୍ୟବହାର କରି ପୋଡପିଠା ପ୍ରସ୍ତୁତ ହୁଏ। ଏଇ ପୋଡପିଠା ବେଶ୍ ରୁଚିକର। ରଜପାନ ରଜପର୍ବରେ ନଥିଲେ ସବୁକିଛି ମାନ୍ଦାମାନ୍ଦା । ରଜରେ କେହି କୁଣିଆ ଆସିଲେ ନବବଧୂମାନେ ରଜପାନ ଦେବାର ବିଧି ରହିଛି । ତାସଖେଳ ହେଉ କି ଲୁଡୁଖେଳ, ସବୁଠି ରଜପାନର ଆସର।

ଏହା ହେଉଛି ଏକ ଆନନ୍ଦମୟ ପର୍ବ। ଶାନ୍ତି, ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବୃଦ୍ଧି କରିବାରେ ରଜପର୍ବର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହାକୁ 'ପାର୍ବଣର ରାଣୀ' ବୋଲି ମଧ୍ୟ କୁହାଯାଏ। ଏହା ଓଡ଼ିଶାର ଏକ ଭାଇଚାରାର ପର୍ବ । ସମସ୍ତେ ମିଶି ଏହି ପର୍ବକୁ ଆନନ୍ଦରେ ପାଳନ କରିନ୍ତି।

**ଡ ପ୍ରସନ୍ନ କୁମାର ଜେନା**

## ସୂଚୀପତ୍ର


| କ୍ର.ସଂ. | ବିଷୟ | ବ୍ୟକ୍ତିତ୍ୱ | ପୃଷ୍ଠା |
|---|---|---|---|
| ୧. | ଜ୍ଞାନପୀଠ ପୁରସ୍କାର... | ଡ. ପ୍ରମୋଦ ଚନ୍ଦ୍ର ଦାଶ | ୫ |
| ୨. | ସଦ୍‌ଗୁଣାବଳୀ | ଡାକ୍ତର ନିତ୍ୟାନନ୍ଦ ସ୍ୱାଇ | ୬ |
| ୩. | ହଜି ଯାଉଛି ମୁଁ | ଶିବ ମିଶ୍ର | ୭ |
| ୪. | ଏକ ଚିନ୍ତନ | ପ୍ରଫୁଲ୍ଲ କୁମାର ସାମନ୍ତରାୟ | ୭ |
| ୫. | ସୁସ୍ଥ ପରିବାର ଗଠନରେ... | ପଦ୍ମନାଭ ପାଣିଗ୍ରାହୀ | ୮ |
| ୬. | ଏଇତ ଜୀବନ... | ଲୋହିତ ନାରାୟଣ ମହାପାତ୍ର | ୯ |
| ୭. | ଅହଂକାରୀର ବିଜୟ କାହିଁ? | ରମାକାନ୍ତ ମିଶ୍ର | ୧୦ |
| ୮. | ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ | ରାମଶଙ୍କର | ୧୧ |
| ୯. | ରାମାୟଣରେ ବିଜ୍ଞାନ | ବିଭୂତିଭୂଷଣ ସେନାପତି | ୧୨ |
| ୧୦. | ଦୂରଦର୍ଶୀ | ଡ୍. ଲାବଣ୍ୟଚନ୍ଦ୍ର ସାହୁ | ୧୩ |
| ୧୧. | ସଙ୍ଗଦୋଷର ପ୍ରଭାବ | ଉମାଶଙ୍କର ପ୍ରସାଦ | ୧୪ |
| ୧୨. | ବହି | ବିଭୂପ୍ରସାଦ ହରିଚନ୍ଦନ | ୧୫ |
| ୧୩. | ଦୃଷ୍ଟିକୋଣରେ ପରିବର୍ତ୍ତନ | ତୁଳସୀ ଜୈନ | ୧୫ |
| ୧୪. | ଅବନୀ ବରାଳ... | ତ୍ରିଲୋଚନ ମହାପାତ୍ର | ୧୬ |
| ୧୫. | ଡ଼ାକଟିକଟରୁ ଜ୍ଞାନ | ଡ. ଭବାନୀଶଙ୍କର ଦାଶ | ୧୭ |
| ୧୬. | ଭାରତର ନୂତନ ସଂସଦ ଭବନ | | ୧୮ |
| ୧୭. | ଆଇ.ପି.ଏଲ.ରେ ଚେନ୍ନାଇ... | ଆଶିଷ କୁମାର ରାୟ | ୧୯ |
| ୧୮. | ବିଜ୍ଞାନ ବିଚିତ୍ରା | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୧ |
| ୧୯. | ଥାଇରଏଡ୍ କ୍ୟାନ୍ସର | ଡକ୍ଟର ପ୍ରେମଚାନ୍ଦ ମହାନ୍ତି | ୨୨ |
| ୨୦. | ସମ୍ବାଦ ବିଚିତ୍ରା | | ୨୪ |
| ୧୯. | ସାଧାରଣ ଜ୍ଞାନ | | ୨୫ |
| ୨୦. | ପର୍ବପର୍ବାଣୀ ଓ ମୁଖ୍ୟ ଦିବସ | | ୩୨ |


## ବାପା

ସଙ୍ଘମିତ୍ରା ଭୋଳ

'ବାପା' ତୁମେ ସଂଜ୍ଞା ହୀନ ଶବ୍ଦଟିଏ,
ଅସୀମ ଅପାର ସିନ୍ଧୁଟିଏ,
ଅବର୍ଣ୍ଣନୀୟ ଅବୋଧ ରୂପଟିଏ।
'ବାପା' ପ୍ରେରଣାର ଉତ୍ସଟିଏ,
ଅଗଣିତ ଜୀବନର ଧାରାଟିଏ,
ପରଶେ ତୁମରି ପଲ୍ଲବିତ ହୁଏ
ଦୁବଟି ସୁବିଶାଳ ଦ୍ରୁମରେ।
'ବାପା' ତୁମେ ଧୈର୍ଯ୍ୟ ଓ ସାହାସର
ମୂର୍ତ୍ତିମନ୍ତ ପ୍ରତୀକ ଟିଏ।
ଆଶିଷ ମୁଦ୍ରାରେ ସଦା ପ୍ରତିଭାତ ସମ୍ମୁଖରେ।
'ବାପା' ମୋ ଜୀବନର ଅଲିଭା ସଳିତାଟେ
ଅଜ୍ଞାନ ଅନ୍ଧାରରେ ରାହାଟିଏ।
ସଦା ଦୀପ୍ତିମନ୍ତ ଆମ ଜୀବନ ଜୀବନେ।

**ଗୋଡା ଧର୍ମସାଗର, ଜଟଣୀ**
**୯୮୫୩୫୩୫୦୯୫**

## ପ୍ରତାରଣା ଏକ ପ୍ରଶ୍ନବାଚୀ.....

ଆରତୀ ପ୍ରହରାଜ



ଜୀବନ ସମଷ୍ଟି ରେ କଣ୍ଟା ଆଉ ଫୁଲ ର ବିହାର
ବ୍ୟାପ୍ତି ପ୍ରାପ୍ତି ସମାପ୍ତି ର? ଅପୂର୍ବ ସମାହାର
ମିଳେନା ଉତ୍ତର ଥମେନା ପ୍ରକୋପ ଝଡର
ଅବୁଝା ମନର ସରେନା ଭାବନା ହୃଦର
କିଏ ଏହି ପ୍ରତାରଣା???
କିଛି ଜଣା କିଛି ବି ଅଜଣା
ବିଶ୍ୱାସ ରେ ବିଷ, କଳୁଷିତ ମନ ଆଉ ଅବାଞ୍ଛିତ କାମନା
ଅପେକ୍ଷା ର? ଉପେକ୍ଷା ଦିଗହଜା ସମ୍ଭାବନା
ଭଙ୍ଗା ମନ ଆଉ ହୃଦୟ ଦହନ
ପ୍ରେମ ଆଉ ଉନ୍ମାଦନା ର ଦମନ
ପାଏନା କିନାରା କୋଉଠି ସେ ଛିଦ୍ର
ପ୍ରତାରଣା ର ଆସ୍ଥାନ
ହରାଇଛି ସେଇ ସବୁ ଯାହା କେବେ ବି ନ ଥିଲା ନିଜସ୍ୱ
ସେଇ ତ ତା'ର ଶ୍ରେଷ୍ଠ ଉପହାର
ଅପସରି ଗଲା ଯାହା ସବୁ
ସେ ତ ଥିଲା ଅଳୀକ ସପନ
ସୂରୁଯ ଉଦୟ ହୁଏ ବୁଣିଦିଏ ସୁନେଲି କିରଣ
ସାଥେ ସାଥେ ଆରପାଖେ ଭରିଦିଏ ଅମା ଅନ୍ଧକାର
ତେବେ କାହାର ପ୍ରତାରଣା କାହାପାଇଁ
ସୂରୁଯ ର ମୋ ପାଇଁ
ନା ମୋର ସୂରୁଯ ପାଇଁ
ଟିକିଏ ତଳେଇ ଦେଖ ମିଳିଯିବ ସମାଧାନ
ପ୍ରତାରଣା ରହିଯିବ ପ୍ରଶ୍ନବାଚୀ ହୋଇ
ଆଲୋକିତ ହେବ ମନ କାଳିମା
ଯିବ ତ ଦୂରେଇ

**ଭୁବନେଶ୍ୱର**
**୯୪୩୮୩୬୦୨୫୨**



ମନୁଷ୍ୟ ମନରେ ସାଧାରଣତଃ ଦୁଇଟି ପରାକ୍ରମଶାଳୀ ଶତ୍ରୁ ଅଛନ୍ତି। ମାନସିକ ଅନିଶ୍ଚିତତା ଓ କ୍ଷୁଦ୍ରାତ୍ମବୋଧ।

# ଜ୍ଞାନପୀଠ ପୁରସ୍କାର ବିଜେତା ଦାମୋଦର ମାଉଜୋ



ଉପସ୍ଥାପନା - ଡ. ପ୍ରମୋଦ ଚନ୍ଦ୍ର ଦାଶ

ଜ୍ଞାନପୀଠ ପୁରସ୍କାର ହେଉଛି ସର୍ବ ପୁରାତନ ତଥା ସର୍ବୋଚ୍ଚ ଭାରତୀୟ ସାହିତ୍ୟିକ ପୁରସ୍କାର ଯାହାକି ଭାରତୀୟ ସାହିତ୍ୟ ପ୍ରତି ଉଲ୍ଲେଖନୀୟ ଅବଦାନ ପାଇଁ ଭାରତୀୟ ଲେଖକଙ୍କୁ ପ୍ରତିବର୍ଷ ପ୍ରଦାନ କରାଯାଏ। ୧୯୬୧ରେ ସ୍ଥାପିତ ଏହି ପୁରସ୍କାର ଭାରତର ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ତାଲିକାଭୁକ୍ତ ୨୨ଟି ଭାରତୀୟ ଭାଷା ସହିତ ଇଂରାଜୀରେ ଲେଖୁଥିବା ଭାରତୀୟ ଲେଖକମାନଙ୍କୁ ପ୍ରଦାନ କରାଯାଏ । ଏହି ପୁରସ୍କାରରେ ୧୧ ଲକ୍ଷ ଟଙ୍କାର ନଗଦ ପୁରସ୍କାର, ଏକ ଉଦ୍ଧୃତି ଏବଂ ବାଗଦେବୀଙ୍କର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ରହିଛି। ୨୩ଟି ଯୋଗ୍ୟ ଭାଷା ମଧ୍ୟରୁ ୧୬ଟି ଭାଷାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି : ହିନ୍ଦୀ (୧୧), କନ୍ନଡ (୮), ବଙ୍ଗଳା ଏବଂ ମାଲାୟାଲମ୍ (୬ଟି ଲେଖାଏଁ), ଗୁଜୁରାଟୀ, ମରାଠି, ଓଡିଆ ଏବଂ ଉର୍ଦ୍ଦୁ (୪ଟି ଲେଖାଏଁ), ଆସାମ ଏବଂ ତେଲୁଗୁ (୩ଟି ଲେଖାଏଁ), ପଞ୍ଜାବୀ, ତାମିଲ ଏବଂ କୋଙ୍କଣୀ (୨ଟି ଲେଖାଏଁ), ଇଂରାଜୀ, କାଶ୍ମୀରୀ ଏବଂ ସଂସ୍କୃତ (ଗୋଟିଏ ଲେଖାଏଁ)। ବର୍ତ୍ତମାନ ପର୍ଯ୍ୟନ୍ତ ୮ ଜଣ ମହିଳା ଲେଖକଙ୍କ ସମେତ ୫୦ ଜଣ ଲେଖକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ୧୯୬୫ରେ ପ୍ରଥମେ ମାଲୟାଲମ ଲେଖକ ଜି. ଶଙ୍କର କୁରୂପ ତଥା ୧୯୭୬ରେ ବଙ୍ଗଳା ଔପନ୍ୟାସିକ ଆଶାପୂର୍ଣ୍ଣା ଦେବୀ ପ୍ରଥମ ମହିଳା ଭାବରେ ପୁରସ୍କାର ଲାଭ କରିଥିଲେ। ସଦ୍ୟତମ ପ୍ରାପ୍ତ ଲେଖକ ଭାବରେ କୋଙ୍କଣୀ ଲେଖକ ଦାମୋଦର ମାଉଜୋ ୨୦୨୨ ବର୍ଷ ପାଇଁ ପୁରସ୍କୃତ ହୋଇଛନ୍ତି।



ଗୋଆର କୋଙ୍କଣୀ କ୍ଷୁଦ୍ରଗଳ୍ପ ଲେଖକ, ଔପନ୍ୟାସିକ, ସମାଲୋଚକ ତଥା ଚିତ୍ରପଟ୍ଟ ଲେଖକ ଦାମୋଦର ମାଉଜୋଙ୍କୁ ଭାରତର ସର୍ବୋଚ୍ଚ ସାହିତ୍ୟିକ ସମ୍ମାନର ୫୭ତମ ଜ୍ଞାନପୀଠ ପୁରସ୍କାର ପ୍ରଦାନ କରାଯାଇଛି।

୨୦୦୮ରେ ରବୀନ୍ଦ୍ର କେଲେକରଙ୍କ ପରେ ମାଉଜୋ ଦ୍ୱିତୀୟ କୋଙ୍କଣୀ ଭାବରେ ଏହି ପୁରସ୍କାର ଗ୍ରହଣ କରିବାର ସୁଯୋଗ ଲାଭ କରିଛନ୍ତି। ମାଉଜୋଙ୍କ ୨୫ଟି ପୁସ୍ତକ କୋଙ୍କଣୀରେ ଏବଂ ଗୋଟିଏ ଇଂରାଜୀରେ ପ୍ରକାଶିତ ହୋଇଛି। ତାଙ୍କର ଅନେକ ପୁସ୍ତକ ମଧ୍ୟ ବିଭିନ୍ନ ଭାଷାରେ ଅନୁବାଦ କରାଯାଇଛି। ମାଉଜୋଙ୍କ ପ୍ରସିଦ୍ଧ ଉପନ୍ୟାସ 'କର୍ମଲିନ୍' ୧୯୮୩ରେ ସାହିତ୍ୟ ଏକାଡେମୀ ପୁରସ୍କାର ଗ୍ରହଣ କରିଛି।

ମାଉଜୋ ୧୯୪୪ ମସିହାରେ ଗୋଆର ଆଲଡୋନା ଗ୍ରାମରେ ଜନ୍ମଗ୍ରହଣ କରିଛନ୍ତି। ସେ ବମ୍ବେ ବିଶ୍ୱବିଦ୍ୟାଳୟରୁ ଇଂରାଜୀରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ସ୍ନାତକ ହାସଲ କରିବା ପରେ, ସେ ଜଣେ ପୂର୍ଣ୍ଣକାଳୀନ ଲେଖକ ହେବା ପୂର୍ବରୁ କିଛି ବର୍ଷ ସାମ୍ବାଦିକ ଭାବରେ କାର୍ଯ୍ୟ କରିଥିଲେ। ସେ ସାହିତ୍ୟ ଏକାଡେମୀ ଏବଂ ଗୋଆ କୋଙ୍କଣୀ ଏକାଡେମୀର ମଧ୍ୟ ସଦସ୍ୟ ଅଟନ୍ତି।

ସେ ୬୦ ଦଶକ ଆରମ୍ଭରେ କ୍ଷୁଦ୍ରଗଳ୍ପ ଲେଖିବା ଆରମ୍ଭ କରିଥିଲେ ଏବଂ ସେଗୁଡ଼ିକର ଇଂରାଜୀ, ଫରାସୀ, ପର୍ତ୍ତୁଗୀଜ୍ ତଥା ଅନ୍ୟାନ୍ୟ ଭାଷାରେ ଅନୁବାଦ କରାଯାଇଥିଲା। ମାଉଜୋଙ୍କ ଲେଖାଗୁଡ଼ିକ ପ୍ରାୟତଃ ଗୋଆରେ ସାଧାରଣ ଲୋକଙ୍କ ଜୀବନ ସହିତ ଜଡିତ ଏବଂ ସେ ସାମାଜିକ ଏବଂ ଅର୍ଥନୈତିକ ପ୍ରସଙ୍ଗଗୁଡିକର ବାସ୍ତବ ଚିତ୍ରଣ ପାଇଁ ଜଣାଶୁଣା। ତାଙ୍କର ଅନ୍ତର୍ନିହିତ ଭାବ ଏବଂ କରୁଣା ପାଇଁ ତାଙ୍କର କାହାଣୀଗୁଡିକୁ ପ୍ରଶଂସା କରାଯାଇଛି। ମାଉଜୋଙ୍କ କାର୍ଯ୍ୟ ସାହିତ୍ୟ ଜଗତ ପାଇଁ ଏକ ମୂଲ୍ୟବାନ ଅବଦାନ। ସେ କ୍ଷୁଦ୍ରଗଳ୍ପର ପ୍ରକୃତ ଗୁରୁ। ମାଉଜୋ ସାହିତ୍ୟ ଏକାଡେମୀ ପୁରସ୍କାର, ପଦ୍ମଶ୍ରୀ ଏବଂ ପଦ୍ମ ଭୂଷଣ ସମେତ ଅନେକ ପୁରସ୍କାରରେ ସମ୍ମାନିତ ଏବଂ ଜ୍ଞାନପୀଠ ପୁରସ୍କାରର ଯୋଗ୍ୟ ପ୍ରାପ୍ତକର୍ତ୍ତା।



କେବଳ ଅର୍ଥ ବୋଧ ନୁହେଁ, ମାନସିକ ଶକ୍ତିର ଉନ୍ମେଷ ଶିକ୍ଷାର ପ୍ରଧାନ ଉଦ୍ଦେଶ୍ୟ।

# ସଦ୍‌ଗୁଣାବଳୀ



ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ

ଅନେକ ଦିନର ତଳର କଥା। ଗୋଟିଏ ଚମତ୍କାର ପ୍ରାସାଦର କେନ୍ଦ୍ରସ୍ଥଳରେ ରହିଥିଲା ଗୋପନୀୟ ଏକ ପବିତ୍ର ସ୍ଥଳ। ଅନ୍ୟ କେହି ସେହି ପ୍ରବିତ୍ରସ୍ଥଳଟିର ଦ୍ୱାରବନ୍ଧକୁ ବି କେବେ ଅତିକ୍ରମ କରିନଥିଲେ। ପୁନଶ୍ଚ ଏହାର ବାହ୍ୟ ପ୍ରକୋଷ୍ଠଗୁଡ଼ିକ ମଧ୍ୟକୁ କୌଣସି ମରଣଶୀଳ ବ୍ୟକ୍ତିର ବି ପ୍ରବେଶାଧିକାର ନଥିଲା। କାରଣ ପ୍ରାସାଦଟି ରହିଥିଲା ଅତି ଉଚ୍ଚଆକାଶରେ, ବାଦଲଗୁଡ଼ିକ ଦ୍ୱାରା ପରିବେଷ୍ଟିତ ହୋଇ। ସୁତରାଂ ଛୋଟବଡ଼ କୌଣସି ବ୍ୟକ୍ତି ସେହି ସ୍ଥାନକୁ ବାଟ ପାଇବା ଥିଲା ସଂପୂର୍ଣ୍ଣ ଅସମ୍ଭବ। ତାହା ଥିଲା ସତ୍ୟର ପ୍ରାସାଦ।

ଦିନେ ସେଠାରେ ଅନୁଷ୍ଠିତ ହେଲା ଏକ ଉତ୍ସବ। ଉତ୍ସବ ମଣିଷମାନଙ୍କ ଉଦ୍ଦେଶ୍ୟରେ ନୁହେଁ। ତାହା ଥିଲା ଛୋଟବଡ଼ ଦେବାଦେବୀମାନଙ୍କ ପାଇଁ ଯେଉଁମାନେ ପୃଥିବୀରେ ସଦ୍‌ଗୁଣାବଳୀ ନାଆଁରେ ସମ୍ମାନିତ ତଥା ପୂଜିତ ହୋଇଥାନ୍ତି।

ପ୍ରାସାଦଟିର ପ୍ରବେଶ ପ୍ରକୋଷ୍ଠଟି ଥିଲା ବିରାଟ। ତା'ର କାନ୍ଥ, ଚଟାଣ ଓ ଛାତ ଇତ୍ୟାଦି ସ୍ୱତଃ ପ୍ରଦାନ କରୁଥିଲା ଆଲୋକ। ଅସଂଖ୍ୟ ଉତ୍ସରୁ ଉତ୍ସରିତ ହେଉଥିଲା ଏପରି ଉଜ୍ଜ୍ୱଳ ଆଲୋକ, ଯେଉଁଥିରେ ଆଖି ଝଲସି ଯାଉଥିଲା।

ତାହା ଥିଲା ପ୍ରଜ୍ଞାର ପ୍ରକୋଷ୍ଠ। ଚଟାଣ ନିକଟସ୍ଥ ଆଲୋକ ଥିଲା ବେଶ୍ କୋମଳ ଏବଂ ସୁନ୍ଦର ସ୍ୱଚ୍ଛ ନୀଳାମଣି ରଙ୍ଗ ବିଶିଷ୍ଟ। କିନ୍ତୁ ଛାତ ଆଡ଼କୁ ଏହା ଧୀରେ ଧୀରେ ବେଶ୍ ସୁସ୍ପଷ୍ଟ ଥିଲା ଛାତରୁ ଝୁଲୁଥିଲା ବହୁ ଶାଖା ବିଶିଷ୍ଟ ଉଜ୍ଜ୍ୱଳ ପ୍ରଦୀପଗୁଡ଼ିକର ଆଧାର। ତାହା ହୀରାଭଳି ଝଟକୁଥିଲା। ସେଥିରୁ ବିଚ୍ଛୁରିତ ହୋଇଚାଲିଥିଲା ଆଖି ଝଲସିଆ ରଶ୍ମି।

ସଦ୍‌ଗୁଣାବଳୀ ଅଲଗା ଅଲଗା ଭାବରେ ଆସିଥିଲେ ମଧ୍ୟ ସାଙ୍ଗେସାଙ୍ଗେ ନିଜନିଜ ପସନ୍ଦକୁ ରହି ଭିନ୍ନଭିନ୍ନ ଗୋଷ୍ଠୀରେ ଏକତ୍ର ହୋଇଗଲେ। ପରସ୍ପରର ସାନ୍ନିଧ୍ୟ ପାଇ ସେମାନଙ୍କ ଖୁସିର ସୀମା ନଥିଲା। କାରଣ ସାରା ପୃଥିବୀରେ ସେମାନେ ପରସ୍ପରଠାରୁ ଖୁବ୍ ଦୂରତ୍ୱରେ ବିଛାଡ଼ି ହୋଇ ରହିଥିଲେ। ଅପରିଚିତ ତଥା ଅନ୍ୟ ଜଗତର ସତ୍ତାଗୁଡ଼ିକ ମଧ୍ୟରେ ସେମାନେ ରହି ଆସିଥିଲେ ନିଃସଙ୍ଗ ପରସ୍ପରଠାରୁ ବିଚ୍ଛିନ୍ନ।

ଉତ୍ସବଟିର ନେତୃତ୍ୱ ନେଇଥିଲେ ଆନ୍ତରିକତା। ସେ ପରିଧାନ କରିଥିଲେ ପରିଷ୍କାର ଜଳ ଭଳି ସ୍ୱଚ୍ଛ ପୋଷାକ। ସେ ହାତରେ ଧରିଥିଲେ ଘନ ଆକୃତି ବିଶିଷ୍ଟ କଠିନ ପଦାର୍ଥର ଏକ ଶୁଦ୍ଧତମ ସ୍ଫଟିକ। ସେଥିରୁ ପ୍ରତିବିମ୍ବଗୁଡ଼ିକ ଆଦୌ ବିକୃତ ନ ହୋଇ ପ୍ରତିଫଳିତ ହୋଇଥିବାରୁ ସେଗୁଡ଼ିକ ସାଧାରଣ ଭାବରେ ଯେପରି ଦେଖାଯାଇଥାଏ ସେପରି ଦେଖାନଯାଇ ଦେଖାଯାଉଥିଲା ସେଗୁଡ଼ିକର ବାସ୍ତବର ରୂପରେ। ଆନ୍ତରିକତାଙ୍କ ଖୁବ୍ ନିକଟରେ ଦୁଇଜଣ ଅତି ବିଶ୍ୱସ୍ତ ଅଭିଭାବକ ଭାବରେ ଦଣ୍ଡାୟମାନ ରହିଥିଲେ ଗର୍ବିତ ତଥା ସମ୍ମାନାସ୍ପଦା ନମ୍ରତା ଏବଂ ସାହସ। ସାହସଙ୍କ କପାଳ ଥିଲା ଉନ୍ନତ, ଚକ୍ଷୁଯୁଗଳ ସ୍ୱଚ୍ଛ ଏବଂ ତୀକ୍ଷଣ ଏବଂ ଓଷ୍ଠଦ୍ୱୟ ଦୃଢ଼। ଓଷ୍ଠଧାରରେ ଶୋଭାପାଉଥିଲା ମୃଦୁହାସ୍ୟ। ସାହସ ଥିଲେ ବେଶ୍ ପ୍ରଶାନ୍ତ ଏବଂ ଦୃଢ଼ପ୍ରତିଜ୍ଞ। ସାହସଙ୍କ ଅତି ନିକଟରେ ଓ ସାହାସଙ୍କ ହାତକୁ ଧରି ଦଣ୍ଡାୟମାନ ରହିଥିଲେ ଜଣେ ମହିଳା। ସଂପୂର୍ଣ୍ଣ ଅବଗୁଣ୍ଠନବତୀ ଥିବାରୁ ଅବଗୁଣ୍ଠନ ମଧ୍ୟ ଦେଇ ଝଲସୁଥିବା ତାଙ୍କର ସନ୍ଧାନୀ ଚକ୍ଷୁଦ୍ୱୟ ବ୍ୟତୀତ ଅନ୍ୟ କିଛି ଦୃଶ୍ୟମାନ ହୋଇପାରୁନଥିଲା। ସେହି ମହିଳା ଜଣକ ଥିଲେ ବିଜ୍ଞତା।

ସେହି ସମସ୍ତଙ୍କ ମଧ୍ୟରେ ଆତଯାତ ହେବା ସଙ୍ଗେ ସଙ୍ଗେ ପରସ୍ପରର ସାନ୍ନିଧ୍ୟରେ ରହିଥିବା ଭଳି ମାଲୁମ ପଡୁଥିଲେ ବଦାନ୍ୟତା। ବଦାନ୍ୟତା ଥିଲେ ଯେତିକି ସତର୍କ ସେତିକି ଶାନ୍ତ, ସତର୍କ ଅଥଚ ବିଚାରଶୀଳ। ସମସ୍ତଙ୍କ ଭିତରେ ଆତଯାତ ହେଉଥିବାବେଳେ ସେ ପଛେପଛେ ପ୍ରଦାନ କରି ଚାଲିଥିଲେ ଏକ ଅତି ମୃଦୁ ଶୁଭ୍ର ଆଲୋକ ଧାରା। ମାତ୍ର ତାଙ୍କଠାରୁ ପ୍ରସାରିତ ହୋଇ ଚାଲିଥିବା ରହସ୍ୟପୂର୍ଣ୍ଣ ତଥା ଅନ୍ୟମାନଙ୍କ ପ୍ରତି ଦୃଶ୍ୟମାନ ହେଉନଥିବା ସେହି ଆଲୋକର ଉତ୍ସ କିଏ ଥିଲେ ? ସେହି ଆଲୋକର ଉତ୍ସ ଥିଲେ ବଦାନ୍ୟତାଙ୍କର ଘନିଷ୍ଠ ତଥା ଅବିଚ୍ଛେଦ୍ୟ ସଙ୍ଗୀ ଏବଂ ତାଙ୍କର ଯମଜ ଭଗିନୀ ନ୍ୟାୟାଚାର।

ବଦାନ୍ୟତାଙ୍କୁ ବ୍ୟଷ୍ଟନ କରି ରହିଥିଲେ ଅତି ଦୀପ୍ତିମାନ ସହଚରଗୋଷ୍ଠୀ। ସେମାନେ ବଦାନ୍ୟତାଙ୍କ ସୁରକ୍ଷା ଦାୟିତ୍ୱରେ ଥିଲେ। ସେମାନେ ହେଲେ ଅନୁକମ୍ପା, ସହିଷ୍ଣୁତା, ଭଦ୍ରତା, ଅନୁଗ୍ରହ ଏବଂ ଆହୁରି ଅନେକେ। ଏହି ସମସ୍ତ ସେଠାରେ ଉପସ୍ଥିତ ଥିଲେ କିମ୍ବା ଉପସ୍ଥିତ ବୋଲି ସେମାନେ ମନେ କରୁଥିଲେ ଅନ୍ତତଃ। ମାତ୍ର ଏହାପରେ ସେଠାରେ , ସେହି ସ୍ୱର୍ଣ୍ଣାଭ ମଞ୍ଚ ଉପରେ ହଠାତ୍ ଆସି ଆବିର୍ଭୂତ ହେଲେ ଜଣେ ନବାଗତା।

ଦ୍ୱାର ନିକଟରେ ଦଣ୍ଡାୟମାନ ରହି ପ୍ରବେଶ ଓ ପ୍ରସ୍ଥାନକୁ ନିୟନ୍ତ୍ରଣ କରୁଥିବା ରକ୍ଷୀମାନେ ବଡ଼ ଅନିଚ୍ଛା ସହକାରେ ତାଙ୍କୁ ଭିତରକୁ ଯିବା ନିମନ୍ତେ ଅନୁମତି ଦେଲେ। ସେମାନେ କେହି ଏହି ନବାଗତାଙ୍କୁ ପୂର୍ବରୁ କେବେବି ଦେଖିନଥିଲେ। ତାଙ୍କ ବାହ୍ୟରୂପ ମଧ୍ୟ ସେମାନଙ୍କୁ ପ୍ରଭାବିତ କରିପାରିବା ଭଳି ନଥିଲା।

ବାସ୍ତବରେ ସେ ଥିଲେ ଜଣେ ଅଳ୍ପବୟସ୍କା ତରୁଣୀ। ତାଙ୍କଠାରେ କୌଣସି ଆଡ଼ମ୍ବର ନଥିଲା। ସେ ପରିଧାନ କରିଥିଲେ ଶୁଭ୍ର ବସ୍ତ୍ର। ତାହା ପୁଣି ଥିଲା ଖୁବ ସରଳ ଓ ଦରିଦ୍ର ଲୋକମାନେ ପିନ୍ଧିବା ବସ୍ତ୍ର ଭଳି। ସେ ଅଗ୍ରସର ହେଉଥିଲେ ଅତିଧୀର ପଦରେ, ଥିଲେ ଖୁବ ଲଜ୍ଜାଶୀଳା ଏବଂ ଅପ୍ରତିଭ। ଏଭଳି ଏକ ବିରାଟ ତଥା ଦୀପ୍ତିମନ୍ତ ସମାବେଶରେ ସେ ନିଜକୁ ବଡ଼ ଇତସ୍ତତଃ ମନେ କରୁଥିଲେ। କାହା ନିକଟକୁ ଯିବେ ସ୍ଥିର କରି ନପାରି ସେ ରହି ରହି



ବେଦ ପୁରାଣ ପ୍ରଭୃତି ଶାସ୍ତ୍ର ପାଠ କଲେ ସାମୟିକ ଆନନ୍ଦ ମିଳିଥାଏ ସତ, କିନ୍ତୁ ଭଗବାନଙ୍କୁ ପାଇବାର ଉପାୟ ତାହା ନୁହେଁ।

ଧୀର ପଦକ୍ଷେପରେ ଅଗ୍ରସର ହେଉଥିଲେ।

ନିଜ ସଙ୍ଗୀ ତଥା ସହଚରୀମାନଙ୍କ ସହ ସାମାନ୍ୟ ଭାବ ଆଦାନ ପ୍ରଦାନ କରିସାରି ଓ ସେମାନଙ୍କ ଅନୁରୋଧ ରକ୍ଷାକରି ସେହି ଅପରିଚିତାଙ୍କ ନିକଟକୁ ଆଗେଇ ଗଲେ ବିଜ୍ଞତା। ଅପ୍ରତିଭ ଅନୁଭବ କଲେ ସମସ୍ତେ ଯେପରି କରିଥାନ୍ତି, ସେହିପରି ଭାବରେ ଛେପଢ଼ୋକି ଓ ଗଳାକୁ ପରିଷ୍କାର କରି ସେ ନବାଗତାଙ୍କୁ ଚାହିଁ କହିଲେ, "ଆମେ ଯେଉଁମାନେ ଏଠାରେ ସମବେତ ହୋଇଛେ ସମସ୍ତେ ପରସ୍ପରକୁ ଜାଣୁ, ପରସ୍ପରର ନାଁ ଓ ଗୁଣଗ୍ରାମ ମଧ୍ୟ ଜାଣୁ। କିନ୍ତୁ ଆପଣଙ୍କର ଆଗମନରେ ଆମେ ସମସ୍ତେ ବଡ଼ ବିସ୍ମିତ ହୋଇ ପଡ଼ିଛୁ। କାରଣ ଆମ ସମସ୍ତଙ୍କୁ ଆପଣ ଖୁବ ଅପରିଚିତା ବୋଲି ମାଲୁମ ପଡୁଛନ୍ତି। ଅନ୍ତତଃ ଏହା ପୂର୍ବରୁ ଆମେ ଆପଣଙ୍କୁ କେଉଁଠି ଦେଖିଥିବାର ମନେ ପକାଇ ପାରୁନୁ। ଦୟାକରି ଆପଣ ଆମ୍ଭମାନଙ୍କ ନିକଟରେ ନିଜର ପରିଚୟ ପ୍ରଦାନ କରିପାରିବେ କି?"

ନବାଗତ ଜଣକ ଏହା ଶୁଣି ଏକ ଦୀର୍ଘଶ୍ୱାସ ଛାଡ଼ିଲେ। ତା'ପରେ ଉତ୍ତର ଦେଲେ, "ହାୟ! ଏହି ପ୍ରସାଦରେ ମୁଁ ଅପରିଚିତା ମନେ ହେବାର ଆଦୌ ବିସ୍ମିତ ନୁହେଁ। କାରଣ ମୋତେ ଅନ୍ୟମାନେ କଦବା କେମିତି ଆମନ୍ତ୍ରଣ କରିଥାନ୍ତି। ମୋ ନାଁ ହେଉଛି କୃତଜ୍ଞତା!"

ଅଭୀପ୍ସା
ସେକ୍ଟର-୬,ପ୍ଲଟ ନଂ-୧୧୩୧
ଅଭିନବ ବିଡ଼ାନାସୀ କଟକ- ୭୫୩୦୧୪
ସଂଶୋଧିତ -୨୧୦୭୨୨

# ହଜି ଯାଉଛି ମୁଁ

**ଶିବ ମିଶ୍ର**

ହଜି ହଜି ଯାଉଛି ମୁଁ ଧୀରେ ଧୀରେ
ମୋ, ଏକଲା ପଣିଆ ଭିତରେ
କହ, ତୋ ବିନା କିଏ ବା ଚିହ୍ନିଛି ମୋତେ
ଏଇ, ଦୁନିଆରେ ?
ଆଉ କେହି ପାଇବେନି
ତୁ, ମୋତେ ଖୋଜି ଦେଇ ଯା
ଯାହା ମୁଁ ଲେଖିଛି ଏଠି ବସି ବସି
ବିନା କାଗଜ, ବିନା କଲମରେ
ତୁ, ଏକା ସମଝି ପାରିବୁ
ମୋ, ନିରାକାର ଶବ୍ଦର ଅର୍ଥ
ଶୂନ୍ୟରେ, ମିଶିଯିବା ଆଗରୁ ମୋ ଲେଖା
ଥରଟିଏ ପଢ଼ି ଦେଇ ଯା,
ଆଖର ହେଲାଣି ଦିନ , ଆଗତ ରାତି
ତୁ ତ ମୋର ଆଲୁଅର ଅନ୍ଧାରର ସାଥୀ
ଘେନାକର, ଅନୁରୋଧ ଶେଷଥର
କୋଳରେ ଧରି ତୋର ବିଶାଳ ହାତରେ
କ୍ଷୀଣ ଏ ଦେହକୁ ମୋର
ଟିକେ ଆଉଁସି ଦେଇ ଯା'।।

ବାଣପୁର, ଖୋରଧା
ଦୂରଭାଷ- ୯୮୫୩୦୭୦୦୧୮

# ଏକ ଚିନ୍ତନ

**ପ୍ରଫୁଲ୍ଲ କୁମାର ସାମନ୍ତରାୟ**

ମରଣ ଦୂରତା ମାପି ହୁଏନି
କେତେ ଦୈର୍ଘ୍ୟ, ପ୍ରସ୍ଥ ଜଣା ପଡ଼େନି
ସମସ୍ତ ଜନ୍ମର ଅତୀତ
ଭୃଗୁ ସଂହିତାରୁ ହୁଅଇ ଜ୍ଞାତ
ପ୍ରାରବ୍ଧର ଶକ୍ତି ବର୍ତ୍ତମାନ ଗତି
ପଥ ନିର୍ଦ୍ଦେଶରେ ମାନବ ଜାତି
ଗତିଶୀଳ ଜୀବନର ପରିବେଶରେ
ସନ୍ତୁଳିତ, ସଂକୁଚିତ, ସଂପ୍ରସାରିତ ସ୍ରୋତରେ
ନଉକା ଚଳାଇ ନାଉରୀ ସାଜଇ ଜାଲବିଛାଇ ନଈରେ
ଆଶାର ଟୋକେଇ ଧରି ଦୃଢ଼ ମନରେ
ଆଗେଇ ଚାଲେ ସିଏ ସାବଲିଳ ଗତିରେ
ବାହୁବଳ ଖଟାଇ ଭୋଗ୍ୟ ବସ୍ତୁ ପାଇ
କାମନା ବାସନାରେ ବୁଡ଼ି ଘାରି ହୁଅଇ
ବାସ୍ନା ଉଡ଼ିଗଲେ କନା ପଡ଼ିରହେ
ହୁଅଇ ଅଦରକାରୀ
ଶାଶ୍ୱତ ପଥରେ ପଥିକ ସାଜିଲେ
ମିଳିଥାଏ ସ୍ୱର୍ଗପୁରୀ।

# ସୁସ୍ଥ ପରିବାର ଗଠନରେ ନାରୀର ଭୂମିକା



ପଦ୍ମନାଭ ପାଣିଗ୍ରାହୀ



ପରିବାର ଆତ୍ମୀୟତାର ସୀମାହୀନ ମାଇଲଖୁଣ୍ଟ। ସ୍ନେହ ମମତାର ଦୃଢ଼ ରଜ୍ଜୁରେ ସମସ୍ତେ ବନ୍ଧା। ଜେଜେମା, ଜେଜେବାପା, ପିତା, ମାତା, ପତି, ପତ୍ନୀ, ଭାଇ, ପୁତ୍ର, କନ୍ୟା, କକା, ଖୁଡ଼ୀ, ଝିଆରୀ ପୁତୁରା, ସଖା ସହୋଦର ଶବ୍ଦଗୁଡ଼ିକ ତରଙ୍ଗାୟିତ ହୋଇ ମଥା ପିଟୁଥାନ୍ତି ପରିବାର ରୂପକ ସମୁଦ୍ରର ବେଳାଭୂମିରେ ସମସ୍ତ ସ୍ନେହ ପ୍ରେମ ବନ୍ଧନରେ ଏଠି ସୃଷ୍ଟି ହୁଏ ସ୍ୱର୍ଗରମାଦକତା। ଅନ୍ତର୍ବାହ୍ୟରୂପରେ ପରିବାର ସହ ଯୋଡ଼ି ହୋଇଯାଏ ବ୍ୟକ୍ତି କିନ୍ତୁ ପ୍ରଚଣ୍ଡ ବୁଦ୍ଧି ବିବେକ ବଳରେ ନାରୀ ବାନ୍ଧି ରଖେ ପରିବାରକୁ। ଏଥିରୁ ବିଚ୍ଛିନ୍ନ ହେବାର କଳ୍ପନା କଲେ ସମସ୍ୟା ଜାଲରେ ଛନ୍ଦି ହୋଇ ଛଟପଟ ହେବାକୁ ପଡ଼େ। ବାପା ନିରାପଦ ଆଶ୍ରୟର ବିଶାଳ କାନ୍ଥ। ବୋଉ ସଳଖି ଠିଆ କରାଇବାର ମଜବୁତ୍ ଚଟାଣ।

ପରିବାର ଓ ନାରୀ ପରସ୍ପର ପରିପୂରକ। ପରିବାର କହିଲେ ନାରୀ। ନାରୀ କହିଲେ ପରିବାର। "ଗୃହିଣୀ ଗୃହମୁଚ୍ୟତେ" ଗୃହ ମଧ୍ୟରେ ଶାଶୂ, ବୋହୂ, ଯାଆ, ନଣନ୍ଦ, ଝିଅ ସମସ୍ତେ ନାରୀ। ଏମାନଙ୍କ ମଧ୍ୟରେ ସମନ୍ୱୟ ରହିଲେ ସୁସ୍ଥ ପରିବାର ଗଠନ ହୁଏ। 'କାମାତ୍ କ୍ରୋଧ ଜାୟତେ', କାମନାରୁ କ୍ରୋଧ ଜାତ ହୁଏ। ମନରେ କୌଣସି ସ୍ୱାର୍ଥ କାମନା ରହିଲେ, ତାହା ପୂରଣ ନହେଲେ କ୍ରୋଧ ଜାତ ହୋଇଥାଏ। ଅବିଶ୍ୱାସର କ୍ଷୁଦ୍ର ବୀଜଟିଏ ଅଙ୍କୁରୋଦଗମ ହେଲେ ପରସ୍ପର ସନ୍ଦେହ ସୃଷ୍ଟି ହୁଏ। ସନ୍ଦେହ ପାଚେରୀ ଭଳି ଠିଆ ହୋଇଗଲେ କ୍ଷଣକେ ଭାଙ୍ଗିଯାଏ ସୁନାର ସଂସାର। ଭୁଲ ଠିକ୍‌ର ହିସାବ ବୁଢ଼ିଆଣୀ ଜାଲ। ଆତ୍ମାଭିମାନ, ଜିଦି ଆଗରେ ହାର ମାନିଛି ଦାମ୍ପତ୍ୟ ଜୀବନ। ନିଆଁର କ୍ଷୀଣ ଝୁଲାଟିଏ ସମଗ୍ର ଜଙ୍ଗଲକୁ ପୋଡ଼ି ଜାଳି ଧ୍ୱଂସ କଲାଭଳି ସନ୍ଦେହ, ଅବିଶ୍ୱାସର ନିଆଁ ପରିବାରର ବାତାବରଣକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥାଏ।

ପରିବାର ସନ୍ତୋଷର ନନ୍ଦନ ବନ। ସୁଖୀ ପରିବାର ମଧ୍ୟରେ ଆତ୍ମ ସନ୍ତୋଷ ଜାତ ହୋଇଥାଏ। ଏଇଠି ରହିଛି ବୃନ୍ଦାବନ, କାଶୀ, ଗଙ୍ଗା, ଶ୍ରୀକ୍ଷେତ୍ର ସମସ୍ତ ତୀର୍ଥରାଜି। ରକ୍ତ ସମ୍ବନ୍ଧରେ ଆତ୍ମୀୟତା ସ୍ନେହ ପ୍ରେମର ମୂଲ୍ୟାଙ୍କନ ଏଇଠି ହୁଏ ନାହିଁ। ବିଭିନ୍ନ ହଟଗୋଳ, କୋଳାହଳ, ଜଞ୍ଜାଳ ଭିତରେ ଗୋଟିଏ ନାରୀର ଦାୟିତ୍ୱ କମ୍ ନୁହଁ। ଏଇଠି ଝଙ୍କୃତ ହୁଏ ମା' ମୁଖରୁ ନାନାବାୟା ଗୀତ। ସ୍ନେହର ବୁଢ଼ୀ ମା ମୁଖ ନିସୃତ ବୁଢ଼ୀ ଅସୁରୁଣୀ କଥା। ଏଇଠି ପିଲାମାନେ ଶିକ୍ଷା ଲାଭ କରନ୍ତି ସଂସ୍କାର। ଏକତ୍ର ଭୋଜନ, ହାସ୍ୟ ବିନୋଦନ, ସେନେହ, ଶ୍ରଦ୍ଧା, କନିଷ୍ଠ ଜ୍ୟେଷ୍ଠର ଚରଣ ବନ୍ଦନା କରିବା ଏ ସବୁ ଚିରଦିନ ଅତୁଟ ରଖେ ସମ୍ପର୍କ।

ପରିବାର ମଧ୍ୟରେ "ମାତା ପ୍ରଥମେ ଗୁରୁ", ପରିବାର ପ୍ରଥମ ପାଠଶାଳା। ବାଲ୍ୟକାଳୁ ମାତୃ କୋଳରେ ବର୍ଦ୍ଧିତ ହୋଇ ଶିଶୁ ଦୁନିଆର ଭଲ ମନ୍ଦ କ'ଣ ଶିକ୍ଷା କରେ। ମା' ତାକୁ ସତ୍‌ମାର୍ଗରେ ଯିବାର ଶିକ୍ଷା ଦେଇଥାଏ। ଏହାର ଉଦାହରଣ ସ୍ୱାମୀ ବିବେକାନନ୍ଦ, ସନ୍ନ୍ୟାସୀ ହେଲେ ମଧ୍ୟ ମାତାଙ୍କୁ ଜୀବନ ସାରା ସେବା କରୁଥିଲେ। ଏବଂ ମାତୃ ଉପଦେଶକୁ ସର୍ବଦା ପାଳନ କରୁଥିଲେ। ସେ କହୁଥିଲେ ମା'ଙ୍କୁ ଯେ ସେବା ଯତ୍ନ କରେ ତା'ର ଜୀବନ ସଫଳ ହୋଇଥାଏ।

ପରିବାର ସାମାଜିକ ଚେତନାର କେନ୍ଦ୍ର। ମା' ଶିଶୁମାନଙ୍କୁ ବିଭିନ୍ନ ମହାପୁରୁଷଙ୍କ ଜୀବନୀ ବିଷୟରେ ଏବଂ ରାମାୟଣ ମହାଭାରତ କଥାକୁ ବର୍ଣ୍ଣନା କରିବାରେ ସେମାନେ ପରିବାରରୁ ଯାହା ଶିକ୍ଷା କରନ୍ତି, ଆମ ଦେଶର ସଂସ୍କୃତି ପରମ୍ପରା ରାଷ୍ଟ୍ରର ଗୌରବକୁ ରକ୍ଷା କରନ୍ତି। ଏହିଭଳି ବହୁ ଦୃଷ୍ଟାନ୍ତ ପୁରାଣ ଇତିହାସରୁ ଉପଲବ୍ଧ ହୋଇଥାଏ। ପୁତୁଳିବାଈଙ୍କ ପ୍ରେରଣାରେ ମହାତ୍ମାଗାନ୍ଧୀ ଜାତିର ପିତା ହୋଇ ପାରିଥିଲେ। ଜୀଜାବାଈଙ୍କ ପ୍ରଭାବ ଛତ୍ରପତି ଶିବାଜୀଙ୍କ ଉପରେ ପଡ଼ିଥିଲା। ବୈଦିକ ଇତିହାସରେ ସତ୍ୟକାମ ମା' ଜାବାଳୀଙ୍କ ନାମାନୁସାରେ ଗୁରୁଙ୍କ ନିକଟରେ ଜାବାଳୀ ପୁତ୍ର ବୋଲି ପରିଚୟ ପ୍ରଦାନ କରିଥିଲେ। ସୁନୀତିଙ୍କ ପ୍ରେରଣାରେ ଧ୍ରୁବ ଭଗବତ ଦର୍ଶନ କରିପାରିଥିଲେ। ଅଭିମନ୍ୟୁ ମାତୃ ଗର୍ଭରୁ ହିଁ ଚକ୍ରବ୍ୟୂହ ପ୍ରବେଶ ବିଦ୍ୟା ଶିକ୍ଷା କରିପାରିଥିଲେ। ଭକ୍ତ ପ୍ରହ୍ଲାଦ ମାତୃ ଗର୍ଭରୁ ଶ୍ରେଷ୍ଠବୈଷ୍ଣବ ହୋଇ ଜନ୍ମ ଗ୍ରହଣ କରିଥିଲେ। ଅଷ୍ଟାବକ୍ର ମାତୃଗର୍ଭରେ ଥିଲାବେଳେ ପିତାଙ୍କର ବ୍ୟାକରଣ ଗତ ଅଶୁଦ୍ଧିକୁ ଠିକ୍ କରିଥିଲେ। ତେଣୁ ମନୁସ୍ମୃତି କହନ୍ତି –

"ଉପାଧ୍ୟାୟାନ ଦଶାଚାର୍ଯ୍ୟ ଆଚାର୍ଯ୍ୟାଣାମ୍ ଶତଂପିତା
ସହସ୍ରଂ ତୁ ପିତୃନ୍ ମାତା ଗୌରବେଣାତିରିଚ୍ୟତେ।"

ଦଶଜଣ ଉପାଧ୍ୟାୟଙ୍କଠାରୁ ଜଣେ ଆଚାର୍ଯ୍ୟ ଶ୍ରେଷ୍ଠ। ଶହେ ଆଚାର୍ଯ୍ୟଙ୍କଠାରୁ ଜଣେ ପିତା ଶ୍ରେଷ୍ଠ କିନ୍ତୁ ହଜାରେ ପିତାଙ୍କଠାରୁ ଜଣେ ମାତା ଗୌରବାନ୍ୱିତା ହୋଇଥାଏ। ମାତା ହେଉଛନ୍ତି ଶୀତଳ ଛାୟାପ୍ରଦବୃକ୍ଷ, ନିରାପଦ ଆଶ୍ରୟସ୍ଥଳୀ, ଶିଶୁମାନଙ୍କର ସୁରକ୍ଷା କବଚ, ତ୍ୟାଗର ପ୍ରତିମୂର୍ତ୍ତୀ ଦେବୀ। ମା' ଭଳି କିଏ ହେବ। ମାତୃ ଜାତି ଭାବରେ ନାରୀ ସର୍ବତ୍ର ପୂଜ୍ୟା। ବିଶ୍ୱ ସୃଷ୍ଟିର ପ୍ରଥମ ହେଉଛି ପ୍ରକୃତି। ଶକ୍ତି ସ୍ୱରୂପିଣୀ ନାରୀ –

"ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ,
ନ ଭାଯ୍ୟାର୍ଯ୍ୟାଃ ପରଂ ସୁଖଂ (ଭାର୍ଯ୍ୟା ବିନା ପୁରୁଷର ସୁଖନାହିଁ),

ନଗୃହଂ ଗୃହମିତ୍ୟାହୁ ଗୃହିଣୀ ଗୃହ ମୁଚ୍ୟତେ।"

ଘରକୁ ସୁନ୍ଦର ଦିଶେ ଘରଣୀ ଥିଲେ। ସେ ପରିବାର ମଧ୍ୟରେ ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ ସୁଖ ଭୋଗ କରାଇଥାନ୍ତି।

ଜଣେ ନାରୀ ଭାବରେ ମହାଲକ୍ଷ୍ମୀ ପ୍ରତ୍ୟେକ ନାରୀମାନଙ୍କ ପାଇଁ ଆଦର୍ଶ। ଶ୍ରୀ ଜଗନ୍ନାଥଙ୍କ ରୋଷ ଶାଳାର ଦାୟିତ୍ୱବହନ କରିଥାନ୍ତି। ଆଦି କବି ବାଲ୍ମୀକି ମାତା ସୀତାଙ୍କ ପାତିବ୍ରତ୍ୟ ସମ୍ବନ୍ଧରେ ସୁନ୍ଦର ବର୍ଣ୍ଣନା କରିଛନ୍ତି। ନିଜ ସ୍ୱାମୀ ଶ୍ରୀରାମଚନ୍ଦ୍ରଙ୍କ ବନ ଗମନ ପ୍ରସ୍ତୁତି ଦେଖି ମାତା ସୀତା ନିଜ ପତିବ୍ରତ ଧର୍ମ ପାଳନ କରିବା ପାଇଁ ଓ ନିଜର କର୍ତ୍ତବ୍ୟ ପାଳନ ପାଇଁ ନିର୍ଣ୍ଣୟ କରିଛନ୍ତି। ପ୍ରଭୁ ରାମଚନ୍ଦ୍ରଙ୍କ ସହ ବନକୁ ଯିବା ପାଇଁ ବହୁ ଯୁକ୍ତି ଦର୍ଶାଇଛନ୍ତି ଓ କହିଛନ୍ତି-

"ଆର୍ଯ୍ୟ ପୁତ୍ର ପିତାମାତା ଭ୍ରାତା ପୁତ୍ରସ୍ତଥା ସ୍ନୁଷା
ସ୍ୱାନି ପୁଣ୍ୟାନି ଭୁଞ୍ଜାନାଃ ସ୍ୱଂ ସ୍ୱଂ ଭାଗ୍ୟମୁପାସତେ।
ଭର୍ତୁର୍ଭାଗ୍ୟଂ ତୁ ନାର୍ଯ୍ୟେକା ପ୍ରାପ୍ନୋତି ପୁରୁଷର୍ଷଭ
ଅତଶ୍ଚୈବାହମାଦିଷ୍ଟା ବନେ ବସ୍ତବ୍ୟ ମିତ୍ୟପି।"

ହେ ଆର୍ଯ୍ୟପୁତ୍ର! ପିତା, ମାତା, ଭାଇ, ପୁତ୍ର ଓ ପୁତ୍ରବଧୂ ଏ ସମସ୍ତେ ନିଜ ନିଜ କର୍ମ ଅନୁସାରେ ସୁଖ ଦୁଃଖ ଭୋଗ କରିଥାନ୍ତି। ହେ ପୁରୁଷଶ୍ରେଷ୍ଠ! ଏକମାତ୍ର ପତ୍ନୀ ତା ନିଜ ପତିର କର୍ମ ଫଳକୁ ଭୋଗ କରିଥାଏ। ଏଣୁ ଆପଣ ବନବାସ ଯିବାପାଇଁ ଆଜ୍ଞା ପାଇଛନ୍ତି। ମୁଁ ମଧ୍ୟ ଆପଣଙ୍କର ଅର୍ଦ୍ଧାଙ୍ଗିନୀ ହୋଇଥିବାରୁ ଆଦେଶ ପାଇଛି। ଆପଣଙ୍କ ସହିତ ମୁଁ ମଧ୍ୟ ବନକୁ ଯିବି। ଆପଣଙ୍କ ସହ ବନର ଫଳମୂଳ ଖାଇ ବଞ୍ଚିବି। ବନବାସ ଜନିତ ସମସ୍ତ ଦୁଃଖକୁ ସୁଖ ମନେ କରିବି। ଆପଣଙ୍କ ବିଚ୍ଛେଦରେ ବିଷ, ଅଗ୍ନି ଓ ଜଳ ମୋର ମୃତ୍ୟୁର କାରଣ ହେବ। ଏହା କହି ଚେତାଶୂନ୍ୟ ହୋଇ ଯାଇଛନ୍ତି। ପ୍ରଭୁ ରାମଚନ୍ଦ୍ର ସୀତାଙ୍କୁ ଆଶ୍ୱାସନା ଦେଇ ସଙ୍ଗରେ ବନକୁ ନେଇଛନ୍ତି।

ଦେବୀ ସାବିତ୍ରୀଙ୍କ ଚରିତ୍ର ଅନୁଧ୍ୟାନ କଲେ ଜଣାପଡ଼େ ସେ ଯମ କବଳରୁ ନିଜ ପତିଙ୍କୁ ଉଦ୍ଧାର କରିବା ସହିତ ଶାଶୂ ଶଶୁରଙ୍କୁ ଚକ୍ଷୁଦାନ ଓ ରାଜ୍ୟ ଫେରସ୍ତ କରିପାରିଥିଲେ।

ସ୍ୱଭାବକବି ଗଙ୍ଗାଧର ମେହେର 'ପ୍ରଣୟବଲ୍ଲରୀ' କାବ୍ୟରେ କଣ୍ୱ ମହର୍ଷିଙ୍କ ମୁଖରେ ସୁନ୍ଦର ବାର୍ତ୍ତା ଦେଇଛନ୍ତି ପତି ଗୃହକୁ ବିଦାୟ ବେଳେ ମହର୍ଷି କଣ୍ୱ କନ୍ୟା ଶକୁନ୍ତଳାକୁ କହିଛନ୍ତି-

ସ୍ୱାମୀଗୁରୁ ସ୍ୱାମୀ ପରମବାନ୍ଧବ
ସ୍ୱାମୀ ସେବା ନାରୀଧର୍ମ
ସ୍ୱାମୀପଦେ ଭକ୍ତି ଅର୍ଚ୍ଚନାରେ ମତି
ଅର୍ପିତୁ କରିବୁ କର୍ମ।।

ନାରୀ ଜାୟା, ଜନନୀ, ଭଗିନୀ ରୂପରେ ସୁସ୍ଥ ପରିବାର ଗଠନରେ ଶ୍ରେଷ୍ଠ ଭୂମିକା ଗଠନ କରିପାରନ୍ତି। ଏଥିରେ ସନ୍ଦେହ ନାହିଁ।

**ବନମାଳି କଲୋନୀ, ଜଟଣୀ**
**ମୋ - ୭୮୪୮୮୪୬୦୬**

# ଏଇତ ଜୀବନ......



ଲୋହିତ ନାରାୟଣ ମହାପାତ୍ର

ଜୀବନଟା ଏକ ଅଙ୍କା ବଙ୍କା ନଈ
ଏଣେତେଣେ ଯାଏ ବୋହି
କେତେବେଳେ ଖାଲ କେତେବେଳେ ଢିପ
ସବୁକୁ ଯାଏ ମୁଁ ସହି ।
ଚାଲିବା ବାଟରେ ବାଧା ଉପୁଜିଲେ
ଅଟକି ଯାଏ ମୁଁ କ୍ଷଣେ
ସରଳ ରାସ୍ତାକୁ ଆପଣାର କରି
ଆଗକୁ ଚାଲିବା ଜାଣେ ।
ନୀଳ ଆକାଶରେ କଳା ମେଘ ପରା
ସୂରୁଯକୁ ଢାଙ୍କିଥାଏ
ଛାଇ ଆଲୁଅର ଲୁଚକାଳି ଖେଳ
ନିତି ଦିନ ଦେଖୁଥାଏ ।
ଆସୁ ଯେତେ ବାଧା ବିପଦ ଆପଦ
ପିଠି ପରି ଯାଏ ସହି
ଚାଲୁଛି ଚାଲିବି ନ ପଡ଼ିବି ଥକି
ଯାଏ ପରା ଟିକେ ରହି ।
ପଥ ବହୁଦୂର ରାସ୍ତା ସାରା ଖାଲ
ନିରନ୍ତର ଗତିକରେ
କେବେ ମିଶିବି ସାଗର ବୁକୁରେ
ମୁହିଁ ଜାଣିତ ନପାରେ ।
ବିଶ୍ୱ ଚିନ୍ତାମଣି ସଂସାର ବିନ୍ଧାଣୀ
ତୁମକୁ କରେ ଗୁହାରି
ଜୀବନ ନଈକୁ ସାଗରେ ମିଶାଅ
ସଂସାରୁ ଯାଏ ମୁଁ ତରି ।

ଖୋର୍ଦ୍ଧା ଜିଲ୍ଲା ପ୍ରତିନିଧି (ନିଉଜ୍-୭),
ଦୂରଭାଷ - ୯୪୩୮୩୦୯୧୩୯

# ଅହଂକାରୀର ବିଜୟ କାହିଁ ?



**ରମାକାନ୍ତ ମିଶ୍ର**

ଉଜ୍ଜୟିନୀର ରାଜପଥ ଉପରେ ଚାଲିଛି ଗୋଟିଏ ସୁସଜ୍ଜିତ ପାଲିଙ୍କି। ତା'ଭିତରେ ବସିଛନ୍ତି କେହିଜଣେ ଦୀପ୍ତିମନ୍ତ ପୁରୁଷ। ପରିଚ୍ଛଦ ପରିପାଟୀରୁ ଅନୁମାନ ହେଉଛି ସେ ନିଶ୍ଚିତ ଜଣେ ବିଚକ୍ଷଣ ବିଦ୍ୱାନ୍। କିଏ ସେ ବିଦ୍ୱାନ୍? କାହିଁକି ତାଙ୍କର ଏ ପାଲିଙ୍କି ଯାତ୍ରା। ଏହା ଦିନକର ଯାତ୍ରା ନୁହେଁ। ଏପରି ସେ ବହୁଦିନ ଧରି ନଗର ପରିକ୍ରମା କରୁଛନ୍ତି। ଗୋଟିଏ ଭଡ଼ା ଘର କରି ରହି ସେ ପ୍ରତିଦିନ ଏପରି କରି ଚାଲିଛନ୍ତି। ତାଙ୍କର ଯାତ୍ରା ସମୟରେ ବହୁଲୋକ ରାଜରାସ୍ତା ଉଭୟ ପାଖରୁ ଦର୍ଶନ କରନ୍ତି ଓ ନିଜ ନଗରୀର ସେ ବ୍ୟକ୍ତି ନୁହଁନ୍ତି ବୋଲି ଜାଣି ପାରନ୍ତି। ତେବେ ସେହି ବିଜ୍ଞପୁରୁଷଙ୍କର ପରିଚୟ ବେଶୀଦିନ ଲୁଚି ରହିଲା ନାହିଁ। ଜଣାପଡ଼ିଲା ଯେ ସେ ଜଣେ ଅସାମାନ୍ୟ ପଣ୍ଡିତ। ନାମ ତାଙ୍କର ଗୁଣନିଧି।

ପଣ୍ଡିତ ଗୁଣନିଧିଙ୍କର ଏପରି ପାଲିଙ୍କି ଯାତ୍ରା ଏକ ପତିଆରା ଥିଲା। ନିଜ ଜ୍ଞାନ ଗର୍ବର ଏହା ଥିଲା ଏକ ପ୍ରଦର୍ଶନ। ପଟ୍ଟବସ୍ତ୍ର ପରିଧାନ କରି, କର୍ଣ୍ଣରେ କୁଣ୍ଡଳ ମଣ୍ଡିତ ହୋଇ ସ୍ୱହସ୍ତରୁ ଅର୍ଥ ବ୍ୟୟ କରି ଉଜ୍ଜୟିନୀ ନଗରୀ ପରିଭ୍ରମଣ କରିବାର ଉଦ୍ଦେଶ୍ୟ ଥିଲା ଭିନ୍ନ।

ସେତେବେଳେ ଉଜ୍ଜୟିନୀର ରାଜା ଥିଲେ ମହାନୁଭବ ମହାଜ୍ଞାନୀ ସଂସ୍କୃତଶାସ୍ତ୍ର ବିଶାରଦ ଭୋଜ, ଭୋଜଙ୍କ ପଣ୍ଡିତ ଦରବାରରେ ଶ୍ରେଷ୍ଠ ପଣ୍ଡିତ ଥିଲେ ମହାକବି କାଳିଦାସ। ସେହି ବାଣୀବର ପୁତ୍ର କାଳିଦାସଙ୍କ ପ୍ରଶସ୍ତି ଶୁଣି ଉଜ୍ଜୟିନୀକୁ ଆସିଛନ୍ତି ପଣ୍ଡିତ ଗୁଣନିଧି। ଉଦ୍ଦେଶ୍ୟ ତାଙ୍କର କାଳିଦାସ ବିଜୟ। ତେବେ ରାଜସଭାକୁ ଯାଇ ବିଦ୍ୟାର ତର୍କ ବିତର୍କରେ କାଳିଦାସଙ୍କୁ ପରାସ୍ତ କରିବା ପୂର୍ବରୁ ପାଲିଙ୍କି ଆରୋହଣ କରି ବିଭିନ୍ନ ସ୍ଥାନ ପରିଭ୍ରମଣ କରି ନିଜ ପତିଆରା ନଗରବାସୀଙ୍କୁ ଦେଖାଇବା ଥିଲା ଲକ୍ଷ୍ୟ।

ଯେ କୌଣସି ବିଦ୍ୟାରେ ଦକ୍ଷତା ଅର୍ଜନ କରିଥିବା ଜଣେ ବ୍ୟକ୍ତି ନିଜର ସମକକ୍ଷ ବା ନିଜଠାରୁ ସମଧିକ ଦକ୍ଷ ବ୍ୟକ୍ତି ସହିତ ସଂଗ୍ରାମ କରିବା ପାଇଁ ସର୍ବଦା ଚେଷ୍ଟିତ ରହେ। ଯଦି ସଂଗ୍ରାମରେ ବିଜୟ ହୁଏ ତେବେ ସମାଜରେ ତାର ମାନସମ୍ମାନ, ପ୍ରତିଷ୍ଠା, ଖ୍ୟାତି ଓ କୀର୍ତ୍ତି ବଢେ। ଏପରିକି ବହୁ ପ୍ରୋତ୍ସାହନ, ଧନ ସଂପଦ ଓ ଉପଢୌକନ ମଧ୍ୟ ପ୍ରାପ୍ତ ହୁଏ। ଏହାତ ସ୍ୱାଭାବିକ କଥା କିନ୍ତୁ ସଂଗ୍ରାମ ପୂର୍ବରୁ ଏପରି ନିଜକୁ ଦେଖାଇ ହେବା ଗୁଣ ବ୍ୟକ୍ତି ହୃଦୟକୁ କାହିଁକି ଆସେ, ସେ କଥା କିଏ କହିବ ?

ତେବେ ଅନେକଙ୍କ ମତରେ ନିଜ ଗୁଣ ଓ ଜ୍ଞାନ ଗାରିମାକୁ ନେଇ ସମାଜରେ ଯେଉଁମାନେ ଅହଂକାର ପର୍ବତର ଉତ୍ତୁଙ୍ଗ ଶୃଙ୍ଗ ଉପରେ ଆସୀନ ହୋଇ ଥାଆନ୍ତି, ସେମାନଙ୍କର ଏପରି ଆସ୍ଫାଳନ ମାନସିକତା ଜାତ ହୋଇଥାଏ। ଶାସ୍ତ୍ର ପୁରାଣମାନଙ୍କରେ ଏପରି ଅତି ଗର୍ବର ପରିଣତି ମନୁଷ୍ୟ ଅନେକତ୍ର ପଠନ ଶ୍ରବଣ କରି ମଧ୍ୟ ନିଜ ଅହମିକା ତ୍ୟାଗ କରେ ନାହିଁ। ଏହା ସୌଜନ୍ୟ ଓ ପାଣ୍ଡିତ୍ୟର ପରିଚୟ ନୁହେଁ। ସେପରି ଅହମିକାକୁ ପୋଷଣ କରିଛନ୍ତି ଜ୍ଞାନଗର୍ବାନ୍ଧ ପଣ୍ଡିତ ଗୁଣନିଧି। କାଳିଦାସଙ୍କୁ ଶାସ୍ତ୍ରତର୍କରେ ପରାସ୍ତ କରିବାର ଦୁର୍ବାର ଲାଳସା ତାଙ୍କୁ ଟାଣି ଆଣିଛି ଉଜ୍ଜୟିନୀ ନଗରୀକୁ।

ମନରେ ଅଭିଳଷିତ କାର୍ଯ୍ୟକୁ ଆରମ୍ଭ କରିବା ପୂର୍ବରୁ ପ୍ରକାଶ କରିବା ଅନୁଚିତ୍। ଏହାଦ୍ୱାରା ଅଭୀଷ୍ଟ ସିଦ୍ଧି ବ୍ୟାହତ ହୁଏ। ଗୁଣନିଧି ପଣ୍ଡିତଙ୍କର ଶଫରି ଫର୍ଫରାୟତେ ଢଙ୍ଗ ଯୋଗୁ ତାଙ୍କର ଉଦ୍ଦେଶ୍ୟ କେତେକ ଲୋକ ଜାଣିପାରିଲେ। ଲୋକେ ଜାଣିଲେ କିଛି ଅସୁବିଧା ନଥିଲା କିନ୍ତୁ କଥାଟି କ୍ରମେ ଚତୁର କାଳିଦାସଙ୍କ କର୍ଣ୍ଣରେ ପଡିଲା। ସେ କାହାକୁ କିଛି ନ କହି ଏକ ଧୀବର ବେଶକୁ ଧାରଣ କରି ପାଲିଙ୍କି ବହନ କରୁଥିବା ଅନ୍ୟ ଧୀବରମାନଙ୍କ ଗହଣରେ ଛଦ୍ମ ବେଶରେ ରହିଲେ। ତା' ପରଦିନ ପ୍ରଭାତରୁ ପଣ୍ଡିତ ଗୁଣିନିଧିଙ୍କର ଜଣେ ଭୃତ୍ୟ ଆସି ଧୀବର ବସ୍ତିରେ ପହଞ୍ଚି ପାଲିଙ୍କି କାନ୍ଧେଇବା ପାଇଁ ଚାରିଜଣ ଧୀବରଙ୍କୁ ଡାକି ନେଲା। ବୁଦ୍ଧିମାନ କାଳିଦାସ ସେହି ଚାରିଜଣଙ୍କ ମଧ୍ୟରୁ ଜଣେ ଧୀବର ଭାବରେ ରହିଲେ।

ପଣ୍ଡିତ ଗୁଣନିଧିଙ୍କ ଦ୍ୱାରରେ ଉପସ୍ଥିତ ହୋଇ କାଳିଦାସ କହିଲେ ହେ ପଣ୍ଡିତ ଶ୍ରେଷ୍ଠ ! ବର୍ତ୍ତମାନ ପାଲିଙ୍କି ପ୍ରସ୍ତୁତ। ଏକଥା ଶୁଣି ଗୁଣନିଧି ପାଣ୍ଡିତ୍ୟବ୍ୟଞ୍ଜୀ ବେଶପରିପାଟୀରେ ଆସି ଖୁବ୍ ଅହଂକାର ପୂର୍ବକ ପାଲିଙ୍କିରେ ବସିଲେ ଓ ଆଦେଶ ଦେଲେ ଆଜି ମୋ ପାଲିଙ୍କି ଏହି ନଗରୀର ବଡ଼ ବଜାର ମଧ୍ୟରେ ଯାତ୍ରା କରି ମହାରାଜା ଭୋଜଙ୍କ ରାଜଭବନ ସମ୍ମୁଖ ଦେଇ ଏହି ସ୍ଥାନକୁ ଫେରିବ।

ଆଦେଶ ପ୍ରାପ୍ତ ହୁଅନ୍ତେ ଛଦ୍ମବେଶୀ କାଳିଦାସ ଓ ଅନ୍ୟ ଧୀବରମାନେ ପାଲିଙ୍କି କାନ୍ଧରେ ଥୋଇ ଚାଲିଲେ ପଣ୍ଡିତ ମହାଶୟଙ୍କ ଇଚ୍ଛା ଅନୁସାରେ ନଗର ଭ୍ରମଣ କରାଇ ରାଜମନ୍ଦିର ସମ୍ମୁଖରେ ଆଣି ଯଥା ସ୍ଥାନରେ ପାଲିଙ୍କି ରଖିଦେଲେ। ପଣ୍ଡିତ ଗୁଣନିଧି ପାଲିଙ୍କିରୁ ଓହ୍ଲାଇ ଧୀବରମାନଙ୍କ ପ୍ରତି ଦୃଷ୍ଟି ନିକ୍ଷେପ କଲେ। ଜଣେ ଧୀବର ଖୁବ୍ କ୍ଳାନ୍ତ ଥିବାର ଦେଖି ସେ କହିଲେ,

"ଅୟମାନ୍ଦୋଳିକାଦଣ୍ଡ ସ୍କନ୍ଧଂ କିଂ ତବ ବାଧତି"

ଅର୍ଥାତ୍ ହେ ଧୀବର ଏହି ପାଲିଙ୍କିର ଦଣ୍ଡ ତୁମ କାନ୍ଧକୁ ବାଧା ଦେଇଛି କି ?"

ପଣ୍ଡିତ ଗୁଣନିଧିଙ୍କ ଶ୍ଳୋକର ପ୍ରଥମ ପାଦଟିରେ ଗୋଟିଏ ବ୍ୟାକରଣ ଗତ ବଡ଼ ଭୁଲ ରହିଗଲା। ଭୁଲ୍ ଶବ୍ଦଟି ହେଲା "ବାଧତି"। ଏହା ଏକ କ୍ରିୟାପଦ, "ବାଧ୍" ଧାତୁରୁ ଆନୀତ। କିନ୍ତୁ "ବାଧ୍" ଧାତୁ ଆତ୍ମନେପଦୀ ଧାତୁ ହୋଇଥିବାରୁ ତାହାର "ବାଧତି" ରୂପଟି ଭୁଲ୍। ଠିକ୍ ରୂପଟି ହେଉଛି "ବାଧତେ"। ଶ୍ଳୋକର ପ୍ରଥମ ପାଦରେ ତ୍ରୁଟିପୂର୍ଣ୍ଣ ଶବ୍ଦ ଶୁଣି କ୍ଷଣେ ମାତ୍ର ବିଳମ୍ବ ନକରି କାଳିଦାସ ୨ୟ ପାଦଟି ପଢି ଶ୍ଳୋକଟି ପୂରଣ କଲେ। ତାହା ହେଲା -

"ନବାଧତେ ତଥା ମାଂସ ଯଥା ବାଧତି ବାଧତେ" ଅର୍ଥାତ୍ ହେ ପଣ୍ଡିତ ପ୍ରବର ! ସେହି ପାଲିଙ୍କି ଦଣ୍ଡଟା ସେତିକି ବାଧୁ ନାହିଁ ଯେତିକି ଆପଣଙ୍କ



ପଢ଼ି ପଢ଼ି କଳଙ୍କି ଲାଗି କ୍ଷୟ ହେବା ଅପେକ୍ଷା କାମ କରି କ୍ଷୟ ହୋଇଯିବା ଶ୍ରେୟସ୍କର।

ବ୍ୟାକରଣ ନିୟମ ବିରୁଦ୍ଧ "ବାଧତି" ବୋଲି ଭୁଲ୍ କ୍ରିୟାଟି ବାଧୁଛି।

ଚମକି ପଡିଲେ ପଣ୍ଡିତ ଗୁଣନିଧି। ଆଶ୍ଚର୍ଯ୍ୟ ଚକିତ ହୋଇ ନିଜ ତ୍ରୁଟିକୁ ସ୍ୱୀକାର କଲେ ଓ ସେହି ଧୀବରକୁ ଋହିଁ ପ୍ରଶ୍ନ କଲେ, "ତୁମେ ତ ପାଲିଙ୍କି କାନ୍ଧେଇବା ଲୋକ, ତୁମର ଏତେ ଜ୍ଞାନ ଆସିଲା କେଉଁଠୁ ?"

ଧୀବର ରୂପୀ କାଳିଦାସ କହିଲେ, "ଆପଣଙ୍କ ପରି ପଣ୍ଡିତମାନଙ୍କ ସଙ୍ଗତି ଲାଭ କରି ଏ ଜ୍ଞାନ ମୋର ହୋଇଛି।"

"ମୋ ପରି ପଣ୍ଡିତ ? କିଏ ସେ ପଣ୍ଡିତ ? କାହାର ଏତେ ଜ୍ଞାନ ?"

ତହୁଁ ଧୀବର ରୂପୀ କାଳିଦାସ କହିଲେ, "ଏହି ନଗରୀରେ କାଳିଦାସ ନାମରେ ଜଣେ ବଡ଼ ପଣ୍ଡିତ ଅଛନ୍ତି। ମୁଁ କେବେ କେବେ ତାଙ୍କ ପାଖକୁ ଯାଏ ତ ଆଉ କେବେ ତାଙ୍କ ପାଲିଙ୍କି ବହନ କରେ। ସେଥିରୁ ମୋତେ ଏହି ଜ୍ଞାନ ପ୍ରାପ୍ତ ହୋଇଛି।"

ଏହା ଶୁଣି ପଣ୍ଡିତ ଗୁଣନିଧି ଚିନ୍ତାକଲେ, ଯେଉଁ କାଳିଦାସଙ୍କର ପାଲିଙ୍କି ବୁହା ଧୀବର ଏତେ ଜ୍ଞାନୀ, ସେହି କାଳିଦାସ କେତେ ଜ୍ଞାନୀ ହୋଇଥିବେ ? ମୁଁ ତାଙ୍କୁ ଜୟ କରିବି କିପରି ?

ଶ୍ଳୋକଟିର ପୂର୍ଣ୍ଣ ରୂପ ହେଲା -

'ଅୟମାଦୋଳିକା ଦଣ୍ଡ ସ୍କନ୍ଧଂ କିଂ ତବବାଧତି
ନ ବାଧତେ ତଥା ମାଂସ ଯଥା ବାଧତି ବାଧତେ'

ଏହି ଶ୍ଳୋକଟି ଅଦ୍ୟାପି ଲୋକମୁଖରେ ପ୍ରଚଳିତ ଓ ଏକ ସୂକ୍ତି ରୂପେ ପରିଗଣିତ।

ଜଟଣୀ
ମୋ - ୯୭୭୮୬୮୨୪୮୭

# ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ



ଉପସ୍ଥାପନା - ରାମଶଙ୍କର

ଆମ ରାଜ୍ୟର ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକର ଉପରବେଡା ଗ୍ରାମରେ ସାନ୍ତାଳୀ ପରିବାରରେ ୧୯୫୮ ମସିହା ଜୁନ୍ ମାସ ୨୦ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ପିଲାଦିନର ନାମ ଥିଲା ପୁଟି ଟୁଡୁ। ତାଙ୍କ ମାତାଙ୍କ ନାମ ସାନଗୋ ମୁର୍ମୁ ଓ ପିତାଙ୍କ ନାମ ଥିଲା ବିରଞ୍ଚି ନାରାୟଣ ଟୁଡୁ ଏବଂ ସେ ଜଣେ କୃଷକ ଥିଲେ। ଗ୍ରାମର ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ ପରେ ଅଧିକ ଶିକ୍ଷା ଲାଭ କରିବା ପାଇଁ ଭୁବନେଶ୍ୱର ଆସିଲେ ଏବଂ ୟୁନିଟ-୨ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରୁ ମେଟ୍ରିକ, ରମାଦେବୀ ମହିଳା ମହାବିଦ୍ୟାଳୟରୁ ସ୍ନାତକ ଡିଗ୍ରୀ ହାସଲ କଲେ।

ଓଡ଼ିଶା ସରକାରଙ୍କ ଜଳସେଚନ ବିଭାଗରେ କନିଷ୍ଠ ସହାୟକ ପଦବୀରେ ୧୯୭୯ ରୁ ୧୯୮୩ ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି। ରାଇରଙ୍ଗପୁର ସ୍ଥିତ (ଶ୍ରୀଅରବିନ୍ଦ ଇଣ୍ଟିଗ୍ରାଲ ଏଡୁକେସନ ଆଣ୍ଡ ରିସର୍ଚ୍ଚ ସେଣ୍ଟରରେ) ୧୯୯୪ ରୁ ୧୯୯୭ ପର୍ଯ୍ୟନ୍ତ ଶିକ୍ଷୟତ୍ରୀ ରୂପେ କାର୍ଯ୍ୟ କରିଛନ୍ତି।
ରାଇରଙ୍ଗପୁର ବିଜ୍ଞାପିତ ଅଞ୍ଚଳର ସ୍ୱାଧୀନ ପ୍ରାର୍ଥୀ କାଉନସିଲର ରୂପେ ୧୯୯୭ରେ ବିଜୟ ଲାଭ କରି ଅଞ୍ଚଳର ପରିମଳ ବ୍ୟବସ୍ଥାରେ ଉନ୍ନତି ଘଟାଇ ଲୋକଲୋଚନକୁ ଆସିଲେ। ରାଇରଙ୍ଗପୁର ବିଧାନସଭା ଆସନରୁ ୨୦୦୦ ରୁ ୨୦୦୯ ମଧ୍ୟରେ ଦୁଇଥର ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ। ଓଡ଼ିଶା ସରକାରଙ୍କ (କମର୍ସ ଆଣ୍ଡ, ଟ୍ରାନର୍ସପୋର୍ଟେସନ) ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ରୂପେ ୬.୩.୨୦୦୦ ରୁ ୬.୮.୨୦୦୨ ପର୍ଯ୍ୟନ୍ତ ସ୍ୱାଧୀନ ଭାବେ ଦାୟିତ୍ୱରେ ଥିଲେ। ଏବଂ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗର ମନ୍ତ୍ରୀରୂପେ ୬.୮.୨୦୦୨ ରୁ ୧୬.୫.୨୦୦୪ ପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି। ସର୍ବୋତ୍ତମ ବିଧାୟିକା ଭାବରେ ୨୦୦୭ରେ 'ନୀଳକଣ୍ଠ ସମ୍ମାନ' ପାଇଛନ୍ତି। ଝାଡଖଣ୍ଡ ରାଜ୍ୟର ମାନ୍ୟବର ରାଜ୍ୟପାଳ ଭାବରେ ୨୦୧୫ ମେ ୧୮ ତାରିଖରୁ ୨୦୨୧ ଜୁଲାଇ ୧୨ ତାରିଖ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରିଛନ୍ତି। ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟା, ରାଜ୍ୟପାଳ ଭଳି ସମ୍ମାନ ଜନକ ଉଚ୍ଚ ସାମ୍ବିଧାନିକ ପଦରେ ଥାଇ ମଧ୍ୟ ତାଙ୍କ ନିକଟରେ ଗର୍ବ, ଅହଙ୍କାରର ଟିକେ ମାତ୍ର ଚିହ୍ନ ଦେଖାଯାଇ ନାହିଁ। ସରଳ ଓ ଶାନ୍ତ ସ୍ୱଭାବର ପ୍ରତୀକ ଅଟନ୍ତି ଏହି ମହିୟସୀ ମହିଳା ୨୦୨୨ ଜୁଲାଇ ୨୫ ତାରିଖରେ ଦେଶର ୧୫ତମ ରାଷ୍ଟ୍ରପତି ପଦ ଅଳଙ୍କୃତ କରିଛନ୍ତି।

ସେ ମହାତ୍ମା ଗାନ୍ଧୀ, ଦାଦା ସାହେବ ଆମ୍ବେଦକର ଏବଂ ପଣ୍ଡିତ ଜବହାରଲାଲ ନେହରୁଙ୍କ ରାଜନୈତିକ ଜୀବନ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଭାରତର ରାଷ୍ଟ୍ରପତି ହେଉଛନ୍ତି ରାଷ୍ଟ୍ରମୁଖ୍ୟ ଓ ଦେଶର ପ୍ରଥମ ନାଗରିକ। ସମ୍ବିଧାନ ଅନୁଯାୟୀ ରାଷ୍ଟ୍ରପତି କେନ୍ଦ୍ର ସରକାରଙ୍କ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ସଂସଦରେ ବକ୍ତବ୍ୟ ରଖିଥାନ୍ତି। କିନ୍ତୁ ୨୦୨୨ ନଭେମ୍ବର ୨୬ ତାରିଖରେ ସର୍ବୋଚ୍ଚ ନ୍ୟାୟଳୟ ଦ୍ୱାରା ଆୟୋଜିତ ସମ୍ବିଧାନ ଦିବସର ସମାପନ ଭାଷଣରେ ରାଷ୍ଟ୍ରପତି ରୂପେ ବିଚାରାଧୀନ କଏଦୀମାନଙ୍କ ଦୁର୍ଦ୍ଦଶା ବିଷୟରେ କହି ଏହାର ଆଇନ ଅନୁଯାୟୀ ସମୟ ମଧ୍ୟରେ ସମାଧାନ କରିବା ପାଇଁ ପ୍ରସ୍ତାବ ଦେଇ ସମସ୍ତଙ୍କୁ ଚମତ୍କୃତ କରିବା ସହିତ ହୃଦୟ ଜିତିନେଲେ। ଠିକ୍ ସେହିପରି ୨୦୨୩ ମାର୍ଚ୍ଚ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମହିଳା ସଶକ୍ତିକରଣ ଉପରେ ହୃଦୟସ୍ପର୍ଶୀ ବକ୍ତବ୍ୟ ରଖିଥିଲେ। ସଂଘର୍ଷମୟ ଜୀବନରେ ଆଜି ଭାରତର ରାଷ୍ଟ୍ରପତି ପଦ ଅଳଙ୍କୃତ କରି ମଧ୍ୟ ତାଙ୍କର ଦରଦୀ ହୃଦୟର ପରିଚୟ ଦେଇ ସେ ସନ୍ଥ ଭୀମଭୋଇଙ୍କ ବାଣୀ ସଂସଦରେ ଉଦ୍ଧୃତ କରିଥିଲେ।

ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ
ଜଗତ ଉଦ୍ଧାର ହେଉ।।

ମୋ -୯୩୩୭୬୨୧୪୫୫



ସତ୍ୟ ଅଭିମୁଖେ ଯିବା ପାଇଁ ବିପଦ ହିଁ ପ୍ରଥମ ସୋପାନ।

# ରାମାୟଣରେ ବିଜ୍ଞାନ



ବିଭୂତିଭୂଷଣ ସେନାପତି

ଆସନ୍ନ ଗୋଧୂଳି ଲଗ୍ନର ଅବ୍ୟବହିତ ପରେ ବୁଢ଼ୀମା ତା'ର ନାତିକୁ କୋଳରେ ଧରି ପକ୍ଷୀରାଜ ଘୋଡ଼ା ଓ ବୁଢ଼ୀ ଅସୁରାଣୀ କଥା କହି ଜହ୍ନ ମାମୁଁକୁ ହାତ ଠାରି ଡାକୁଥିଲା । "ଆ' ଜହ୍ନ ମାମୁଁ ସରଗ ଶଶୀ, ମୋ କୁନା ହାତରେ ପଡ଼ରେ ଖସି" ଏହି ଅଲୌକିକତାକୁ ସତ୍ୟରେ ପରିଣତ କରିଛି ବିଜ୍ଞାନ । ବିଜ୍ଞାନକୁ ହାତମୁଠାରେ ରଖି ଏକବିଂଶ ଶତାବ୍ଦୀର ମାନବ ପକ୍ଷୀଠାରୁ ଦ୍ରୁତ ବେଗରେ ଆକାଶରେ ଉଡ଼ି ପାରୁଛି । ବିଶାଳ ସାଗର ବକ୍ଷରେ ସେ ରତ୍ନର ସଂଧାନ ପାଇଛି । ବହୁ ପୂର୍ବରୁ ମୁନିଋଷିମାନେ ମଧ୍ୟ ନଖ ଦର୍ପଣରେ ମାନବ ଜୀବନର ଇତିହାସ ଦେଖି ପାରୁଥିଲା ।

ଆଜି କିନ୍ତୁ ବିଜ୍ଞାନ ତାହାକୁ କାର୍ଯ୍ୟରେ ପରିଣତ କରିଛି । ଥରଟିଏ ଭାରତୀୟ ଦର୍ଶନ ଶାସ୍ତ୍ରର ପୃଷ୍ଠା ଲେଉଟାଇଲେ ରାମାୟଣର ବିଭିନ୍ନ ସମୟରେ ଅସ୍ତ୍ରର ପ୍ରୟୋଗ ପ୍ରାୟଶଃ ବିଜ୍ଞାନର ଦାନଥିଲା । ଆସନ୍ନ ମୃତ୍ୟୁ କବଳିତ ମାନବ ମୃତ୍ୟୁ ମୁଖରୁ ଫେରି ଆସୁଥିଲା । ଯେଉଁଥି ପାଇଁ ରାମ ସାହିତ୍ୟ 'ସମର ସାହିତ୍ୟ'। ପ୍ରବଳପ୍ରତାପୀ ଦଶମୁଖ ରାବଣ ଶତ୍ରୁଙ୍କୁ ସାମନା କରିବା ପାଇଁ ବାୟୁଜାନ ଓ ସମୁଦ୍ର ପଥରେ ଜଳପୋତର ବ୍ୟବସ୍ଥା କରୁଥିଲା । ଦୂରସଂଚାର ଯନ୍ତ୍ର ଲଙ୍କାରେ ବ୍ୟବହୃତ ହେଉଥିଲା । ତ୍ରେତୟା ଯୁଗରେ ରାମ ରାବଣଙ୍କ ଯୁଦ୍ଧ ଆଗାମୀ ଦିନରେ ପରମାଣୁର ଯୁଦ୍ଧବୋଲି ଘୋଷିତ ହେଲା । ତାହାପୁଣି ବୈଜ୍ଞାନିକଙ୍କ ଆଖିରେ ପାଲଟିଲା ବିଶ୍ୱଯୁଦ୍ଧ । ମହାଭାରତ ଯୁଦ୍ଧର ଅସ୍ତ୍ରଶସ୍ତ୍ର ତ୍ରେତୟା ଯୁଗଠାରୁ ଅଧିକ ଉନ୍ନତ ।

କୌଣସି ଏକ ସମୟର ଘଟଣାବଳୀକୁ ନେଇ ସାହିତ୍ୟ ବୈଜ୍ଞାନିକଙ୍କ ଚିନ୍ତା ଓ ଚେତନା ରାଇଜର ସ୍ୱପ୍ନ ଦେଖେ । ସେଥିପାଇଁ ରାମାୟଣର ମହାସମର ବିଜ୍ଞାନର ଚମତ୍କାରିତା । ରାମ ଓ ରାବଣଙ୍କ ଯୁଦ୍ଧରେ ଭିନ୍ନଭିନ୍ନ କ୍ଷେପଣାସ୍ତ୍ର ପ୍ରୟୋଗ କରାଗଲା । ଏଥିପାଇଁ ହୁଏତ ବୈଜ୍ଞାନିକଙ୍କ ଅନୁସଂଧାନ ଶାଳା ଏବଂ ଗବେଷଣାଗାରର ଉନ୍ନତ ଅସ୍ତ୍ରଶସ୍ତ୍ର ପରବର୍ତ୍ତୀ ସମୟରେ ଗବେଷଣାଧର୍ମୀ ହେଲା । ମହାଭଭାରତ ଯୁଗରେ ଭୀଷ୍ମଙ୍କ ପାଂଚଟି ଶକ୍ତିଶାଳୀ ବାଣ ରାମ ଏବଂ ରାବଣ ଯୁଦ୍ଧରେ ଶତଘ୍ନୀ ପରି ଉନ୍ନତ ମାନର ନୁହେଁ । ରାବଣର ପୁଷ୍ପକ ଯାନର ଅବତାରଣା ସେ ଯୁଗର ନିଶ୍ଚୟ ବିଜ୍ଞାନର ଅବଦାନ । ଏହି ବିମାନରେ ରାବଣ ସୀତାଙ୍କୁ ଲଙ୍କାକୁ ନେଇଗଲା ।

ରାବଣଙ୍କ ଶାସନ ସମୟରେ ଜରାଗୃଧ ବୋଲି ଏକ ନଗରୀ ଥିଲା। ସେଠାରେ ସଂପାତିଙ୍କର ପୁତ୍ର ସୁପାର୍ଶ୍ୱ ରାଜାଥିଲେ । ଯିଏ ଦଶରଥଙ୍କ ଉତ୍ତମ ବଂଧୁ । ସଂପାତି ଜଣେ ବୈଜ୍ଞାନିକ । ବାୟୁଜାନ ପାଇଁ ତାଙ୍କର ଅବଦାନ ଅବର୍ଣ୍ଣନୀୟ । ସୁପାର୍ଶ୍ୱ ହନୁମାନଙ୍କୁ ଚାଳକ ବିହୀନ ଲଘୁଯାନରେ ବସାଇ ସମୁଦ୍ର ଲଙ୍ଘନ କରିଥିଲା । ବର୍ତ୍ତମାନର ହେଲିକେପ୍ଟର ସେକାଳର ଲଘୁଯାନ । ସିପାର୍ଶ୍ୱଙ୍କ ଆଗ୍ନେୟ ଅସ୍ତ୍ରରେ ହନୁମାନ ନାଗମାତାଙ୍କୁ ଆରପୁରକୁ ପଠାଇଥିଲା । ଅତଳ ସମୁଦ୍ରରେ ଏହି ଯାନ ଦ୍ୱାରା ନିଆଁ ଜଳିଥିଲା । ସେତେବେଳେ ଯେଉଁ ଆଠ ପ୍ରକାର ବିମାନ ଥିଲା ସେ ଗୁଡ଼ିକ ସୌରଶକ୍ତି ଚାଳିତ ।

ରାବଣଙ୍କ ପୁତ୍ର ମେଘନାଦଙ୍କର ଏକ ବିଜ୍ଞାନାଗାର ଥିଲା । ତା'ର ନାମ ନିକୁମ୍ଭିଳା । ଯେଉଁଠି ରକେଟ ନିର୍ମାଣ କରାଯାଉଥିଲା । ବ୍ରହ୍ମବିଦ୍ୟା ବିଷାରଦ ମେଘନାଦଙ୍କ ରକେଟ ଶତ୍ରୁପକ୍ଷକୁ ପ୍ରକମ୍ପିତ କରୁଥିଲା । ଇନ୍ଦ୍ର ଏବଂ ବରୁଣ ମେଘନାଦର ରକେଟକୁ ଆକାଶ ମାର୍ଗରେ ବିନଷ୍ଟ କରିଥିଲେ । ହୁଏତ ଲଙ୍କାରେ ଫୁଟୁଥିବା ସୂର୍ଯ୍ୟମୁଖୀ ଫୁଲର ତେଲ ପେଟ୍ରୋଲ କାର୍ଯ୍ୟରେ ବିନିଯୁକ୍ତଥିଲା । ଆମ ଭାରତ ବର୍ଷରେ ରତନ ଜବା ଗଛରୁ ମଧ୍ୟ ତେଲ ପ୍ରସ୍ତୁତ ହେଉଛି ।ତାହା ପୁଣି ଇନ୍ଧନରେ ବ୍ୟବହୃତ ହେଉଛି । ଯୁଦ୍ଧ ବିମାନକୁ ନଷ୍ଟ କରିବା ପାଇଁ ଭସ୍ମଲୋଚନଙ୍କ (ରାବଣଙ୍କ ଦକ୍ଷ ବୈଜ୍ଞାନିକ) ଦର୍ପଣ ଯନ୍ତ୍ର ବେଶ୍ ପ୍ରଶଂସା ଯୋଗ୍ୟଥିଲା । ବ୍ରହ୍ମବିଦ୍ୟାକୁ ପରମାଣୁ ବିଦ୍ୟା ସହିତ ତୁଳନା କରାଯାଇପାରେ ।

ଦେବରାଜ ଇନ୍ଦ୍ର ବ୍ରହ୍ମାଙ୍କ ଠାରୁ ରାମଚନ୍ଦ୍ରଙ୍କ ବିଜୟ ପାଇଁ ପ୍ରତିରକ୍ଷା ଦେବତା ଶଙ୍କରଙ୍କଠାରୁ ଦିବ୍ୟାସ୍ତ୍ର ଓ ପାଶୁପତ ଅସ୍ତ୍ର ପ୍ରାର୍ଥନା କରିଥିଲେ । ଏହି ଅସ୍ତ୍ର ଦୁଇଟି ପରିବେଶ ସନ୍ତୁଳନ ପାଇଁ ବହୁ କ୍ଷତିକାରକ ସୁତରାଂ ତା'ର ବ୍ୟବହାର ସୀମିତ ରଖିବା ଉଚିତ୍ । ରାବଣର ବ୍ରହ୍ମାସ୍ତ୍ର ସଂପର୍କରେ ଯଥେଷ୍ଟ ଜ୍ଞାନ ଥିଲା । ରାମ ଲଙ୍କା ଯାତ୍ରା ସମୟରେ ଦ୍ରୁମକୁଲ୍ୟ ସମ୍ରାଟଙ୍କୁ ଅଗସ୍ତିଙ୍କ ଅମୋଘ ବ୍ରହ୍ମାସ୍ତ୍ରକୁ ନିକ୍ଷେପକଲେ ଯାହା ଫଳରେ ଦ୍ରୁମକୁଲ୍ୟ ନଷ୍ଟ ହୋଇଗଲା । ଏହି ଅସ୍ତ୍ର ହାଇଡ୍ରୋଜନ ଅଥବା ପରମାଣୁ ବୋମା । ସନ୍ଧାସୁରକୁ ବିନାଶ କରିବା ପାଇଁ ଅଗସ୍ତିଙ୍କ ବ୍ରହ୍ମାସ୍ତ୍ର

ନିକ୍ଷେପ କଲେ । ସ୍ୱର୍ଣ୍ଣପୁରୀ ଖଣ୍ଡ ବିଖଣ୍ଡିତ ହୋଇ ସମୁଦ୍ରରେ ପଡ଼ିଲା । ଦକ୍ଷିଣ ଭାରତର ବହୁ ଭାଗ ରାମଙ୍କ ଅସ୍ତ୍ରପ୍ରୟୋଗ ଫଳରେ ଖଣ୍ଡବିଖଣ୍ଡିତ ହୋଇଥିଲା ।

ରାମ ରାବଣଙ୍କ ଯୁଦ୍ଧ ବେଳେ ଶମ୍ଭୁକ ସୂର୍ଯ୍ୟହାସ ନାମକ ଖର୍ଡ୍ଗ ବ୍ୟବହାର କରିଥିଲେ । ସୂର୍ଯ୍ୟମଣ୍ଡଳରୁ ଶକ୍ତି ସଂଗ୍ରହ କରି ଏହା ଶତ୍ରୁପକ୍ଷଙ୍କୁ ଜାଳି ପୋଡ଼ି ପାଉଁଶ କରିଦେଉଥିଲା । ଲକ୍ଷ୍ମଣ ଏହାକୁ ନଷ୍ଟ କରିବା ପାଇଁ ବିଶ୍ୱାସଘାତକତା କରି ଶମ୍ଭୁକକୁ ହତ୍ୟା କରିଥିଲେ । ସେହିପରି ଲଙ୍କାକୁ ପ୍ରବେଶ କରିବା ପଥରେ ଏକ ଦାରୁପଂଚଶସ୍ତ୍ର ସ୍ଥାପନ କରାଯାଇଥିଲ ।ଏହାର ଆବିଷ୍କାରକ ଶୁକ୍ରାଚାର୍ଯ୍ୟ । ଏହାର ଅନ୍ୟନାମ ରୁଦ୍ରକୀର୍ତ୍ତି ମୁଖ । ଶତ୍ରୁର ଗତି ବିଧିକୁ ଲକ୍ଷ କରିବା ଏହି ଅସ୍ତ୍ରର କ୍ଷମତା ଥିଲା । ଏହାଦ୍ୱାରା ଅଗ୍ନିଗୋଳା ଛଡା ଯାଇ ଶତ୍ରୁ ପକ୍ଷକୁ ବିନାଶ କରାଯାଉଥିଲା ।

ଲକ୍ଷ୍ମଣ କୁମ୍ଭକର୍ଣ୍ଣଙ୍କୁ ବିନାଶ କରିବା ପାଇଁ ମାନବାସ୍ତ୍ର ପ୍ରୟୋଗ କରିଥିଲେ । କୁମ୍ଭକର୍ଣ୍ଣର କାଂଚନ ମାଳିନୀ ଶକ୍ତି ନଷ୍ଟ ହୋଇଗଲା । ରାବଣଙ୍କ ଦ୍ୱିତୀୟ ପତ୍ନୀ ଧାନ୍ୟମାଳିନୀ । ସେ ଅଣୁବିଦ୍ୟାରେ ପାରଙ୍ଗମତା ଅର୍ଜନ କରିଥିଲେ । ରାମଙ୍କୁ ବିନାଶ କରିବା ପାଇଁ ଧାନ୍ୟମାଳିନୀ ମକରମୁଖ , ଅଶୀ ବିଷମୁଖ ଏବଂ ବରାହ ନାମାଙ୍କିତ ଅସ୍ତ୍ର ପ୍ରୟୋଗ କରିଥିଲେ । ସେଥିରୁ ରକ୍ଷା ପାଇବା ପାଇଁ ରାମଚନ୍ଦ୍ରଙ୍କୁ ବ୍ରହ୍ମାସ୍ତ୍ର ପ୍ରୟୋଗ କରିବାକୁ ପଡ଼ିଲା । ରାମଙ୍କ ପାଖରେ ଭୁଷୁଣ୍ଡି (ବନ୍ଧୁକ) ଓ ରାବଣଙ୍କ ପାଖରେ ଛତ୍ର (ବ୍ରହ୍ମଛତ୍ର) ଥିଲା । ସମଗ୍ର ଲଙ୍କା ଅନ୍ଧକାର ବେଳେ ଏହି ଛତା ଘୋଡ଼ାଇ ଦେଉଥିଲା ।

ବାସ୍ତବିକ ଅନନ୍ତ ଜ୍ଞାନାର୍ଣ୍ଣବର ମନ୍ଥନରୁ ସଂପ୍ରାପ୍ତ ବିଜ୍ଞାନ ବହୁ ଊର୍ଦ୍ଧ୍ୱରେ । ଆରଣ୍ୟକରୁ ଆଧୁନିକ ଏବଂ ପ୍ରାତଃ ବନ୍ଦନାରୁ ବିଳମ୍ବିତ ରାତିର ସ୍ୱପ୍ନପୁରୀରେ ମଜିରହିଥିବା ମଣିଷ ପାଇଁ ବିଜ୍ଞାନ ଅଲୌକିକ ହସ୍ତସ୍ପର୍ଶ । ଦେବଶିଳ୍ପୀ ବିଶ୍ୱକର୍ମା ପାଷାଣୀ ଅହଲ୍ୟାକୁ ସୁନ୍ଦରୀ ନାରୀରେ ପରିଣତ କରିଛି । ତେଣୁ ବିଜ୍ଞାନକୁ କେହି କେହି ଅଭିଶାପ କହିଲେ ମଧ୍ୟ ତାହାର ସଦ୍ ବ୍ୟବହାର ମାନବ ଜଗତ ପାଇଁ ଆଶୀର୍ବାଦ ।

ଅବସରପ୍ରାପ୍ତ ଶିକ୍ଷକ,
କୋହ୍ଲ, ତିହିଡ଼ି, ଭଦ୍ରକ-୭୫୬୧୩୦
ମୋ-୯୪୩୭୫୭୪୪୬୨

# ଦୂରଦର୍ଶୀ



ଡ଼. ଲାବଣ୍ୟଚନ୍ଦ୍ର ସାହୁ

କଲେ ସାଧୁସଙ୍ଗ,
ବଢଇ- ଜ୍ଞାନ,ତୁଟଇ ଭ୍ରାନ୍ତି

ବିଶୁଦ୍ଧ-ସାତ୍ୱିକ,
ଆହାର,ଯେହ୍ନ ବଢ଼ାଏ କାନ୍ତି (୧)

ଲଭେ ବରମାଲ୍ୟ,
ଅଚିରେ-ସାଧୁ,ଉଦ୍‌ଯୋଗୀଜନ,

ଲାଞ୍ଛନା ଲଭଇ,
ସଂସାରେ ଯିଏ,ନିଷ୍କର୍ମା ଜାଣ(୨)

ସୁଖ' ଆଶାକରି-
ଆଳସ୍ୟେ,ଆୟୁ,କରନ୍ତି,କ୍ଷୟ

ବିତାନ୍ତି-ବିଳାସୀ-
ଜୀବନ,କରି,ଶ୍ରମକୁ ଭୟ(୩)

ଘୃଣା,କପଟତା,
ଈର୍ଷାରେ,ଜଳେ ମନଅରଣ୍ୟ

ଦାବାନଳେ,ଦ୍ରୁମ-
ସକଳ,ଦେଖ ଦଗ୍ଧ, ଯେସନ(୪)

ନିଷ୍ଠୁର ଜୀବନ,
ବୁଝଇ ନାହିଁ,ପ୍ରେମର ଭାଷା,

ବ୍ୟାଧ କି କରଇ
ଉପ୍ରୋଧ,ବଧ ତାର ବେଉସା (୫)

ଅଛଇ ଯାହାର,
ସାହସ-ରୂପୀ,ଧଇର୍ଯ୍ୟ-ତରୀ

ଦୁଃଲଙ୍ଘ୍ୟ କି'ଅବା ?
ତାହାକୁ ଭବସିନ୍ଧୁ-ଲହରୀ (୬)

କୋକନଦ,କାନ୍ତି-
ଝଟକେ,ସହି-ଜ୍ୱାଳାଦହନ,

କର୍ମଯୋଗୀ,କର୍ମ-
ସଙ୍ଘାତେ,ଦୃଢ଼,ନିଷ୍ଠ,ତେସନ (୭)

କ୍ଷୁଧାନଳେ,ଜାଳି
ନିଜକୁ,ପରଷନ୍ତି, ଅପରେ

ପରମତ୍ୟାଗୀ, ସେ
ଜୀବନକାଟେ,ପର ହିତରେ(୮)

ଲଭଇ ଶାଶ୍ୱତ-
ଆନନ୍ଦ,ଅନନ୍ତରେ,

ବିଳସି ଦରଶନ କରି,
ମାନସନେତ୍ରେ,ପରମଜ୍ୟୋତି (୯)

ଅନନ୍ତ-ଆନନ୍ଦ-
ବିଭବ,ମିଳେନାହିଁ, ଖୋଜିଲେ,

ସେ ନିଗୂଢ଼ବୀଜ-
ରସାଳ,ଥାଏ,ହୃଦକମଳେ(୧୦)

ଶ୍ରାବସ୍ତି
୩୫, ବସନ୍ତବିହାର, ବ୍ରହ୍ମେଶ୍ୱର ମାର୍ଗ,
ଭୁବନେଶ୍ୱର-୧୮
ମୋ - ୮୮୯୫୪୮୭୧୬୨



ଦରିଦ୍ର ବ୍ୟତୀତ ଅନ୍ୟ ଜଣେ କେହି ଦରିଦ୍ର ପାଇଁ ସମବେଦନା ପ୍ରକାଶ କରିପାରିବ ନାହିଁ।

# ସଙ୍ଗଦୋଷର ପ୍ରଭାବ

ଉମାଶଙ୍କର ପ୍ରସାଦ

କଥାରେ ଅଛି ସଂସର୍ଗରୁ ଦୋଷ ଓ ଗୁଣର ପ୍ରମାଣ ମିଳିଥାଏ । ତେଣୁ ଆମର ନୀତିବାଣୀ କହେ –

"ବିକୃତିଂ ନୈବ ଗଚ୍ଛନ୍ତି ସଙ୍ଗଦୋଷେଣ ସାଧବଃ,
ଆବେଷ୍ଟିତଂ ମହାସର୍ପୈ ଶ୍ଚନ୍ଦନ ନ ବିଷାୟତେ" ।

ସଜ୍ଜନମାନେ ସଙ୍ଗଦୋଷରୁ କଳୁଷିତ ବା ପଥଭ୍ରଷ୍ଟ ହୋଇନଥାନ୍ତି ଯେପରି ଚନ୍ଦନ ବୃକ୍ଷ ବୃହତ ବିଷଧର ସର୍ପମାନଙ୍କର ଆଶ୍ରୟସ୍ଥଳ ହେଲେ ମଧ୍ୟ ସେହି ବୃକ୍ଷ ବିଷାକ୍ତ ହୋଇ ନଥାଏ । ଏହା ଉପରେ ଆଧାରିତ ଏକ ସୁନ୍ଦର ଜ୍ଞାନବର୍ଦ୍ଧକ କଥାଟିଏ ଯାହା ହେଲା –

ଜଣେ ସନ୍ଥ ତାଙ୍କ ଶିଷ୍ୟ ସହିତ ଏକ ଘୋର ଅରଣ୍ୟ ଦେଇ ଯାଉଥିବା ସମୟରେ ସଂଧ୍ୟା ସମୟ ଉପନୀତ ହେବାରୁ ସନ୍ଥ ଜଣକ ନିଜର ଧର୍ମଗ୍ରନ୍ଥ 'ନମାଜ' ପଢିବାକୁ ବସିବାର କିଛି ସମୟ ମଧ୍ୟରେ ଜଙ୍ଗଲ ମଧ୍ୟରେ ଏକ ବାଘ ଗର୍ଜନ ଶୁଭିଲା । ପରେ ପରେ ବାଘଟି ଆସୁଥିବାର ମଧ୍ୟ ଦେଖାଗଲା । ବାଘ ଆସୁଥିବାର ଦେଖିପାରି ଶିଷ୍ୟ ଜଣକ ମହାଭୟରେ ଏକ ଗଛ ଉପରେ ଚଢିଗଲା । କିନ୍ତୁ ସନ୍ଥ ଜଣକ ନିର୍ଭୟରେ ତାଙ୍କର ନମାଜ ପଢି ଚାଲିଥିଲେ । ତାଙ୍କ ନିକଟକୁ ବାଘ ଆସିଲା କିନ୍ତୁ କିଛିହେଲେ ଆଘାତ ନକରି ଚୁପ୍ ଚାପ୍ ଚାଲି ଯାଇଥିଲା । ବାଘ ଚାଲି ଯିବା ପରେ ଶିଷ୍ୟଟି ଗଛ ଉପରୁ ଓହ୍ଲାଇଲା । ନମାଜ ସାରି ଗୁରୁଶିଷ୍ୟ ନିଜର ଗନ୍ତବ୍ୟ ପଥରେ ଗତିକଲେ ।

କିଛିଦୂର ଯିବା ପରେ ସନ୍ଥ ଖେୟାମଙ୍କ ଗାଲରେ ମଶାଟିଏ କାମୁଡିବାରୁ ସଙ୍ଗେ ସଙ୍ଗେ ଖେୟାମ ନିଜ ଗାଲକୁ ଏକ ଚାପୁଡା ମାରି ମଶାଟିକୁ ମାରି ଦେଇଥିଲେ । ଏ କଥା ଦେଖି ଆଶ୍ଚର୍ଯ୍ୟ ହୋଇ ଶିଷ୍ୟ କହିଲା, "ଗୁରୁଦେବ ! ଆପଣଙ୍କ ନିକଟକୁ ଭୟଙ୍କର ବାଘ ଆସିଲା, ତଥାପି ଆପଣ ସାମାନ୍ୟ ବିଚଳିତ ହେଲେନାହିଁ ! ଅଥଚ ସାମାନ୍ୟ ମଶାଟିଏ ବସିଯିବା ଯୋଗୁ ଆପଣ ତା'କୁ କ୍ରୋଧରେ ମାରିଦେଲେ ?" ଅତି ଶାନ୍ତ ଭାବରେ ଖେୟାମ କହିଥିଲେ, "ବତ୍ସ, ଯେତେବେଳେ ବାଘ ଆସିଲା, ସେତେବେଳେ ମୁଁ ଖୁଦା(ଈଶ୍ୱର)ଙ୍କ ନିକଟରେ ଥିଲି, ଅର୍ଥାତ 'ନମାଜ' ପଢୁଥିଲି, ପ୍ରାର୍ଥନାରେ ମଜି ଥିଲି, ଖୁଦାଙ୍କ ନିକଟରେ ଥିବାରୁ ବାଘ ଆସିଲା କି ନାହିଁ ମୁଁ ଜାଣିପାରିନଥିଲି । ଈଶ୍ୱର ଚିନ୍ତନରେ ଥିବାରୁ ମୋ ରକ୍ଷା ଈଶ୍ୱରଙ୍କ ଉପରେ ଥିଲା, ତେଣୁ ବାଘ ମୋର କିଛି କଲାନାହିଁ । ମାତ୍ର ମଶା କାମୁଡିଲା ବେଳେ ମୁଁ ଜଣେ ଚପଳମତି ମନୁଷ୍ୟ ସହିତ ଥିବା ଯୋଗୁ ମୋ ମନ ସଙ୍ଗଦୋଷରୁ ବିଚଳିତ ହୋଇଗଲା । ତେଣୁ ମୁଁ ମଶାଟିକୁ ମାରିଦେଲି । 'ସଂସର୍ଗଜା ଦୋଷ ଗୁଣାନୁଭବନ୍ତି' ।"

ସଙ୍ଗଦୋଷରେ ମନୁଷ୍ୟ ନଷ୍ଟ ହୋଇଯାଏ, ସେହି ସଙ୍ଗଦୋଷରେ ମଣିଷ ସାଧୁ ହୋଇଯାଏ, ସେହି ସତସଙ୍ଗ ଯୋଗୁ ମନୁଷ୍ୟ ମହାନ ମଧ୍ୟ ହୋଇଯାଏ ତେଣୁ ଭାଗବତ କହେ –

"ଉତ୍ତମ ସଙ୍ଗେ ସଙ୍ଗ ଯାର । ସେ କରେ ଉତ୍ତମ ବେଭାର ।
ହୀନ ସଙ୍ଗରେ ହୀନ ଗତି । ହସି କହନ୍ତି ଯଦୁପତି ।"

ଯେପରି ନିଆଁ ସଙ୍ଗରେ ପାଣି ମିଶିଲେ ପାଣି ଗରମ ହୋଇଯାଏ, ମାତ୍ର ନିଆଁ ରେ ପାଣି ପଡିଲେ ତାହା ଶୀତଳ ହୋଇଯାଏ । ତେଣୁ ସଙ୍ଗ ଦୋଷରୁ ଜଣେ ଅନ୍ୟଜଣକ ଗୁଣରୁ କିଛି ଗ୍ରହଣ କରି ନେଇଥାଏ । ଗୀତା କହେ ବିଷୟାସକ୍ତ ମନୁଷ୍ୟର ଅବଶ୍ୟ ସଙ୍ଗ ଲାଭ ହୋଇଥାଏ । ସଙ୍ଗ ଦୋଷରୁ କାମବିକାର ସୃଷ୍ଟି ହୁଏ । କାମ ଭାବନାରୁ କ୍ରୋଧ ଜାତ ହୋଇଥାଏ । କ୍ରୋଧରୁ ମୋହ, ମୋହରୁ ଚିତ୍ତଭ୍ରମ ହୁଏ, ଚିତ୍ତ ଭ୍ରମରୁ ବୁଦ୍ଧି ନାଶ ହୁଏ । ବୁଦ୍ଧି ନାଶରୁ ସର୍ବନାଶ ହୋଇଥାଏ । ଏହା ଥିଲା ସନ୍ଥ ଖେୟାମ ଙ୍କ ନିଜ ଶିଷ୍ୟ ତଥା ସମାଜକୁ ଦର୍ଶନ ।

**ଖୋର୍ଦ୍ଧା**
**ମୋ – ୬୩୭୦୬ ୭୫୫୬୨**

## ବହି



ବିଭୂପ୍ରସାଦ ହରିଚନ୍ଦନ

ସଂସାରରେ ବହି
ଅନେକ ତ ଅଛି
ସବୁ ବହି ଭଲ ନୁହେଁ,
ସେହି ସବୁ ବହି
ପଢ଼ିବା ଉଚିତ
ଯିଏ ନୀତିକଥା କୁହେ,
ବହିକୁ ଯେ ପଢୁଥାଏ
ଭୋକଶୋଷ କିଛି
ଜଣାପଡେ ନାହି
ରାତି ପୁରା ପାହିଯାଏ ।( ୧ )
ବହି ଭଳି ବନ୍ଧୁ
ସଂସାରେ ବିରଳ
ପ୍ରଶ୍ନ କରେ ସମାଧାନ,
ଅଜ୍ଞାତ ତଥ୍ୟକୁ
ଜ୍ଞାତ କରିଦିଏ
ଯାହା ଚାହୁଁଥାଏ ମନ,
ପଢାପ୍ରତି ଦେଲେ ଧ୍ୟାନ
ଅଜ୍ଞାନ ଅନ୍ଧାର
ହଟିଯିବା ସହ
ମିଳିଥାଏ ଗୂଢ଼ଜ୍ଞାନ ।( ୨ )

ଖୋରଧା



ଆତ୍ମାର ଶ୍ମଶାନ ହେଉଛି ଭୋଗ ପ୍ରତି ଅତ୍ୟଧିକ ଆସକ୍ତି ।

# ଦୃଷ୍ଟିକୋଣରେ ପରିବର୍ତ୍ତନ



ତୁଳସୀ ଜୈନ

ଗାନ୍ଧିଜୀଙ୍କୁ ପ୍ରଶ୍ନ କରାଗଲା –‘ଆପଣଙ୍କ ପାଇଁ ଆଶ୍ୱାସନାର ଆଧାର ଓ ନିରାଶାର କାରଣ କ’ଣ ବୋଲି ଭାବୁଛନ୍ତି ? ଉତ୍ତର ମିଳିଲା – ‘ଆମ ମାଟିରେ ଅଧ୍ୟାତ୍ମ ତତ୍ତ୍ୱ-କଣିକା ଏବେ ବି ବିଦ୍ୟମାନ, ଏହା ମୋ ପାଇଁ ବଡ଼ ଆଶ୍ୱସ୍ତିର କାରଣ । କିନ୍ତୁ ଏହି ଦେଶର ଯୁବସମାଜ ମଧ୍ୟରେ କରୁଣାର ସ୍ରୋତ କ୍ଷୀଣ ହେବାରେ ଲାଗିଛି, ଏହା ମୋ ମନରେ ଗହନ ନିରାଶା ଜାତ କରିଥାଏ । ‘ସଂପ୍ରତି ସତ୍ତା, ସମ୍ପତ୍ତି, ଯଶ ଓ କୀର୍ତ୍ତିର ଭୀଷଣ ମହାମାରୀ ବ୍ୟକ୍ତିଙ୍କୁ ଗ୍ରାସ କରିଛି । କରୋନା ମହାମାରୀ ଏହା ତୁଳନାରେ ଖର୍ବକାୟ ହୋଇ ପଡୁଛି। ମଣିଷ ପାଖରେ ବହୁତ କିଛି ଅଛି କିନ୍ତୁ; ମନ ତା’ର ଖାଁଖାଁ କରୁଛି । ଆମେ ଭୁଲିଯାଇଛୁଁ ଯେ ପବନ ବୁଣିଲେ ବତାସ ଅମଳ କରିବାଟା ସାର । ବ୍ରହ୍ମବୈବର୍ତ୍ତ ପୁରାଣରେ କୁହାଯାଇଛି –

**“ନା ଭୁକ୍ତଂ କ୍ଷୀୟତେ କର୍ମଂ କଳ୍ପ କୋଟି ଶତୈରପି**
**ଅବଶ୍ୟମେବ ଭୋକ୍ତବ୍ୟଂ କୃତକର୍ମଂ ଶୁଭାଶୁଭମ୍ ।।”**

ମଣିଷର ଅବଚେତନରେ ହିଂସା ଓ ଅହିଂସାର ସଂସ୍କାର ବୀଜ ରହିଛି। ଅନ୍ୟ ପ୍ରକାରେ ଦେଖିଲେ ଆମ ମସ୍ତିଷ୍କରେ ହିଂସା ଓ ଅହିଂସାର ଦୁଇଟି ପ୍ରକୋଷ୍ଠ ନିର୍ମିତ । ହିଂସାର ପ୍ରକୋଷ୍ଠକୁ ସକ୍ରିୟ ବା ନିଷ୍କ୍ରିୟ କରିବା – ଏହା ଆମ ଚିନ୍ତା, ଚେତନା ଓ ବିବେଚନ ଶକ୍ତି ଉପରେ ନିର୍ଭର କରିଥାଏ । ଅହିଂସା ଦର୍ଶନର ମୌଳିକ ପକ୍ଷ ହେଉଛି – ୧. ଆତ୍ମାର ଅସ୍ତିତ୍ୱ, ୨. ଆତ୍ମାର ସ୍ୱତନ୍ତ୍ରତା, ୩. ଆତ୍ମାର ସମାନତା, ୪. ଜୀବନର ସାପେକ୍ଷତା ଓ ୫.ସହଅସ୍ତିତ୍ୱ । ହିଂସା କେବଳ ଶସ୍ତ୍ରୀକରଣ ବା ଯୁଦ୍ଧ ମଧ୍ୟରେ ସୀମିତ ନୁହେଁ । ପାରିବାରିକ କଳହ, ମାନବୀୟ ସମ୍ବନ୍ଧରେ କଟୁତା, ପଦାର୍ଥ ପ୍ରତି ଗହନ ଆସକ୍ତି, ଆଗ୍ରହଭରା ବିଚାର, ଅସଂଯତ ବୃତ୍ତି ଆଦି ସ୍ପଷ୍ଟ ଭାବରେ ହିଂସା । ସାଂପ୍ରତିକ ଶିକ୍ଷା ପଦ୍ଧତିରେ ପ୍ରତିସ୍ପର୍ଦ୍ଧା ଓ ପ୍ରଗତିର ବ୍ୟବସ୍ଥିତ ଶିକ୍ଷଣ ଦିଆଯାଉଛି, କିନ୍ତୁ ସଂବେଦନଶୀଳତା ଓ ଅହିଂସା ପ୍ରଶିକ୍ଷଣର ଜମା ପ୍ରଯତ୍ନ ହେଉନାହିଁ । ହିଂସା ବୃଦ୍ଧିରେ କିମ୍ ଆଶ୍ଚର୍ଯ୍ୟମ୍ ? ଅହିଂସା ପ୍ରଶିକ୍ଷଣର ଚତୁର୍ଯ୍ୟାମୀ ଅବଧାରଣା ହେଉଛି – କ) ହୃଦୟ ପରିବର୍ତ୍ତନ, ଖ) ଦୃଷ୍ଟିକୋଣ ପରିବର୍ତ୍ତନ, ଗ) ଜୀବନଶୈଳୀ ପରିବର୍ତ୍ତନ ଏବଂ ତଦନୁରୂପ ସଂରଚନାତ୍ମକ (Structural) ପରିବର୍ତ୍ତନ। ସର୍ବାଧିକ ସୂକ୍ଷ୍ମବୋଧ ବାକ୍ୟ ହେଉଛି – ‘ଜୀଓ ଔର ଜୀନେଦୋ ।’ ଘୃଣା ଓ ଶୋଷଣ କରୁଥିବା ଲୋକ ଧାର୍ମିକ ହୋଇ ନପାରେ । ଆତ୍ମବତ୍ ସର୍ବଭୂତେଷୁ........। ସେଥିପାଇଁ ମହାତ୍ମାଗାନ୍ଧୀ କହିଛନ୍ତି – ‘The greatness and the moral progress of a nation can be judged by the animals are treated. ଭଗବାନ ମହାବୀର କେବଳ ଚୈତନ୍ୟ ନୁହଁ ଜଡ଼ବସ୍ତୁ ପ୍ରତି ବି ଅସମ୍ବେଦନଶୀଳ ହେବାକୁ ହିଂସା ନିରୂପିତ କରୁଛନ୍ତି । କ୍ରୋଧାବେଶରେ ଭୂଇଁ ବା ଶିଳାଖଣ୍ଡକୁ ପଦପ୍ରହାର କରିବା କ’ଣ ସତରେ ହିଂସା ନୁହେଁ ? ଆଚାର୍ଯ୍ୟ ମହାପ୍ରଜ୍ଞ ଆବଶ୍ୟକ ହିଂସାର ଅଳ୍ପୀକରଣ ଏବଂ ଅନାବଶ୍ୟକ ହିଂସାର ସଂପୂର୍ଣ୍ଣ ପରିହାର ଉପରେ ବଳ ଦେଇଥାନ୍ତି । ଏହା ଅଳ୍ପ ହିଂସାର ସମର୍ଥନ ନୁହେଁ, ହିଂସାର ଅଳ୍ପୀକରଣ ମାତ୍ର ।

ପରିଶେଷରେ ଏତିକି ଯେ ବର୍ତ୍ତମାନ ହିଂସା ବଢୁଛି କିନ୍ତୁ ତା’ର ନିରାକରଣ ଉପରେ ପ୍ରଚୁର ପ୍ରଯତ୍ନ ବି ହେଉଛି । ଯୁଦ୍ଧସଂଖ୍ୟା କମିଛି । ପୃଥିବୀରେ ହେଉଥିବା ମୋଟ ମୃତ୍ୟୁର ଯେତିକି ପ୍ରତିଶତ ହିଂସାକାଣ୍ଡ ଜନିତ, ତା’ର କାହିଁ କେତେ ଗୁଣ ଅଧିକ ହେଉଥିଲା ବିଗତ ଶତାବ୍ଦୀ ମାନଙ୍କରେ । ମଧ୍ୟଯୁଗୀୟ ୟୁରୋପରେ ଆଜିଠାରୁ ୩୦ ଗୁଣ ଅଧିକ ହିଂସାଜନ୍ୟ ମୃତ୍ୟୁ ହେଉଥିଲା । ବିଗତ ଶତାବ୍ଦୀରେ ହେଉଥିବା Tribal Warର ବିନାଶଲୀଳା ଆଜିର ବଡ଼ ବଡ଼ ଯୁଦ୍ଧଠାରୁ କୌଣସି କୋଣରୁ କମ୍ ନଥିଲା । ଏବେ ଶହଶହ ବର୍ଷ ଧରି ଯୁଦ୍ଧ ହେଉନାହିଁ । (ଋଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ବ୍ୟତିକ୍ରମ ମାତ୍ର), କେଇ ସପ୍ତାହରେ ସରି ଯାଉଚି । ମାନବ ଇତିହାସରେ ବର୍ତ୍ତମାନ ସମୟ ହେଉଛି ବଂଚି ରହିବା ସକାଶେ ସବୁଠାରୁ ନିରାପଦ ସମୟ ।

ଭାରତର ସାଂପ୍ରତିକ ରାଜନୈତିକ ପରିବେଶ ନିରର୍ଥକ ବିତଣ୍ଡାବାଦ ଏବଂ ବିଶ୍ୱାସଶୂନ୍ୟ ବିମର୍ଶଦ୍ୱାରା ଭାରାକ୍ରାନ୍ତ । ଭାରତର ସ୍ୱାଧୀନତା ସଂଗ୍ରାମରେ ଗାନ୍ଧୀ,ଗୋପବନ୍ଧୁ ଭଳି ଶାନ୍ତି ଗୀତ ଗାଉଥିବା ନେତୃବୃନ୍ଦଙ୍କ ଯୋଗଦାନ ଅଧିକ ନା ନେତାଜୀ ସୁଭାଷଚନ୍ଦ୍ର ବୋଷ ଓ ସହୀଦ ଭଗତ ସିଂହଙ୍କ ଭଳି କ୍ରାନ୍ତିର ଉଚ୍ଚାଙ୍ଗ ସ୍ୱର ତୋଳନ କରୁଥିବା ବୀରମାନଙ୍କର ? ଏହି ପ୍ରଶ୍ନଦ୍ୱାରା ସମାଜ ଏକ ପ୍ରକାର ବିଭକ୍ତ ହୋଇ ପଡ଼ିଛି । ଆମ ଛାତ୍ରଛାତ୍ରୀମାନେ ସେମାନଙ୍କ ଆଦର୍ଶ ନିର୍ଦ୍ଧାରଣ କରି ନ ପାରି ଝୁଣ୍ଟି ହୋଇ ପଡୁଛନ୍ତି । ସେମାନେ ଦ୍ୱନ୍ଦ୍ୱରେ ପଡ଼ି ନିର୍ଦ୍ଧାରଣ କରିପାରୁ ନାହାନ୍ତି ଯେ ସେମାନଙ୍କ ହିରୋ କିଏ ? ଚଳଚ୍ଚିତ୍ର ଓ କ୍ରିକେଟ ତାରକାମାନଙ୍କୁ ସେମାନେ ସହଜରେ ବାଛି ନେଉଛନ୍ତି କିନ୍ତୁ କୋମଳ ଓ କଠୋରପନ୍ଥୀ ନେତୃତ୍ୱ ମଧ୍ୟରୁ ଚୟନ କରିବା ସେମାନଙ୍କ ପାଇଁ ଦୁଃସାଧ୍ୟ ହୋଇ ପଡ଼ିଛି ।

ସ୍ୱତନ୍ତ୍ରୋତ୍ତର ଭାରତରେ ନେତାଜୀ ସୁଭାଷ, ସହୀଦ ଭଗତ ସିଂହ, ଚନ୍ଦ୍ରଶେଖର ଆଜାଦ, ବୀର ସବରକରଙ୍କ ତ୍ୟାଗ ଓ ବଳିଦାନ ପ୍ରତି ଅପେକ୍ଷିତ ନ୍ୟାୟ କରାଯାଇନାହିଁ – ଏହା ନିରାଟ ସତ । କିନ୍ତୁ ସତ୍ୟ ଓ ଅହିଂସାର ମୂର୍ତ୍ତିମନ୍ତ ପ୍ରତୀକ ମହାତ୍ମାଗାନ୍ଧୀଙ୍କ ହିମାଳୟୀ କର୍ତ୍ତୃତ୍ୱର ଅବହେଳା ଗ୍ରହଣୀୟ ନୁହେଁ । ରାଜନୀତିର ଏକ ବିଚାରଧାରା ଆଜି ପଣ୍ଡିତ ନେହେରୁଙ୍କୁ ଦେଶର ସମସ୍ତ ଦୁର୍ଦ୍ଦଶା ପାଇଁ କାଠଗଡ଼ା ମଧ୍ୟକୁ ଭିଡ଼ି ଆଣୁଛି, ତ’ ଅନ୍ୟ ଏକ ଗୋଷ୍ଠୀ ବୀରସବରକରଙ୍କ ଭଳି ଜଣେ ମହାନ ଦେଶଭକ୍ତଙ୍କୁ ଇଂରେଜମାନଙ୍କ ସ୍ତାବକ

ଓ ଜଣେ କାପୁରୁଷ ସିଦ୍ଧ କରିବାର କୁତ୍ସିତ ପ୍ରୟାସ କରିଚାଲିଛନ୍ତି । ସମାଜ ଆଜି ବିଭକ୍ତ ।


ଅହିଂସାର ମହିମା ମଣ୍ଡନ ସଭ୍ୟତା ଓ ସଂସ୍କୃତିକୁ ମହାନ କରିଥାଏ । ସୃଷ୍ଟିର ଆଦିକାଳରୁ ଏହା ଅନୁସୃତ ହୋଇ ଆସିଛି । କିନ୍ତୁ ପରାଧୀନ ମାତୃଭୂମିର ଦୁର୍ଦ୍ଦଶା ଓ କ୍ରନ୍ଦନ ଯଦି ତା'ର ସନ୍ତାନଙ୍କୁ ବିଦ୍ରୋହ ପାଇଁ ପ୍ରେରିତ କରିଛି, ତେବେ ତାହା କଦାପି ଲଜ୍ଜାଜନକ ହୋଇନପାରେ । ଏହି ବୀର ଯୋଦ୍ଧାମାନଙ୍କ ଦୃପ୍ତକଣ୍ଠ ଓ ସଶକ୍ତ ମାଂସପେଶୀ ସମାଜର ତନ୍ଦ୍ରା ଦୂର କରି ଏକ ତଡ଼ିତ୍ ସୃଷ୍ଟି କରିଥାଏ ।

ପକ୍ଷ ଓ ପ୍ରତିପକ୍ଷର ଏହି ସମାନ୍ତରାଳ ବିଚାରଧାରା ମଧ୍ୟରେ ସମନ୍ୱୟ ସେତୁର ସ୍ଥାପନ ହେଉଛି ନେତୃତ୍ୱ ସମକ୍ଷରେ ଗୁରୁ ଆହ୍ୱାନ । ଏଥିରେ ବିଫଳ ହେଲେ ଇତିହାସ ଆମମାନଙ୍କୁ କ୍ଷମା କରିବ ନାହିଁ ।

ମୂଢ଼, ମୋହଗ୍ରସ୍ତ ଲୋକମାନଙ୍କ ହୃଦୟ ପରିବର୍ତ୍ତନ ଏବଂ ଜ୍ଞାନୀଜନଙ୍କ ବିଚାର ପରିବର୍ତ୍ତନ ଅହିଂସକ କ୍ରାନ୍ତିକୁ ତ୍ୱରାନ୍ୱିତ କରିବ । ଅହିଂସାର ସର୍ବକାଳୀନ ଉପାଦେୟତା ରହିଛି । ଯେଉଁ ସମାଜ ଜନ୍ମଜନ୍ମାନ୍ତରରୁ ଅହିଂସାକୁ ସ୍ୱୀକାର କରିଆସିଛି, ଅହିଂସାକୁ ଧ୍ରୁବସତ୍ୟ ମଣିଛି, ଯା'ର ସନ୍ଥ ସମାଜ, ଅହିଂସା ମନ୍ତ୍ରରେ ଦୀକ୍ଷିତ ଓ ଶିକ୍ଷିତ ସେଠାରେ ଅହିଂସାର ପ୍ରତିଷ୍ଠା ପାଇଁ ସମ୍ଭବତଃ ଝାଳନାଳ ହେବାକୁ ପଡ଼ିବ ନାହିଁ । ଅହିଂସା ଶୂନ୍ୟ ଧର୍ମ ଆତ୍ମାଶୂନ୍ୟ କଳେବର ମାତ୍ର । ଆମେ ଆଶା କରିବା – ଅହିଂସା ଆମ ଜୀବନରେ ଅବତରଣ କରୁ ଏବଂ ଆମ ଶିରାପ୍ରଶିରାରେ ସଂଚରିତ ହେଉ ।

**ତୁଷରା, ବଲାଙ୍ଗିର**
**ମୋ - ୭୯୭୮୦ ୮୨୭୬୬**

# ଅବନୀ ବରାଳ : ଏକ ସ୍ମରଣୀୟ ବ୍ୟକ୍ତିତ୍ୱ



ତ୍ରିଲୋଚନ ମହାପାତ୍ର

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣୀତ, ସାମ୍ୟବାଦୀ ଚିନ୍ତାଧାରା ସମ୍ପନ୍ନ ଅବନୀକୁମାର ବରାଳ ଆମ ରାଜ୍ୟର ଜଣେ ବହୁମୁଖୀ ପ୍ରତିଭାଧର ଥିଲେ । ଛାତ୍ରାବସ୍ଥାରୁ ଜନ ସେବା ଓ ସାମ୍ୟବାଦର ପ୍ରସାରଣ ଥିଲା ତାଙ୍କ ଜୀବନର ସଂକଳ୍ପ । ପ୍ରଣମ୍ୟ ସାମ୍ୟବାଦୀ ନେତା ପ୍ରାଣନାଥ ପଟ୍ଟନାୟକଙ୍କ ମାନସ ସନ୍ତାନ ଖୋରଧା ମହାବିଦ୍ୟାଳୟ ପ୍ରତିଷ୍ଠା କାଳରେ ସେ ଥିଲେ ପ୍ରାଣନାଥଙ୍କ ଅନ୍ୟତମ ସହଯୋଗୀ । ସ୍ୱାଧୀନତା ପରେ ଘରୋଇଭାବେ ପ୍ରତିଷ୍ଠିତ ନିମ୍ନ ମାଧ୍ୟମିକ ଓ ମାଧ୍ୟମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କ ଦୟନୀୟ ଅବସ୍ଥା ଦେଖି ସେ ମର୍ମାହତ ହୋଇଥିଲେ । ପୂଜ୍ୟ ବନମାଳୀ ବ୍ରହ୍ମଚାରୀ ଓ ମାଧ୍ୟମିକ ଶିକ୍ଷକ ସଂଘ ନେତା କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସହଯୋଗରେ ୧୯୬୯ରେ ସେ ଶିକ୍ଷକ ମହାସଂଘ ଗଠନ କଲେ । ୧୯୭୪ରେ ସଂଗଠିତ ଐତିହାସିକ ଆନ୍ଦୋଳନ ଯୋଗୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ନନ୍ଦିନୀ ଶତପଥୀ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀଙ୍କୁ ପ୍ରତ୍ୟକ୍ଷ ବେତନ ପ୍ରଦାନ ଓ ଚାକିରୀ ସର୍ତ୍ତାବଳି ସଂପର୍କିତ ଆଇନ ପ୍ରଣୟନ କଲେ । ପରବର୍ତ୍ତୀକାଳରେ ସେମାନଙ୍କୁ ଅବସରକାଳୀନ ସମସ୍ତ ସୁବିଧା ପ୍ରଦାନ କରାଯାଇଥିଲା । ୧୯୭୮ ମସିହା ଆନ୍ଦୋଳନ କାଳରେ ଛାତ୍ରଛାତ୍ରୀଙ୍କ ଦରମା ଛାଡ ଓ ସେମାନଙ୍କୁ ମଧ୍ୟାହ୍ନ ଭୋଜନ ଦେବାଲାଗି ଦାବି କରାଯାଇଥିଲା । ରାଜ୍ୟ ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଶିକ୍ଷକ ମହାସଂଘ ତରଫରୁ କର୍ମଶାଳା, ଆଲୋଚନା ଚକ୍ର, ସମ୍ମିଳନୀ ଆଦି ଆୟୋଜନ କରି ସରକାରଙ୍କୁ ଦିଗ୍‌ଦର୍ଶନ ଦିଆଯାଉଥିଲା । ୧୯୭୮ରେ ବାରବାଟୀ ଷ୍ଟାଡିୟମରେ ସର୍ବଭାରତୀୟ ଶିକ୍ଷା ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା । ଉଦ୍‌ଘାଟନ ଉତ୍ସବରେ ଅଭ୍ୟର୍ଥନା ସମିତି ସଭାପତି ପୂଜ୍ୟ ରାଧାନାଥ ରଥଙ୍କ ସ୍ୱାଗତ ଭାଷଣ ବିଭିନ୍ନ ରାଜ୍ୟରୁ ଆସିଥିବା ଶିକ୍ଷାବିତ୍‌ଙ୍କୁ ବିମୋହିତ କରିଥିଲା । ଅବନୀବାବୁ ସର୍ବଭାରତୀୟ ଶିକ୍ଷା ସମ୍ମିଳନୀର ଆବାହକ ଓ ବିଶ୍ୱ ଶିକ୍ଷକ ସଙ୍ଗଠନର ଉପସଭାପତି ଥିଲେ । ଅର୍ଦ୍ଧଶତାଧିକ ଦେଶରେ ଅନୁଷ୍ଠିତ ଶିକ୍ଷା ସମ୍ମିଳନୀରେ ଯୋଗଦେଇ ସୁଚିନ୍ତିତ ବକ୍ତବ୍ୟ ରଖୁଥିଲେ ।

ଶ୍ରୀ ବରାଳ ଅନେକ ପ୍ରବନ୍ଧ, ଗଳ୍ପ, ଉପନ୍ୟାସ, ନାଟକ ରଚନା କରିଛନ୍ତି । ତାଙ୍କ ରଚିତ ବହୁ ପ୍ରବନ୍ଧ ଜାତୀୟ ତଥା ଅନ୍ତର୍ଜାତୀୟ ପତ୍ର ପତ୍ରିକାରେ ପ୍ରକାଶ ପାଇଅଛି । ସେ କେତେଗୁଡ଼ିଏ ପତ୍ରିକା ପ୍ରକାଶନ ଓ ସଂପାଦନା କରିଛନ୍ତି । ଜଣେ ବରିଷ୍ଠ ସାହିତ୍ୟିକ ଭାବରେ ସେ ଓଡ଼ିଶା ସାହିତ୍ୟ ଏକାଡେମୀଦ୍ୱାରା ସଂବର୍ଦ୍ଧିତ ହୋଇଥିଲେ । ଏକାଧାରରେ ସେ ଜଣେ ନାଟ୍ୟକାର, ନିର୍ଦ୍ଦେଶକ ଓ ଅଭିନେତା ଥିଲେ । କଟକସ୍ଥିତ 'ଜନତା' ସେବାମଞ୍ଚ ପୁନରୁଦ୍ଧାର ଦାୟିତ୍ୱ ନେଇ ସଫଳ ହୋଇଥିଲେ ।

ସେ ଥିଲେ ଛାତ୍ରବତ୍ସଳ, ଗୁଣୀ ଅଧ୍ୟାପକ, ସୁବକ୍ତା, ଦୁର୍ଭିକ୍ଷ ପ୍ରପୀଡିତ କଳାହାଣ୍ଡି ଓ ବନ୍ୟା ପ୍ରପୀଡିତ ଅଞ୍ଚଳରେ ସେ ସେବା କାର୍ଯ୍ୟ କରୁଥିଲେ । ବିଭିନ୍ନ ସେବାନୁଷ୍ଠାନ ଓ ଦରିଦ୍ର ପରିବାରକୁ ମୁକ୍ତ ହସ୍ତରେ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ ।

ଆଜିର ଜନ୍ମଦିବସରେ ଶ୍ରୀ ବରାଳଙ୍କୁ ଶିକ୍ଷକ ସମାଜ ତଥା ରାଜ୍ୟବାସୀଙ୍କ ତରଫରୁ ସଶ୍ରଦ୍ଧ ପ୍ରଣାମ ଜଣାଉଛୁ ।

**ଜଟଣୀ**



ଯେଉଁ ଲୋକ କାମ କରି ଚାଲିଥାଏ, ସୁଯୋଗ ତା'ପାଖକୁ ଶୀଘ୍ର ହେଉ ବା ବିଳମ୍ବରେ ହେଉ ନିଶ୍ଚୟ ଆସେ ।

ଡ଼ାକଟିକଟରୁ ଜ୍ଞାନ

# 'ଆଧୁନିକ ଭାରତର ନିର୍ମାତା' ରାଜା ରାମ ମୋହନ ରୟ



ଡ. ଭବାନୀଶଙ୍କର ଦାଶ

ରାଜା ରାମ ମୋହନ ରୟ ପ୍ରଥମ ଭାରତୀୟ ସାମାଜିକ-ଧାର୍ମିକ ସଂସ୍କାର ଆନ୍ଦୋଳନ ମଧ୍ୟରୁ ବ୍ରହ୍ମୋ ସମାଜର ପ୍ରତିଷ୍ଠାତା ଥିଲେ। ସେ ସତୀଙ୍କ ଭୂମିକାକୁ ରଦ୍ଦ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ରାଜା ରାମମୋହନ ରୟ ଜଣେ ମହାନ ପଣ୍ଡିତ ଏବଂ ଜଣେ ସ୍ୱାଧୀନ ଚିନ୍ତକ ଥିଲେ । ସେ ଇଂରାଜୀ, ବିଜ୍ଞାନ, ପାଶ୍ଚାତ୍ୟ ଚିକିତ୍ସା ଏବଂ ପ୍ରଯୁକ୍ତିବିଦ୍ୟା ଅଧ୍ୟୟନକୁ ସମର୍ଥନ କରିଥିଲେ। ତାଙ୍କୁ ମୋଗଲ ସମ୍ରାଟ 'ରାଜା' ଆଖ୍ୟା ଦେଇଥିଲେ।




ରାଜା ରାମ ମୋହନ ରୟ ୨୨ ମଇ ୧୭୭୨ରେ ବଙ୍ଗଳାର ହୁଗଲି ଜିଲ୍ଲାର ରାଧନଗର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ରାମକାନ୍ତୋ ରୟ ଜଣେ ବୈଷ୍ଣବ ହୋଇଥିବାବେଳେ ମାତା ତରିଣୀ ଜଣେ ଶାକ୍ତ ପୃଷ୍ଠଭୂମିରୁ ଆସିଥିଲେ।

ଉଚ୍ଚ ଅଧ୍ୟୟନ ପାଇଁ ରାଜ ରାମ ମୋହନ ରୟଙ୍କୁ ପାଟନାକୁ ପଠାଯାଇଥିଲା। ପନ୍ଦର ବର୍ଷ ବୟସରେ, ରାଜା ରାମମୋହନ ରୟ ବଙ୍ଗଳା, ପାର୍ସୀ, ଆରବୀ ଏବଂ ସଂସ୍କୃତ ଶିକ୍ଷା କରିଥିଲେ।

ରାଜା ରାମ ମୋହନ ରୟ ମୂର୍ତ୍ତି ପୂଜା ଏବଂ ଓଡ଼ିଆ ହିନ୍ଦୁ ରୀତିନୀତି ବିରୁଦ୍ଧରେ ଥିଲେ। ସେ ସମସ୍ତ ପ୍ରକାର ସାମାଜିକ କୁସଂସ୍କାର, ରକ୍ଷଣଶୀଳତା ଏବଂ ଅନ୍ଧବିଶ୍ୱାସ ବିରୁଦ୍ଧରେ ଦୃଢ଼ ଭାବରେ ଠିଆ ହୋଇଥିଲେ। କିନ୍ତୁ ତାଙ୍କ ପିତା ଜଣେ ଓଡ଼ିଆ ହିନ୍ଦୁ ବ୍ରାହ୍ମଣ ଥିଲେ। ଏହାଦ୍ୱାରା ରଜା ରାମ ମୋହନ ରୟ ଏବଂ ତାଙ୍କ ପିତାଙ୍କ ମଧ୍ୟରେ ପାର୍ଥକ୍ୟ ଦେଖାଦେଇଥିଲା। ମତଭେଦ ପରେ ସେ ଘରୁ ବାହାରିଗଲେ। ସେ ହିମାଚଳ ପ୍ରଦେଶରେ ବୁଲାବୁଲି କରି ତିବ୍ବତକୁ ଗଲେ। ସେ ଘରକୁ ଫେରିବା ପୂର୍ବରୁ ବହୁ ଯାତ୍ରା କରିଥିଲେ। ଫେରିବା ପରେ ରାଜା ରାମ ମୋହନ ରୟଙ୍କ ପରିବାର ତାଙ୍କୁ ପରିବର୍ତ୍ତନ କରିବେ ବୋଲି ଆଶାରେ ତାଙ୍କୁ ବିବାହ କରିଥିଲେ। କିନ୍ତୁ ଏହା ତାଙ୍କ ଉପରେ କୌଣସି ପ୍ରଭାବ ପକାଇ ନଥିଲା।

ରାଜା ରାମ ମୋହନ ରୟ ବାରାଣାସୀ ଯାଇ ବେଦ, ଉପନିଷଦ ଏବଂ ହିନ୍ଦୁ ଦର୍ଶନକୁ ଗଭୀର ଭାବରେ ଅଧ୍ୟୟନ କରିଥିଲେ। ୧୮୦୩ ମସିହାରେ ଯେତେବେଳେ ତାଙ୍କ ପିତାଙ୍କର ମୃତ୍ୟୁ ହୋଇଥିଲା ସେତେବେଳେ ସେ ମୁର୍ସିଦାବାଦକୁ ଫେରିଥିଲେ। ଏହା ପରେ ସେ କଲିକତାରେ ଟଙ୍କା ବ୍ୟବସାୟୀ ଭାବରେ କାର୍ଯ୍ୟ କରିଥିଲେ ଏବଂ ୧୮୦୯ରୁ ୧୮୧୪ ପର୍ଯ୍ୟନ୍ତ ସେ ଇଷ୍ଟ ଇଣ୍ଡିଆ କମ୍ପାନୀର ରାଜସ୍ୱ ବିଭାଗରେ କାର୍ଯ୍ୟ କରିଥିଲେ।

୧୮୧୪ ମସିହାରେ, ରାମ ରାମ ମୋହନ ରୟ ଆତ୍ମିୟ ସଭା ଗଠନ କରିଥିଲେ। ସମାଜରେ ସାମାଜିକ ତଥା ଧାର୍ମିକ ସଂସ୍କାର ଆରମ୍ଭ କରିବାକୁ ଚେଷ୍ଟା କରିଥିଲେ। ମହିଳାମାନଙ୍କ ଅଧିକାର ପାଇଁ ବିଧବାମାନଙ୍କର ପୁନର୍ବିବାହ କରିବାର ଅଧିକାର ଏବଂ ମହିଳାଙ୍କ ସମ୍ପତ୍ତି ଅଧିକାର ଅଧିକାର ପାଇଁ ରାଜା ରାମ ମୋହନ ରୟ ପ୍ରଚାର କରିଥିଲେ। ସେ ସତୀ ପ୍ରଣାଳୀ ଏବଂ ବହୁବିବାହ ଅଭ୍ୟାସକୁ ସକ୍ରିୟ ଭାବରେ ବିରୋଧ କରିଥିଲେ।

ସେ ଶିକ୍ଷା, ବିଶେଷକରି ମହିଳାଙ୍କ ଶିକ୍ଷାକୁ ମଧ୍ୟ ସମର୍ଥନ କରିଥିଲେ। ସେ ବିଶ୍ୱାସ କରୁଥିଲେ ଯେ ଇଂରାଜୀ ଭାଷା ଶିକ୍ଷା ପାରମ୍ପାରିକ ଭାରତୀୟ ଶିକ୍ଷା ବ୍ୟବସ୍ଥାଠାରୁ ଉନ୍ନତ ଅଟେ ଏବଂ ସେ ସଂସ୍କୃତ ଶିକ୍ଷାଦାନ କରୁଥିବା ବିଦ୍ୟାଳୟଗୁଡ଼ିକୁ ସହାୟତା କରିବା ପାଇଁ ସରକାରୀ ପାଣ୍ଠି ବ୍ୟବହାରକୁ ବିରୋଧ କରିଥିଲେ। ୧୮୨୨ ମସିହାରେ, ସେ ଇଂରାଜୀ ଶିକ୍ଷା ଉପରେ ଆଧାରିତ ଏକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ।

୧୮୨୮ ମସିହାରେ, ରାମ ରାମ ମୋହନ ରୟ 'ବ୍ରହ୍ମ ସମାଜ' ପ୍ରତିଷ୍ଠା କରିଥିଲେ। 'ବ୍ରହ୍ମ ସମାଜ' ମାଧ୍ୟମରେ ସେ ଧାର୍ମିକ କପଟୀକୁ ପ୍ରକାଶ କରିବାକୁ ଏବଂ ହିନ୍ଦୁ ସମାଜ ଉପରେ ଖ୍ରୀଷ୍ଟିଆନ ଧର୍ମର ବଢୁଥିବା ପ୍ରଭାବକୁ ଯାଞ୍ଚ କରିବାକୁ ଚାହୁଁଥିଲେ। ରାଜ ରାମ ମୋହନ ରୟଙ୍କ ଉଦ୍ୟମ ଫଳ ଦେଇଥିଲା ଯେତେବେଳେ ୧୮୨୯ ମସିହାରେ ସତୀ ବ୍ୟବସ୍ଥା ରଦ୍ଦ କରାଯାଇଥିଲା। ନଭେମ୍ବର ୧୮୩୦ରେ ରାମ ମୋହନ ରୟ ତାଙ୍କ ପେନ୍ସନ୍ ଏବଂ ଭତ୍ତା ପାଇଁ ନିବେଦନ କରିବା ପାଇଁ ମୋଗଲ ସମ୍ରାଟଙ୍କ ରାଷ୍ଟ୍ରଦୂତ ଭାବରେ ବ୍ରିଟେନ ଯାତ୍ରା କରିଥିଲେ। ମେନିଞ୍ଜାଇଟିସ୍ କାରଣରୁ ରାଜା ରାମ ମୋହନ ରୟ ୨୭ ସେପଟ୍ଟେମ୍ବର ୧୮୩୩ରେ ବ୍ରିଷ୍ଟଲ ନିକଟ ଷ୍ଟାପଲେଟନରେ ଦେହାନ୍ତ ହୋଇଥିଲେ।


ତାଙ୍କର ସ୍ମୃତିରେ ଇଣ୍ଡିଆ ପୋଷ୍ଟ ୨୫୦ତମ ଜନ୍ମ ବାର୍ଷିକୀ ଅବସରରେ ୨୨ ମଇ ୨୦୨୩ରେ ଏକ ପାଞ୍ଚ ଟଙ୍କିଆ ବହୁମୁଖୀ ଷ୍ଟାମ୍ପ ଜାରି କରିଛି।

**ଜେକେପୁର, ରାୟଗଡ଼ା**
**ମୋ - ୯୧୨୪୩୪୬୫୪୭**

# ଭାରତର ନୂତନ ସଂସଦ ଭବନ

ଭାରତରେ କେନ୍ଦ୍ରୀୟ ଭିସ୍ତା ପୁନର୍ବିକାଶ ପ୍ରକଳ୍ପର ଏକ ଅଂଶ ଭାବରେ ନୂଆଦିଲ୍ଲୀରେ ଏକ ନୂତନ ସଂସଦ ଭବନ ନିର୍ମାଣ କରାଯାଇଥିଲା। ୨୮ ମଇ ୨୦୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ନୂତନ ଭବନର ଉଦଘାଟନ କରିଥିଲେ। ଏହି ଭବନ ସଂସଦ ମାର୍ଗରେ ଅବସ୍ଥିତ । ଏହା ପୁରାତନ ସଂସଦ ଗୃହ, ବିଜୟ ଚୌକ୍, ଇଣ୍ଡିଆ ଗେଟ୍, ଜାତୀୟ ଯୁଦ୍ଧ ମେମୋରିଆଲ୍, ଉପରାଷ୍ଟ୍ରପତିଙ୍କ ଗୃହ, ହାଇଦ୍ରାବାଦ ହାଉସ୍, ସଚିବାଳୟ ବିଲଡିଂ, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ବାସଭବନ, ମନ୍ତ୍ରୀ ଭବନ ଏବଂ ଭାରତୀୟ ଅନ୍ୟାନ୍ୟ ପ୍ରଶାସନିକ ୟୁନିଟ୍ ସମେତ ବିଭିନ୍ନ ପ୍ରମୁଖ ସ୍ଥାନ ଦ୍ୱାରା ଘେରି ରହିଛି।

୨୦୧୦ ଦଶକ ଆରମ୍ଭରେ, ବର୍ତ୍ତମାନର ସଂସଦ ଭବନର ସ୍ଥିରତା ବିଷୟରେ ଚିନ୍ତା କରି ଏକ ନୂତନ ସଂସଦ ପାଇଁ ପ୍ରସ୍ତାବ ଆସିଲା । ବିଦ୍ୟମାନ କମ୍ପ୍ଲେକ୍ସକୁ ବଦଳାଇବା ପାଇଁ ବିକଳ୍ପ ଖୋଜିବା ପାଇଁ ତତ୍କାଳୀନ ବାଚସ୍ପତି ମୀରା କୁମାର ୨୦୧୨ରେ ଏକ କମିଟି ଗଠନ କରିଥିଲେ। ୯୩ ବର୍ଷ ପୁରୁଣା ବିଲ୍ଡିଂ ସଂସଦ ସଦସ୍ୟ ଏବଂ ସେମାନଙ୍କ କର୍ମଚାରୀଙ୍କ ପାଇଁ ପର୍ଯ୍ୟାପ୍ତ ସ୍ଥାନ ଏବଂ ଭୂକମ୍ପ ପ୍ରତିରୋଧକ ନ ଥିବାରୁ ଏହାର ଗଠନମୂଳକ ଅଖଣ୍ଡତାକୁ କ୍ଷତି ପହଞ୍ଚାଇବା ଭଳି ସମସ୍ୟାର ସମ୍ମୁଖୀନ ହୋଇଥିଲା। ତେବେ ଭାରତର ଜାତୀୟ ଐତିହ୍ୟ ପାଇଁ ଏହାର ମହତ୍ତ୍ୱ ଥିବାରୁ ବିଲ୍ଡିଂର ସଂରକ୍ଷଣ ପାଇଁ ପଦକ୍ଷେପ ନିଆଯାଉଛି।



୧୯୨୭ ମସିହାରେ ନିର୍ମିତ ପୂର୍ବ ସଂସଦ ଭବନ ମିତୌଲିରେ ଥିବା ହିନ୍ଦୁ ଯୋଗିନୀ ମନ୍ଦିର ଦ୍ୱାରା ଅଧିକ ପ୍ରଭାବିତ ହୋଇଥିଲା। ୧୯୧୨ ରୁ ୧୯୧୩ ମଧ୍ୟରେ ବ୍ରିଟିଶ ସ୍ଥପତି ସାର୍ ଏଡୱିନ୍ ଲୁଟିନ୍ସ ଏବଂ ସାର୍ ହେର୍ବର୍ଟ ବେକର୍ଙ୍କ ଦ୍ୱାରା ଏହା ପରିକଳ୍ପନା କରାଯାଇଥିଲା ଏବଂ ୧୯୨୭ରେ ସମାପ୍ତ ହୋଇଥିଲା ।

ସେଣ୍ଟ୍ରାଲ ଭିଷ୍ଟାର ପୁନର୍ନିର୍ମାଣର ତଦାରଖ କରୁଥିବା ସ୍ଥପତି ବିମଲ ପଟେଲଙ୍କ ଅନୁଯାୟୀ ଏହି ନୂତନ କମ୍ପ୍ଲେକ୍ସର ଷୋଡଶାଳିଆ ଆକୃତି ରହିବ ଏବଂ ସାମ୍ପ୍ରତିକ କମ୍ପ୍ଲେକ୍ସ ନିକଟରେ ଅବସ୍ଥିତ। ଏହା ପୂର୍ବର ଆକାର ସହିତ ପ୍ରାୟ ସମାନ ହେବ ।

- ଏହି ନୂତନ ବିଲ୍ଡିଂ ୧୫୦ ବର୍ଷରୁ ଅଧିକ ଜୀବନକାଳ ପାଇଁ ଯୋଜନା କରାଯାଇଛି।
- ଭୂକମ୍ପକୁ ପ୍ରତିହତ କରିବା ପାଇଁ ଏହା ପରିକଳ୍ପନା କରାଯାଇଛି ଏବଂ ଏହା ଭାରତର ବିଭିନ୍ନ ଅଞ୍ଚଳରୁ ସ୍ଥାପତ୍ୟ ଶୈଳୀକୁ ଅନ୍ତର୍ଭୁକ୍ତ କରିବ ।
- ଜନସଂଖ୍ୟା ବୃଦ୍ଧି ଏବଂ ଭବିଷ୍ୟତର ସୀମାବଦ୍ଧତା କାରଣରୁ ସଂସଦର ସଦସ୍ୟଙ୍କ ସଂଖ୍ୟାରେ ସମ୍ଭାବ୍ୟ ବୃଦ୍ଧି ପାଇଁ ଲୋକସଭା ଓ ରାଜ୍ୟସଭା ଚାମ୍ବରଗୁଡ଼ିକରେ ଅଧିକ ଆସନ କ୍ଷମତା ରହିବ।
- ଏହି ନୂତନ କମ୍ପ୍ଲେକ୍ସରେ ଲୋକସଭା ଚାମ୍ବରରେ ୮୮୮ଟି ଆସନ ଏବଂ ରାଜ୍ୟସଭା ଚାମ୍ବରରେ ୩୮୪ଟି ସିଟ୍ ରହିବ।
- ପୁରୁଣା ସଂସଦ ଭବନ ପରି, ଏହାର କେନ୍ଦ୍ରୀୟ ହଲ୍ ରହିବ ନାହିଁ ।
- ମିଳିତ ଅଧିବେଶନ ସମୟରେ ୧୨୭୨ସଦସ୍ୟଙ୍କୁ ସ୍ଥାନିତ କରିବାକୁ ଲୋକସଭା ଚାମ୍ବର ସକ୍ଷମ ହେବ।
- ବାକି ବିଲଡିଂରେ ଚାରି ମହଲା ବିଶିଷ୍ଟ ମନ୍ତ୍ରୀ ଏବଂ କମିଟି କୋଠରୀ ପାଇଁ କାର୍ଯ୍ୟାଳୟ ରହିବ।
- ଏହି ନୂତନ ବିଲଡିଂରେ ସମୁଦାୟ ନିର୍ମିତ କ୍ଷେତ୍ର ୨୦୮୬୬ ବର୍ଗ ମିଟର (୨୨୪୬୦୦ ବର୍ଗଫୁଟ) ରହିବ, ଯେଉଁଥିରେ ୨୦୦୦ ବର୍ଗ ମିଟର (୨୨୦୦୦ ବର୍ଗଫୁଟ) ଖୋଲା ଆକାଶ କ୍ଷେତ୍ର ଅଛି ।
- ପୁରୁଣା ସଂସଦ ଭବନ ତୁଳନାରେ ଏହା ପ୍ରାୟ ୧୦% ଛୋଟ, ଯାହା ୨୨୯୦୦ ବର୍ଗ ମିଟର (୨୪୬୦୦୦ ବର୍ଗଫୁଟ) ବ୍ୟାସ ୧୭୦.୭ ମିଟର (୫୬୦ ଫୁଟ) ଏବଂ ୬୦୬୦ ବର୍ଗ ମିଟର (୬୫୨୦୦ ବର୍ଗଫୁଟ) ଖୋଲା ଆକାଶକୁ ଅନ୍ତର୍ଭୁକ୍ତ କରେ ।
- ସଂସଦ ଗୃହର ତିନୋଟି ପ୍ରବେଶ ପଥ ରହିବ: ଜ୍ଞାନ ଦ୍ୱାର, ଶକ୍ତି ଦ୍ୱାର ଏବଂ କର୍ମ ଦ୍ୱାର ।

ଉଦଘାଟନର ଏକ ଅଂଶ ଭାବରେ ନୂତନ ସଂସଦ ଭବନରେ ସେଙ୍ଗୋଲ ନାମରେ ଜଣାଶୁଣା ଏକ ଐତିହାସିକ ମହତ୍ୱପୂର୍ଣ୍ଣ ସୁନା ରାଜଦଣ୍ଡକୁ ରଖାଯାଇଥିଲା । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ୭୫ ଟଙ୍କାର ନୂତନ ମୁଦ୍ରା ଏବଂ ଏକ ସ୍ୱତନ୍ତ୍ର ଷ୍ଟାମ୍ପ ପ୍ରକାଶ କରିଛନ୍ତି।



ନୈରାଶ୍ୟର ଗୋଟିଏ ଭାଇ ହେଉଛି ସନ୍ଦେହ।



# ଆଇ.ପି.ଏଲ.ରେ ଚେନ୍ନାଇ ପୁଣି ଚାମ୍ପିଆନ

**ଆଶିଷ କୁମାର ରାୟ**




ଇଣ୍ଡିଆନ ପ୍ରିମିୟର ଲିଗ୍ କ୍ରିକେଟରେ ପୁନର୍ବାର ଚାମ୍ପିଆନ ହୋଇଛି ମହେନ୍ଦ୍ର ସିଂହ ଧୋନୀଙ୍କ ଚେନ୍ନାଇ ସୁପରକିଙ୍ଗସ ଦଳ । ଏକ ସଂଘର୍ଷପୂର୍ଣ୍ଣ ତଥା ପ୍ରବଳ ଉତ୍କଣ୍ଠାପୂର୍ଣ୍ଣ ମୁକାବିଲାରେ ଗତଥରର ବିଜେତା ଗୁଜରାଟ ଟାଇଟାନ୍ସକୁ ୫ ଓ୍ୱିକେଟରେ ପରାସ୍ତ କରି ପଞ୍ଚମଥର ସକାଶେ ଆଇ.ପି.ଏଲ. ଟ୍ରଫି ଉପରେ ନିଜର ଅଧିକାର ସାବ୍ୟସ୍ତ କରିନେଇଛି ଏହି ଦଳ । ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଆଇ.ପି.ଏଲ.-୨୦୨୩ର ଏହି ଚୂଡ଼ାନ୍ତ ମୁକାବିଲା ଏତେ ଉତ୍କଣ୍ଠାପୂର୍ଣ୍ଣ ହେବାର କାରଣ ମଧ୍ୟ ଥିଲା । ଏହି ମୁକାବିଲା ମେ-୨୮ ତାରିଖ ରବିବାର ସନ୍ଧ୍ୟାରେ ହେବାକୁ ଥିବା ବେଳେ ପ୍ରବଳ ବର୍ଷା ଯୋଗୁଁ ମ୍ୟାଚ ପରବର୍ତ୍ତୀ ଦିବସରେ ଯାଇ ଆୟୋଜିତ ହେଲା । ପ୍ରଥମେ ବ୍ୟାଟିଂ କରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଗୁଜରାଟ ଟାଇଟାନ୍ସ ଦଳ ନିର୍ଦ୍ଧାରିତ ୨୦ ଓଭରରେ ଚାରି ଓ୍ୱିକେଟ ବିନିମୟରେ ସଂଗ୍ରହ କଲା ୨୧୪ରନ । ଜବାବରେ ଚେନ୍ନାଇ ଦଳ ମାତ୍ର ତିନିଟି ବଲ ଖେଳିଥିବା ବେଳେ ମ୍ୟାଚ ପୁନର୍ବାର ବର୍ଷା ଦ୍ୱାରା ବାଧାପ୍ରାପ୍ତ ହେଲା । ଏହାପରେ ବର୍ଷା ଛାଡ଼ିବା ସହିତ ପଡ଼ିଆ ଶୁଖିବା ପରେ ବିଳମ୍ବିତ ରାତ୍ରିରେ ଯେତେବେଳେ ମ୍ୟାଚ ପୁନର୍ବାର ଆରମ୍ଭ ହେଲା ସେତେବେଳେ ଚେନ୍ନାଇ ସମ୍ମୁଖରେ ରଖାଗଲା ୧୫ ଓଭରରେ ୧୭୧ରନର ବିଜୟ ଲକ୍ଷ୍ୟ ।

ଡେଭନ୍ କନ୍‌ୱେ ଏବଂ ଋତୁରାଜ ଗାଏକ୍ୱାଡ଼ ଦ୍ରୁତ ଗତିରେ ରନ ନେବାକୁ ଆରମ୍ଭ କଲେ । ୭୮ରନରେ ଦୁହେଁଯାକ ଆଫଗାନ ଖେଳାଳି ନୂର ଅହମଦଙ୍କ ଶିକାର ହେବା ପରେ ଦଳକୁ ବିଜୟ ପଥରେ ଆଗେଇ ନେବାର ଦାୟିତ୍ୱ ଆସି ପଡ଼ିଲା ଶିବମ ଦୁବେ, ଅଜିଙ୍କ୍ୟା ରାହାଣେ ଓ ଅମ୍ବାଟି ରାୟୁଡୁଙ୍କ ଉପରେ । ତେବେ ୧୩ତମ ଓଭରରେ ମୋହିତ ଶର୍ମା କ୍ରମାଗତ ଦୁଇଟି ବଲରେ ରାୟୁଡୁ ଏବଂ ଅଧିନାୟକ ଧୋନୀଙ୍କୁ ଆଉଟ କରିବା ଫଳରେ ଗୁଜରାଟ ଦଳର ବିଜୟ ସମ୍ଭାବନା ସୃଷ୍ଟି ହେଲା । ତଥାପି କ୍ରିକେଟ ଏବଂ ବିଶେଷକରି ଟି-ଟ୍ୱେଣ୍ଟି କ୍ରିକେଟ ଯେ ଏକ ଅନିଶ୍ଚିତତାର ଖେଳ ତାହା ପରିଶେଷରେ ପ୍ରମାଣିତ ହୋଇଗଲା । ଅନ୍ତିମ ଓଭରରେ ଉଭୟ ଦଳ ବିଜୟ ନିମନ୍ତେ ଥିଲେ ଆଶାବାଦୀ । ବିଜୟ ପାଇଁ ଚେନ୍ନାଇ ଦଳକୁ ଛଅଟି ବଲରେ ଆବଶ୍ୟକ ଥିଲା ୧୩ରନ । ମ୍ୟାଚରେ ୩ଟି ଓ୍ୱିକେଟ ନେଇଥିବା ମୋହିତଙ୍କ ସମ୍ମୁଖରେ ଥିଲେ ଶିବମ ଦୁବେ ଏବଂ ରବୀନ୍ଦ୍ର ଜାଡେଜା । ଶେଷ ଓଭରର ପ୍ରଥମ ଚାରିଟି ବଲରେ ମିଳିଲା ମାତ୍ର ୩ରନ । ସୁତରାଂ ଚେନ୍ନାଇ ପାଇଁ ଅନ୍ତିମ ଦୁଇଟି ବଲରେ ଆବଶ୍ୟକ ହେଉଥିଲା ଦଶ ରନ । ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ରବୀନ୍ଦ୍ର ଜାଡେଜା ଗୋଟିଏ ଛକ୍କା ଓ ଗୋଟିଏ ଚୌକା ମାରି ଦଳକୁ ବିଜୟୀ କରାଇଲେ । ଅବଶ୍ୟ ଅନ୍ତିମ ଦୁଇଟି ବଲରେ ୧୦ରନ କରି ଜିତିବା କ୍ରିକେଟରେ କିଛି ନୂଆ କଥା ନୁହେଁ, କିନ୍ତୁ ଯେଉଁ ପରିସ୍ଥିତିରେ ଏହା ହେଲା ତାହାହିଁ ଥିଲା ରୋମାଞ୍ଚକର ।

ପୂର୍ବରୁ ଗୁଜରାଟ ଦଳ ପକ୍ଷରୁ ଓ୍ୱିକେଟରକ୍ଷକ ବ୍ୟାଟ୍‌ସମ୍ୟାନ ଋଦ୍ଧିମାନ ସାହା ୫୪ରନ ଏବଂ ସାଇ ସୁଦର୍ଶନ ଚମତ୍କାର ଢଙ୍ଗରେ ଆଠଟି ଚୌକା ଓ ଛଅଟି ଚୌକା ସହାୟତାରେ ମାତ୍ର ୪୭ଟି ବଲରେ ୯୬ରନ କରିବା ଫଳରେ ଦଳର ସ୍କୋର ପହଁଚିଥିଲା ୨୧୪ରନରେ । ଏହା ପୂର୍ବରୁ ଆଇ.ପି.ଏଲ. ଫାଇନାଲରେ କେବଳ ଥରେ ମାତ୍ର କୋଲକାତା ନାଇଟ ରାଇଡର୍ସ ଦଳ ୨୦୧୪ରେ ଦୁଇଶହ ରନର ଲକ୍ଷ୍ୟକୁ ପିଛା କରି ବିଜୟୀ ହୋଇଥିଲା । ସେହି ଦୃଷ୍ଟିରୁ ୨୧୫ର ଲକ୍ଷ୍ୟ ଚେନ୍ନାଇ ପାଇଁ ନିଶ୍ଚିତ ଭାବେ ଥିଲା କଷ୍ଟସାଧ୍ୟ । ଯଦି ବର୍ଷା ହୋଇନଥାନ୍ତା ଏବଂ ପୂରା ୨୦ ଓଭର ଖେଳ ଯାଇଥାନ୍ତା ତେବେ ହୁଏତ ଭିନ୍ନ ପରିଣାମ ମିଳିଥାନ୍ତା । ଆଉ ଗୋଟିଏ ଘଟଣା ମଧ୍ୟ ଚେନ୍ନାଇ ପାଇଁ ଶୁଭଙ୍କର ସାବ୍ୟସ୍ତ ହେଲା । ତାହା ଥିଲା ଟୁର୍ଣ୍ଣାମେଣ୍ଟର ସର୍ବଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିବା ଶୁବମନ ଗିଲଙ୍କ ଶୀଘ୍ର ଆଉଟ ହୋଇଯିବା । ୨୦ଟି ବଲରେ ୩୯ରନ କରି କ୍ରିଜ୍ ଉପରେ ଜମି ଆସୁଥିବା ବେଳେ ଜାଡେଜାଙ୍କ ବଲରେ ଧୋନି ତାଙ୍କୁ ବିଦ୍ୟୁତ ବେଗରେ ଷ୍ଟମ୍ପ ଆଉଟ କରିଦେଇଥିଲେ ।



ଯେଉଁମାନଙ୍କର ବୁଦ୍ଧି ସବୁଠାରୁ କମ୍, ସେହିମାନେ ହିଁ ସବୁଠାରୁ ବେଶି କଥା କହନ୍ତି ।

ଶୁବମନ ଗିଲ୍, ଯାହାଙ୍କୁ ଏବେ ଭାରତୀୟ କ୍ରିକେଟର ନୂଆ ରାଜକୁମାର କୁହାଯାଉଛି, ସେ ଏବର୍ଷର ଆଇ.ପି.ଏଲ.ରେ ଚମତ୍କାର ବ୍ୟାଟିଂର ନମୁନା ପ୍ରଦର୍ଶନ କରି ଅଗଣିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବା ସହିତ ୮୯୦ରନ ସଂଗ୍ରହ କରିଛନ୍ତି। ପ୍ଲେୟାର ଅଫ୍ ଦି ଟୁର୍ଣ୍ଣାମେଣ୍ଟ ଭାବେ ପୁରସ୍କୃତ ହେବା ସହିତ ଟପ୍ ସ୍କୋରର୍ ଭାବେ ସେ ମଧ୍ୟ ହାସଲ କରିଛନ୍ତି ଅରେଞ୍ଜ କ୍ୟାପ୍। ସେ ମଧ୍ୟ ଏଥରର ପ୍ରତିଯୋଗିତାରେ ସର୍ବାଧିକ ତିନିଟି ଶତକ ହାସଲ କରିଛନ୍ତି। ଏହି ତିନିଟି ଶତକ ମଧ୍ୟରୁ ଅହମଦାବାଦରେ କ୍ୱାଲିଫାୟର ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍ସ ବିରୁଦ୍ଧରେ ଶୁବମନଙ୍କ ମାତ୍ର ୬୦ଟି ବଲରୁ ୧୨୯ରନର ଇନିଂସ ନିଶ୍ଚିତ ଭାବେ ସ୍ମରଣୀୟ। ଏଥି ମଧ୍ୟରେ ତାଙ୍କର ସାତଟି ଚୌକା ଓ ଦଶଟି ଛକ୍କାର ପ୍ରହାର ଥିଲା ବେଶ୍ ଦର୍ଶନୀୟ। ଫାଇନାଲରେ ମଧ୍ୟ ଗୁଜରାଟ ଦଳ ତାଙ୍କଠାରୁ ଏଭଳି ଏକ ଇନିଂସ ଆଶା କରୁଥିଲା, କିନ୍ତୁ ତାହା ସମ୍ଭବ ହୋଇପାରିଲା ନାହିଁ। ଓଲଟା ଏଥର ଆଇ.ପି.ଏଲ.ରେ ଶୁବମନ(୮୯୦) ଓ ରୟାଲ ଚାଲେଞ୍ଜର ବେଙ୍ଗାଲୁରୁର ଫାଫ୍ ଡୁ ପ୍ଲେସୀ(୭୩୦)ଙ୍କ ପଛକୁ ରନ ସଂଗ୍ରହରେ ତୃତୀୟ ସ୍ଥାନରେ ଥିବା ଚେନ୍ନାଇର ନ୍ୟୁଜିଲାଣ୍ଡ ତାରକା ଡେଭନ୍ କନ୍‌ୱେ (୬୭୨) ନିଜର ଧୂଆଁଧାର ୪୭ରନର ସ୍କୋର ସହିତ ଫାଇନାଲର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଅରେଞ୍ଜ କ୍ୟାପ ପାଇଁ ଶୁବମନ ଗିଲ୍ ଅନ୍ୟମାନଙ୍କଠାରୁ ବହୁ ଆଗରେ ରହିଥିବା ବେଳେ ସର୍ବାଧିକ ୱିକେଟ ହାସଲ କରି ପର୍ପଲ୍ କ୍ୟାପ ଜିତିବା ପାଇଁ ଗୁଜରାଟ ଟାଇଟାନ୍ସ ଦଳର ତିନିଜଣ ବୋଲରଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ପ୍ରବଳ ପ୍ରତିଦ୍ୱନ୍ଦିତା। ଏହି ତିନିଜଣ ବୋଲର ହେଲେ ମହମ୍ମଦ ଶାମି, ମୋହିତ ଶର୍ମା ଓ ଆଫଗାନ ଖେଳାଳି ରଶିଦ୍ ଖାନ। ରଶିଦ ଖାନ୍ ଓ ମୋହିତ ଶର୍ମା ୨୭ଟି ଲେଖାଏଁ ୱିକେଟ ନେଇଥିବା ବେଳେ ମହମ୍ମଦ ଶାମୀ ୨୮ଟି ୱିକେଟ ନେଇ ହୋଇଥିଲେ ପର୍ପଲ୍ କ୍ୟାପର ବିଜେତା। ମୋହିତ ଶର୍ମା ଅନ୍ତିମ ଦୁଇଟି ମ୍ୟାଚରେ ୮ଟି ୱିକେଟ ନେଇ ଶାମୀଙ୍କ ପାଖାପାଖି ଚାଲିଆସିଥିଲେ। ତେବେ ତିନିଜଣ ସର୍ବାଧିକ ୱିକେଟ ହାସଲକାରୀ ଥିବା ସତ୍ତ୍ୱେ ଦଳ ଫାଇନାଲରେ ପରାଜିତ ହେବା ଗୁଜରାଟ ପାଇଁ ନିଶ୍ଚିତ ଭାବେ ବିଡ଼ମ୍ବନାର ବିଷୟ।

ଲିଗ୍ ପର୍ଯ୍ୟାୟରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନେତୃତ୍ୱରେ ଗତଥରର ବିଜେତା ଗୁଜରାଟ ଟାଇଟାନ୍ସ ଦଳ ୧୪ଟିରୁ ସର୍ବାଧିକ ୧୦ଟି ମ୍ୟାଚ ଜିତି ୨୦ ପଏଣ୍ଟ ସହିତ ତାଲିକାର ଶୀର୍ଷ ସ୍ଥାନ ହାସଲ କରିଥିଲା। ଅନ୍ୟଦିଗରେ ଧୋନୀଙ୍କ ଚେନ୍ନାଇ ସୁପର କିଙ୍ଗ୍‌ସ ଏବଂ କେ.ଏଲ. ରାହୁଲଙ୍କ ଲକ୍ଷ୍ନୌ ସୁପର ଜିଆଣ୍ଟ୍‌ସ ୧୭ ପଏଣ୍ଟ ଲେଖାଏଁ ହାସଲ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଥିଲେ। ଉଭୟ ଦଳ ଆଠଟି ଲେଖାଏଁ ମ୍ୟାଚ ଜିତିଥିବା ବେଳେ ସେମାନଙ୍କ ମଧ୍ୟରେ ମୁକାବିଲା ବର୍ଷା ଯୋଗୁଁ ବାତିଲ ହୋଇଯାଇଥିଲା। ରୋହିତ ଶର୍ମାଙ୍କ ମୁମ୍ବାଇ ଇଣ୍ଡିଆନ୍ସ ଦଳ ମଧ୍ୟ ଲିଗ୍ ପର୍ଯ୍ୟାୟରେ ଆଠଟି ମ୍ୟାଚ ଜିତି ୧୬ ପଏଣ୍ଟ ସହିତ ଚତୁର୍ଥ ସ୍ଥାନରେ ଥିଲା। ପ୍ରଥମ କ୍ୱାଲିଫାୟରରେ ଚେନ୍ନାଇ ଦଳ ଗୁଜରାଟକୁ ୧୫ରନରେ ହରାଇ ଫାଇନାଲକୁ ଯାଇଥିଲା। ଏହାପରେ ଏଲିମିନେଟର ମୁକାବିଲାରେ ମୁମ୍ବାଇ ୮୧ରନର ବଡ଼ ବ୍ୟବଧାନରେ ହରାଇଥିଲା ଲକ୍ଷ୍ନୌ ଦଳକୁ। ଏହି



ମ୍ୟାଚରେ ଆକାଶ ମାଧୱାଲ ଅବିଶ୍ୱସନୀୟ ବୋଲିଂ କରି ମାତ୍ର ୫ରନ ବିନିମୟରେ ୫ଟି ୱିକେଟ ଦଖଲ କରି ଦଳକୁ ବିଜୟୀ କରାଇଥିଲେ। ତେବେ ଦ୍ୱିତୀୟ କ୍ୱାଲିଫାୟରରେ ମୁମ୍ବାଇ ଦଳ ଶୁବମନଙ୍କ ଚିତ୍ତାକର୍ଷକ ଶତକ ଯୋଗୁଁ ୬୨ ରନରେ ପରାଜୟ ବରଣ କଲା। ଏତଦ୍‌ବ୍ୟତୀତ ମୋହିତ ଶର୍ମା ମଧ୍ୟ ୧୦ରନରେ ୫ ୱିକେଟ ନେଇ ଗୁଜରାଟ ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆକାଶ ଏବଂ ମୋହିତଙ୍କ ଏହି ପ୍ରଦର୍ଶନ ଥିଲା ଏଥର ଆଇ.ପି.ଏଲ.୨୦୨୩ର ପ୍ରଥମ ଓ ଦ୍ୱିତୀୟ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ।

ପରିଶେଷରେ ଏହା ନିଶ୍ଚିତ ଭାବେ କୁହାଯାଇପାରେ ଯେ ଚେନ୍ନାଇ ସୁପରକିଙ୍ଗ୍‌ସର ଏହି ବିଜୟରେ ମହେନ୍ଦ୍ର ସିଂହ ଧୋନୀଙ୍କ ବିଚକ୍ଷଣ ନେତୃତ୍ୱ ଶୈଳୀର ଭୂମିକା ମଧ୍ୟ ଯଥେଷ୍ଟ ଗୁରୁତ୍ୱ ବହନ କରେ। ଉଦ୍‌ଘାଟନୀ ମ୍ୟାଚରେ ଗୁଜରାଟ ହାତରୁ ପରାଜିତ ହେବା ପରେ ସେ ଯେଭଳି ଭାବେ ଦଳକୁ ବିଜୟ ପଥରେ ଅଗ୍ରସର କରାଇଲେ, ତାହା ନିଶ୍ଚିତ ଭାବେ ସ୍ମରଣୀୟ ହୋଇ ରହିବ। ଆଇ.ପି.ଏଲ.ରେ ଯେଉଁ ପାଞ୍ଚଥର ଚେନ୍ନାଇ ଦଳ ବିଜୟୀ ହୋଇଛି ସେ ସବୁଥିରେ ଧୋନୀ ହିଁ ଦଳକୁ ସଫଳ ନେତୃତ୍ୱ ଦେଇଛନ୍ତି। ଧୋନୀ ଯେ ଭାରତର ସର୍ବାଧିକ ସଫଳ ଅଧିନାୟକ, ଏହା ଯେ କେହି ସ୍ୱୀକାର କରିବେ। ତାଙ୍କରି ନେତୃତ୍ୱରେ ଭାରତ ୨୦୦୭ରେ ଟି-ଟ୍ୱେଣ୍ଟି ବିଶ୍ୱକପ, ୨୦୧୧ର ବିଶ୍ୱକପ ତଥା ୨୦୧୩ରେ ଚାମ୍ପିଆନ୍ସ ଟ୍ରଫିରେ ବିଜୟୀ ହୋଇଥିଲା। ଆଉ ଏବେ ତାଙ୍କରି ନେତୃତ୍ୱରେ ଚେନ୍ନାଇ ଦଳ ପଞ୍ଚମ ଆଇ.ପି.ଏଲ. ଟାଇଟେଲ ହାସଲ କରି ମୁମ୍ବାଇର ସମକକ୍ଷ ହୋଇପାରିଛି।

ମୋ - ୯୪୩୭୬୨୭୫୧୪



କାହାରି ଅନୁଗ୍ରହ ପ୍ରାର୍ଥୀ ହେବା ଅର୍ଥ ନିଜର ସ୍ୱାଧୀନତାକୁ ବିକିଦେବା।

# ବିଜ୍ଞାନ ବିଚିତ୍ର

ଡକ୍ଟର ପ୍ରେମଚାନ୍ଦ ମହାନ୍ତି

**ଆଗାମୀ କାଲିର ସ୍ୱାସ୍ଥ୍ୟ ସେବା :** ଆଜି ସମଗ୍ର ବିଶ୍ୱକୁ ଏକ ନୂତନ ସ୍ୱପ୍ନ ପ୍ରତୀତ ଜଗତକୁ କୃତ୍ରିମ ବୁଦ୍ଧିମତା ଟାଣି ନେଉଛି। ଏହାର ସରଳ ବୋଧଗମ୍ୟ ଅର୍ଥ ହେଲା ମଣିଷର ଚିନ୍ତା ଓ ଭାବନାଗତ ବୁଦ୍ଧିମତା ସୀମିତ ଅଟେ। ଏହାକୁ ଏକ କିମ୍ବା ଦ୍ୱିମାତ୍ରିକ ସ୍ତର ପର୍ଯ୍ୟନ୍ତ ନିୟନ୍ତ୍ରଣରେ ରଖା ଯାଇପାରେ କିନ୍ତୁ ଏକ କଂପ୍ୟୁଟର ଯେପରି ଆମ କାର୍ଯ୍ୟକୁ ସରଳ ଓ ସୁଗମ କରିଥାଏ ସେହିପରି କୃତ୍ରିମ ବୁଦ୍ଧିମତା ଦ୍ୱାରା ଏହାକୁ ଷଷ୍ଠ ଡାଇମେନସନ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରି ଅସମ୍ଭବକୁ ସମ୍ଭବ କରା ଯାଇ ପାରୁଛି। କୌଣସି ଏପରି କ୍ଷେତ୍ର ନାହିଁ ଯେଉଁଠି ଏହାର ବ୍ୟବହାର ନ ହେଉଛି। ବରଂ ଏହାର ସୃଷ୍ଟି କର୍ତ୍ତାଙ୍କ ମତରେ ଏହା ଭସ୍ମାସୁର ସାଜି ସମଗ୍ର ଜଗତର ନିୟମକୁ ଓ ସନ୍ତୁଳନକୁ ଅସ୍ତବ୍ୟସ୍ତ କରି ଦେବାକୁ ବସିଲାଣି। ନୂତନ ବିପ୍ଳବ ସର୍ବଦା ଆଦୃତ ହୋଇ ଚମକ ସୃଷ୍ଟି କରିଥାଏ କିନ୍ତୁ ଭବିଷ୍ୟତ ଏଥିପାଇଁ ପୂର୍ବସୁରୀଙ୍କୁ ଅଭିଶାପ ଦେଇଥାଏ। ଆଜି ଆସନ୍ତୁ ସ୍ୱାସ୍ଥ୍ୟ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ପ୍ରୟୋଗ ସଂପର୍କରେ ଆଲୋଚନା କରିବା। ଏହାର ଜନକ ଜିଓଫ୍ରି ହିଂଟନଙ୍କ ମତରେ ଦୂରରୁ ଡାକ୍ତର ଓ ରୋଗୀଙ୍କ ପ୍ରତ୍ୟକ୍ଷ ଅନୁପସ୍ଥିତିରେ ଚିକିତ୍ସା କହନ୍ତୁ କି ଏକ ରିଷ୍ଟ ବେଣ୍ଡ ଦ୍ୱାରା ରକ୍ତଚାପ ଓ ଶର୍କରା ସ୍ତର ମାପି ମେଡିସିନ ସହ କୃତ୍ରିମ ଭାବେ ଇନସୁଲିନ ଯୋଗାଣ ଆଦି କାର୍ଯ୍ୟ ପ୍ରାଥମିକ ଭାବେ ଆରମ୍ଭ ହୋଇ ସାରିଲାଣି। ଆଉ କିଛି ବର୍ଷ ପରେ ଆପଣ ହସପିଟାଲ ଗଲେ ଜଣେ ରୋବୋଟ ଆପଣଙ୍କୁ ସ୍ୱାଗତ ଜଣାଇଲା ପରେ ଆପଣଙ୍କ ହାତରେ ଏକ ପଟି ବାନ୍ଧିଦେବେ ଯଦ୍ୱାରା ଆପଣଙ୍କ ଆଧାର ସହିତ ଲିଙ୍କ ଥିବା ସମସ୍ତ ଡାଟା ସହ ଆପଣଙ୍କ ଫିଙ୍ଗର ପ୍ରିଣ୍ଟ, ଆଖିର ସ୍କାନ ସହ ଡିଏନଏ ସଂପର୍କରେ ସମ୍ପୂର୍ଣ୍ଣ ବିବରଣୀ ଲିପିବଦ୍ଧ କରିନେବ।

ଏହାପରେ ଆପଣ ପ୍ରବେଶ କରିବେ ଏକ ମଡ୍ୟୁଲାର ପରାମର୍ଶ କକ୍ଷରେ ଶୀତତାପ ନିୟନ୍ତ୍ରିତ ବିରାଟ କକ୍ଷର କାନ୍ଥରେ ଲାଗିଥିବା ବିରାଟ ଏଲଇଡି ସ୍କ୍ରିନରେ ଆପଣ ନିଜ ସମ୍ବନ୍ଧରେ ସବୁ ବିବରଣୀ ଦେଖିପାରିବେ। ଆପଣ ବସିଥିବା ଚେଆର ସମ୍ମୁଖ୍ୟରେ ଜଣେ ମଣିଷ ଭଳି ଦିଶୁଥିବା ରୋବୋଟ ଓ ରୋବୋଟିକ ନର୍ସ ଆପଣଙ୍କ ବୁଝି ପାରିଲା ଭଳି ସ୍ୱର ଓ ଭାଷାରେ କଥା ହେଉଥିବା ଆପଣ ଜାଣି ପାରିବେ। ଏହାପରେ ଲେଜର ଛୁଞ୍ଚି ଦ୍ୱାରା ନର୍ସ ଏପରି ରକ୍ତ ଟାଣିବେ ଯେ ଆପଣ ଜାଣିବି ପାରିବେ ନାହିଁ। ଏହାପରେ ରୋବୋଟିକ ନର୍ସ ଜଣକ ମୁହଁରେ ହସ ଖେଳାଇ ଆପଣଙ୍କ ଗୋଡରୁ ମୁଣ୍ଡ ପର୍ଯ୍ୟନ୍ତ ଅଗମେଂଟେଡ ରିଏଲିଟି ପ୍ରୋଗ୍ରାମ୍‌ଡ ସିଷ୍ଟମ ଦ୍ୱାରା ସ୍କାନିଙ୍ଗ କଲାପରେ ଆପଣଙ୍କୁ ବାଟ କଢାଇନେବେ ସିନିଅର ଡାକ୍ତରଙ୍କ ପାଖକୁ। ଏହି କକ୍ଷଟି ଏକ ଏରୋପ୍ଲେନର ଭିତର ଭଳି ଲାଗିବ। ଏଠାରେ ଚେଆରରେ ବସିଲା ପରେ ଗୋଟିଏ ସିଟ ବେଲ୍ଟ ବାନ୍ଧି ଦିଆଯାଏ ଯଦ୍ୱାରା ଆପଣ ୩୬୦ ଡିଗ୍ରୀ ଘୂର୍ଣ୍ଣାୟମାନ ଅବସ୍ଥାରେ କାନ୍ଥରେ ଲାଗିଥିବା ବଡ ସ୍କ୍ରିନରେ ଆପଣଙ୍କ ସମ୍ବନ୍ଧରେ ହୋଇଥିବା ପରୀକ୍ଷଣ ସହିତ ରୋଗ ସମ୍ବନ୍ଧରେ ଜାଣି ପାରିବେ। ମେଡିକାଲ ପଢୁଥିବା ଛାତ୍ରମାନେ ମଧ୍ୟ ଭର୍ଚୁଆଲ ମୋଡରେ ଏଥିରୁ ଶିକ୍ଷା ଗ୍ରହଣ କରିଥାନ୍ତି। ପରବର୍ତ୍ତୀ ଷ୍ଟେସନ ହେଲା ଔଷଧାଳୟ ଯେଉଁଠି କମ୍ପ୍ୟୁଟର ଦ୍ୱାରା ପ୍ରେରିତ ଚିଠାନୁଯାୟୀ ରୋବୋଟ ଫାର୍ମାସିଷ୍ଟ ଔଷଧ ବିତରଣ କରୁଥିବେ। ସେହି ଚିଠାର ଗୋଟିଏ କୋଣରେ ରୋଗୀର ଡିଏନଏ ଅଣୁକୁ ଦର୍ଶା ଯାଇଥାଏ। ଏହାକୁ ଫାର୍ମାକୋ ଜିନୋମିକ୍ସ କୁହାଯାଏ। ଶିଶୁମାନଙ୍କ ଔଷଧକୁ ବିଭିନ୍ନ କାର୍ଟୁନ ଚରିତ୍ରମାନଙ୍କ ପରି ଡିଜାଇନ କରାଯାଇଥାଏ। ଏହି ହସ୍ପିଟାଲ ମାନଙ୍କରେ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗର ୩ଡି ବାୟୋ ପ୍ରିଂଟିଙ୍ଗର ବ୍ୟବସ୍ଥା ମଧ୍ୟ ରହିଥାଏ। ତଦ୍ୱାରା ଔଷଧ ହେଉ, ଷ୍ଟେଂଟ ହେଉ କିମ୍ବା ପ୍ରତିରୋପଣ ପାଇଁ ଆବଶ୍ୟକ ଅଙ୍ଗକୁ ସଠିକ ଆକାର ଏବଂ ଗୁଣବତ୍ତା ରଖି ତିଆରି କରା ଯାଇପାରେ। ବୟସ୍କମାନଙ୍କ କ୍ଷେତ୍ରରେ ରୋବୋଟିକ ସର୍ଜରୀ ଦ୍ୱାରା ହୃତପିଣ୍ଡରେ ରକ୍ତବାହୀ ନଳୀରେ ରକ୍ତ ଜମାଟ ବାନ୍ଧି ଯାଇଥିଲେ ଏକ ଛୋଟ କ୍ୟାମେରାଯୁକ୍ତ ରୋବୋଟିକ ଡିଭାଇସକୁ ସେହି ଛୋଟ ରକ୍ତନଳୀ ଭିତରକୁ ଯିବାକୁ ଦିଆଯାଏ ଯିଏ ସେଠାକାର ପରିସ୍ଥିତି ଅନୁଧ୍ୟାନ କରି, ଫଟୋ ଉଠାଇ ଜମାଟ ବାନ୍ଧିଥିବା ରକ୍ତକୁ ବାହାର କରିଦିଏ କିମ୍ବା ଅତ୍ୟଧିକ ନଷ୍ଟ ହୋଇ ଯାଇଥିବା ରକ୍ତନଳୀ ବଦଳରେ ଗୋଟିଏ ଇଲେକ୍ଟ୍ରନିକ ରକ୍ତ ନଳୀର ପ୍ରତିରୋପଣ ବି କରିପାରେ।


ଅନୁରୂପ ଘଟଣାରେ ଜଣେ ଆଲଝିମର ରୋଗୀଙ୍କ ମସ୍ତିଷ୍କରେ ଏକ କମ୍ପ୍ୟୁଟର ଚିପ ରୋପଣ ଦ୍ୱାରା ବ୍ୟକ୍ତି ଜଣକ ପୁରାତନ ସହ ନୂତନ ସ୍ମୃତି ଶକ୍ତି ବି ଫେରି ପାଉଛନ୍ତି। ବ୍ରେନଷ୍ଟ୍ରୋକ ଦ୍ୱାରା ପୀଡିତ ବ୍ୟକ୍ତି ଶରୀରରେ ଏକ ବ୍ରେନ କମ୍ପ୍ୟୁଟର ଇଂଟରଫେସ ରୋପଣ ଦ୍ୱାରା ପ୍ରାୟତଃ ତାର ପୂର୍ବାବସ୍ଥା ଫେରି ପାଉଛି। ରୋଗୀଙ୍କୁ ଚିକିତ୍ସା ପରବର୍ତ୍ତୀ ସେବା ଯୋଗାଇବା ପାଇଁ ବିଭିନ୍ନ ହସ୍ପିଟାଲ ପକ୍ଷରୁ ସାଇବର୍ଗ ବା ଯନ୍ତ୍ରମାନବୀଙ୍କୁ ଯୋଗାଇ ଦେଉଛନ୍ତି ଯେଉଁମାନଙ୍କ ସେବାର କ୍ଷମତା ମନୁଷ୍ୟ ଅପେକ୍ଷା ଢେର ବହୁଗୁଣ ଉନ୍ନତ ଅଟେ। କୃତ୍ରିମ ବୁଦ୍ଧିମତା ବଳରେ ସାଧାରଣ ମଣିଷକୁ ସୁପର ହ୍ୟୁମାନରେ ବି ପରିବର୍ତ୍ତନ କରା ଯାଇପାରେ। ଶେଷରେ ଜଣେ ମନୁଷ୍ୟ ଡାକ୍ତରଙ୍କ ପାଖରେ ରୋଗୀ ଟିକୁ ଭାର୍ଚୁଆଲରେ ଉପସ୍ଥାପିତ କରାଯାଏ ଯାହାର କାର୍ଯ୍ୟ ହେଲା କମ୍ପ୍ୟୁଟର ଦ୍ୱାରା ପ୍ରେରିତ ଡାଟା ,ରିପୋର୍ଟକୁ ଏକ ଏଆଇ କମ୍ପ୍ୟୁଟେଡ ଆଲଗରିଦମରେ ଦାଖଲ କଲାପରେ ଟିଭି ସ୍କ୍ରିନରେ ନିରୁପିତ ରୋଗ ବାବଦରେ ସବୁ ତଥ୍ୟ ଦେଖାଇ ଦିଅନ୍ତି। ତାପରେ ଏକ କାର୍ଡ ମାଧ୍ୟମରେ ପେମେଣ୍ଟ କଲାପରେ ଆପଣଙ୍କ ସ୍ମାର୍ଟଫୋନରେ ଔଷଧର ନାମ ସହିତ ମାତ୍ରା, ବ୍ୟବହାରର ତରିକା ଆଦି ସଂପର୍କରେ ସମସ୍ତ ତଥ୍ୟ ପ୍ରେରଣ ପୂର୍ବକ ଭବିଷ୍ୟତରେ କେବେ ପୁଣି ଚେକଅପ ପାଇଁ ଆସିବେ ତାକୁ ମଧ୍ୟ ଜଣାଇ ଦିଅନ୍ତି।

ଏ ସମସ୍ତ କଥା ଆପଣଙ୍କୁ କେତେ ସହଜ ଓ ସୁବିଧା ଲାଗୁଥିବ କିନ୍ତୁ ଏଥିପାଇଁ ପଡୁଥିବା ଫିଜ କଥା ଶୁଣିଲେ ଆପଣଙ୍କ ରୋଗ ଆପେ ଭଲ ହୋଇଯିବ। ଅନୁମାନ କରନ୍ତୁ ଏ ବ୍ୟବସ୍ଥା ଲାଗୁହେଲେ କେତେ ବ୍ୟକ୍ତି ବେକାର ବସିବେ। ଆମ ସାମାଜିକ ବ୍ୟବସ୍ଥାର କଣ ହେବ ?

# ଥାଇରଏଡ୍ କ୍ୟାନ୍ସର



ଡକ୍ଟର ପ୍ରେମଚାନ୍ଦ ମହାନ୍ତି




ଶରୀରର ଯେ କୌଣସି ଅଙ୍ଗରେ ହେଉନା କାହିଁକି ଯଦି କ୍ୟାନ୍ସର ବା କର୍କଟ ହୋଇଛି ବୋଲି ଜଣାଯାଏ ତେବେ ମନରେ ଛନକା ପଶିଯାଏ। କାରଣ ଆମ ମନରେ ଗୋଟିଏ ଭ୍ରାନ୍ତ ଧାରଣା ବସା ବାନ୍ଧି ରହିଥାଏ ଯେ କ୍ୟାନ୍ସର ହେଲା ମାନେ ମୃତ୍ୟୁ ଅବଶ୍ୟମ୍ଭାବୀ। କିନ୍ତୁ ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀ ଓ ରୋଗ ଚିହ୍ନଟ ପାଇଁ ଅତି ଉନ୍ନତ ଯନ୍ତ୍ରପାତିର ବ୍ୟବହାର ଏହି ରୋଗର ନିଦାନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଆମ ଶରୀରର ବିଭିନ୍ନ ପ୍ରକ୍ରିୟାକୁ ପ୍ରତ୍ୟକ୍ଷ ରୂପେ ନିୟନ୍ତ୍ରଣ କରୁଥିବା ଏକ ଅନ୍ତଃସ୍ରାବୀ ଗ୍ରନ୍ଥି ରହିଛି ଯାହାକୁ ଥାଇରଏଡ୍ ଗ୍ରନ୍ଥି କୁହାଯାଏ। ଏହା ଏକ ପ୍ରଜାପତି ଆକାରର ଛୋଟ ଗ୍ରନ୍ଥି ଯାହା ବେକର ସମ୍ମୁଖ ଭାଗରେ ତଥା ଆଦାମ୍ସ ଏପଲର ତଳେ ଓ ଷ୍ଟର୍ନମର ଠିକ ଉପରେ ଅବସ୍ଥିତ। ଏହାର ଦୁଇ ଅଂଶ ମଝିରେ ଇସ୍ଥମସ ନାମକ ଥାଇରଏଡ ତନ୍ତୁ ଦ୍ୱାରା ସଂଯୁକ୍ତ ହୋଇଥାଏ। ଏହାର ବାହ୍ୟ ପାର୍ଶ୍ୱରେ ୪ ବା ତତୋଧିକ ଚାଉଳଦାନା ସଦୃଶ ପାରାଥାଇରଏଡ୍ ଗ୍ରନ୍ଥି ରହିଥାଏ। ଏହି ଗ୍ରନ୍ଥିରେ ଥିବା 'ଫଲିକ୍ୟୁଲାର କୋଷ ଗୁଡିକ $T_୩$, $T_୪$, TSH ନାମକ ତିନୋଟି ହରମୋନ କ୍ଷରଣ କରିଥାନ୍ତି। ଏହି ଗ୍ରନ୍ଥିମାନଙ୍କର କାର୍ଯ୍ୟ ହେଲା ଦୈନିକ ୧୦୦ ମାଇକ୍ରୋଗ୍ରାମ୍‌ର $T_୪$ ଏବଂ ୩୦ ମାଇକ୍ରୋଗ୍ରାମ୍‌ର $T_୩$ ପସ୍ତୁତ କରିବା। $T_୩$ର ୨୦% ଏହି ଗ୍ରନ୍ଥି ପ୍ରସ୍ତୁତ କଲା ସମୟରେ ବାକି ଅଂଶ ଥାଇରକ୍ସିନ୍ ରୁ ଆୟୋଡିନକୁ ଅପସାରିତ କରି ଅନ୍ୟ କେତେକ ଥାଇରଏଡାଲ ଟିସୁମାନଙ୍କ ଦ୍ୱାରା ତିଆରି ହୋଇଥାଏ। ଖାଦ୍ୟ ଓ ଜଳରୁ ସଂଗୃହୀତ ଆୟୋଡିନ ଏହି ହରମୋନମାନଙ୍କ ସନ୍ତୁଳନ ରଖିବାରେ ସହାୟକ ହୋଇଥାଏ। ଏତଦବ୍ୟତୀତ କାଲସିଟୋନିନ୍ ନାମକ ଅନ୍ୟ ଏକ ହରମୋନ ଥାଇରଏଡ୍ ଗ୍ରନ୍ଥିରେ ଥିବା ପାରାଫଲିକ୍ୟୁଲାର ବା ସି-ସେଲ୍ସ ନାମକ କୋଷମାନଙ୍କ ଦ୍ୱାରା କ୍ଷରୀତ ହୋଇଥାଆନ୍ତି। ଏହି ଗ୍ରନ୍ଥୀର କାର୍ଯ୍ୟକାରିତା ଆମ ମସ୍ତିଷ୍କରେ ଥିବା ପିଟୁଇଟାରୀ ଗ୍ରନ୍ଥୀ ଦ୍ୱାରା ନିୟନ୍ତିତ ହାଇଥାଏ। ପରୋକ୍ଷଭାବେ ଏହି ଗ୍ରନ୍ଥୀ ମସ୍ତିଷ୍କରେ ଥିବା ହାଇପୋଥାଲାମସରୁ କ୍ଷରଣ ହେଉଥିବା TSH ଦ୍ୱାରା ପରିଚାଳିତ ହୁଏ। ଅନ୍ୟାର୍ଥରେ TSH ବାକି ଦୁଇ ହରମୋନ ପ୍ରସ୍ତୁତି ପାଇଁ ଥାଇରଏଡ୍ ଗ୍ରନ୍ଥୀକୁ ପ୍ରବର୍ତ୍ତାଏ। ଯଦି ଶରୀରରେ ଆବଶ୍ୟକତାଠାରୁ କମ୍ ହରମୋନ କ୍ଷରଣ ହୁଏ ତେବେ ବ୍ୟକ୍ତି ଜଣକ ମାନସିକ ଅବସାଦ, ଦୁର୍ବଳତା, ସ୍ମୃତିଭ୍ରମତା, ମେଦ ଓ ଓଜନ ବୃଦ୍ଧି, ଚର୍ମ ଶୁଖିଲା ହେବା ସହ କୁଣ୍ଡାଇ ହେବା, ଥଣ୍ଡା ଲାଗିବା, କେଶ ଝଡିଯିବା, ଆଣ୍ଠୁଗଣ୍ଠି ଦରଜ ହେବା ଯୌନ ଉଦ୍ଦୀପନା ହ୍ରାସ ପାଇବା, କୋଷ୍ଠ କାଠିନ୍ୟ ଦେଖାଦେବା ଆଦି ଲକ୍ଷଣ ଦର୍ଶାଇଥାନ୍ତି। ଏହାକୁ ହାଇପୋ ଥାଇରଡିଜମ କୁହାଯାଏ। ଠିକ ସେହିପରି ଅତ୍ୟଧିକ ତାପ ସହି ନପାରିବା, ନିଦ ନହେବା, ଛାତି ଧଡଧଡ ହେବା, ଅଣନିଶ୍ୱାସୀ ଲାଗିବା, ନର୍ଭସ ଲାଗିବା, ବାରମ୍ବାର ଝାଡା ଲାଗିବା, ଅବସାଦ ଲାଗିବା, ଅନିୟମିତ ଋତୁସ୍ରାବ ହେବା, ହାତ ଥରିବା, ଓଜନ କମିଯିବା, ମାଂସପେଶୀରେ ଦୁର୍ବଳତା ଦେଖାଦେବା, କେଶ ଝଡିବା, ପଲକ ବିହୀନ ଦୃଷ୍ଟି ଆଦି ହାଇପର ଥାଇରଡିଜମର ଲକ୍ଷଣ ଅଟେ। କେତେକ କ୍ଷେତ୍ରରେ ଶରୀରର ଓଜନ ଅସ୍ୱାଭାବିକ ଭାବେ ବଢ଼ିଯିବା ଲକ୍ଷ୍ୟ କରାଯାଏ। ଏହି ଉଭୟ ପ୍ରକାର ରୋଗରେ ଲକ୍ଷଣ ଗୁଡିକ ଏତେ ମନ୍ଥର ଗତିରେ ହୋଇଥାଏ ଯେ ରୋଗୀଟିଏ ଏହାକୁ ଚିହ୍ନଟ କରି ପାରେନାହିଁ। ମହିଳାଙ୍କ କ୍ଷେତ୍ରରେ ଏହି ପରିବର୍ତ୍ତନ ସବୁକୁ ସହଳ ଜାଣି ହୁଏ। ଅନେକ ଗୁରୁତ୍ୱପୂର୍ଣ କାର୍ଯ୍ୟ ସଂପାଦନରେ ଏହି ଗ୍ରନ୍ଥୀଟି ସହାୟତା କରୁ ଥିବାରୁ ଏହା ସଠିକ ଭାବେ କାର୍ଯ୍ୟ କରିବା ନିହାତି ଜରୁରୀ।

ଥାଇରଏଡ କ୍ୟାନ୍ସର ସେତେ ଅଧିକ ପରିମାଣରେ ଦେଖା ଯାଏନାହିଁ। ଉଦାହରଣ ସ୍ୱରୂପ ସମସ୍ତ ପ୍ରକାରର କ୍ୟାନ୍ସରର ଏକ ଅତି ସୂକ୍ଷ୍ମ ଅଂଶ ରୂପେ ଏହା ଦେଖାଯାଏ ଏବଂ ଏଥିଜନିତ ମୃତ୍ୟୁସଂଖ୍ୟା ୦.୫% ରୁ ବି କମ ଅଟେ। ସମଗ୍ର ବିଶ୍ୱରେ ବର୍ଷକୁ ପ୍ରତି ଏକ ଲକ୍ଷରେ ୨.୩ ଜଣ ମହିଳା ଓ ୦.୯ ଜଣ ପୁରୁଷ ଏହି ରୋଗରେ ପୀଡିତ ହୋଇଥାନ୍ତି। ଏହି ରୋଗ ଚାରୋଟି ରୂପରେ ଦେଖାଯାଏ। ସେଗୁଡିକ ହେଲା ୧) ପାପିଲାରି ୨) ଫଲିକ୍ୟୁଲାର ୩) ଆନାପ୍ଲାଷ୍ଟିକ ଓ ୪) ମେଡୁଲାରୀ ଥାଇରଏଡ କାର୍ସିନୋମା। ଜଣେ ମଣିଷର ୨୦ ରୁ ୩୦ ବର୍ଷ ମଧ୍ୟରେ ପ୍ରାୟ ୭୦-୮୦% ସଂଖ୍ୟକ ପାପିଲାରୀ କାର୍ସିନୋମା ଦେଖାଯାଏ। ଏହି ପ୍ରକାର ରୋଗୀଙ୍କ ମଧ୍ୟରେ ମହିଳାମାନେ ୩ ଭାଗ ହେଲାବେଳେ ପୁରୁଷଙ୍କ ସଂଖ୍ୟା ୧ ଭାଗ ରହିଥାଏ। ଏହାର ସୂତ୍ରପାତ ଥାଇରଏଡ ଫଲିକ୍ୟୁଲାର ସେଲରୁ ଆରମ୍ଭ ହୋଇ ଲସିକା ଗ୍ରନ୍ଥୀ ପର୍ଯ୍ୟନ୍ତ ମାଡି

ଯାଇଥାଏ। ଠିକ ସମୟରେ ଚିକିତ୍ସା କଲେ ଏହା ଠିକ ହୋଇଯାଏ। ୧୦-୧୫% କ୍ଷେତ୍ରରେ ଫଲିକ୍ୟୁଲାର କାର୍ସିନୋମା ବୃଦ୍ଧାବସ୍ଥାରେ ଦେଖାଯାଇଥାଏ। ଏଥିରେ ଆକ୍ରାନ୍ତ ମହିଳା ଓ ପୁରୁଷଙ୍କ ଅନୁପାତ ୨:୧ ଅଟେ। ପ୍ରଥମ ପ୍ରକାର ତୁଳନାରେ ୨ୟ ପ୍ରକାର କ୍ୟାନ୍ସର ଅଧିକ ଭୟଙ୍କର ଅଟେ କାରଣ ଏହା ଦ୍ରୁତ ଗତିରେ ରକ୍ତ ମଧ୍ୟଦେଇ ଫୁସଫୁସ, ଯକୃତ ଓ ଅସ୍ଥିମଜ୍ଜାକୁ ମାଡିଯାଏ। ୬୦ ରୁ ୭୦ ବର୍ଷ ମଧ୍ୟରେ ପ୍ରାୟ ୧୦% ଲୋକଙ୍କଠାରେ ଆନାପ୍ଲାଷ୍ଟିକ କାର୍ସିନୋମା ଦେଖାଯାଇଥାଏ। ଏଠାରେ ପୁରୁଷ ଓ ମହିଳାଙ୍କ ଅନୁପାତ ୧.୫:୧ ଅଟେ। ଏହି ରୋଗ ରକ୍ତ ଓ ଲସିକା ଗ୍ରନ୍ଥୀ ମଧ୍ୟ ଦେଇ ଶରୀରର ଅନ୍ୟ ଅଂଶକୁ ମାଡି ଯାଇଥାଏ। ମେଡୁଲାରୀ କାର୍ସିନୋମା କାଲସିଟୋନିନ୍ ପ୍ରସ୍ତୁତ କରୁଥିବା ପାରା ଫଲିକ୍ୟୁଲାର କିମ୍ବା ସି-କୋଷରୁ ବାହାରିଥାଏ। ଏହି ରୋଗର ୨୫% ଜିନଗତ ଅଟେ। ସମୁଦାୟ ଥାଇରଏଡ କ୍ୟାନ୍ସରର ୩% ଏହି ଜାତୀୟ କ୍ୟାନ୍ସର ଅଟେ ଯାହାକୁ ୧୯୫୯ ମସିହାରେ ପ୍ରଥମେ ଚିହ୍ନଟ କରା ହୋଇଥିଲା। ଏହାର ମୁଖ୍ୟ ଲକ୍ଷଣଗୁଡିକ ହେଲା ତରଳ ଝାଡା ହେବା ଏବଂ ଚର୍ମରେ କୁଣ୍ଡାଇ ହୋଇ ଫଳିଯିବା। ଏହାର ଅନ୍ୟ ଏକ ଲକ୍ଷଣ ହେଲା ବେକ ଓ ଛାତି ପାଖରେ ଥିବା ଲିମ୍ଫାଟିକ ଗ୍ରନ୍ଥୀ ଫୁଲିଯିବା।

**ଏହି ରୋଗ ହୋଇଛି ବୋଲି କିପରି ଜାଣିବା ?** ସାଧାରଣତଃ ଯେଉଁ ପରିବାରରେ ପୂର୍ବରୁ କାହାକୁ ଏହି କ୍ୟାନ୍ସର ଥିବାର ନଜିର ଥିବ ସେମାନଙ୍କର କାହାଠାରେ ବି ଯଦି ବେକରେ କୌଣସି ଫୁଲା ଦେଖାଯାଏ ଯାହା ଧୀରେ ଧୀରେ ବଢ଼ିବାକୁ ଲାଗେ କିମ୍ବା ଲସିକା ଗ୍ରନ୍ଥିରେ ମାଳିରେ ଗୁନ୍ଥା ମୋତି ଭଳି ଛୋଟ ଗୁଳା ସବୁ ଦେଖାଯାଏ, ତାସହିତ ଖାଦ୍ୟ କିମ୍ବା ପାଣି ଗ୍ରହଣ କଲାବେଳେ କଷ୍ଟ ଅନୁଭୁତ ହୁଏ , କଥା ହେଲାବେଳେ ସ୍ୱର ବଦଳିଯିବା, ଥଣ୍ଡା ନହୋଇ ବି ବହୁଦିନ ଧରି କାଶ ଲାଗି ରହିବା, ତଣ୍ଟି ଭିତରେ ଘାଆ ହୋଇ ଦରଜ ହେବା ଏବଂ ବେକର କୌଣସି ଗୋଟିଏ ସ୍ଥାନରେ କିମ୍ବା ପୁରା ବେକ ଫୁଲିଯିବାକୁ ଏ ରୋଗର ପ୍ରାଥମିକ ଲକ୍ଷଣ ରୁପେ ଗ୍ରହଣ କରାଯାଏ। ଏହାକୁ ଚିହ୍ନଟ କରିବାର ସରଳ ଉପାୟ ହେଲା ଗୋଟିଏ ଗ୍ଲାସ୍ ପାଣି ନେଇ ଦର୍ପଣ ଆଗରେ ଛିଡା ହୋଇ ନିଜ ଚକ୍ଷୁକୁ ଥାଇରଏଡ ଗ୍ରନ୍ଥୀ ଥିବା ସ୍ଥାନରେ ନିବଦ୍ଧ ରଖନ୍ତୁ। ତାପରେ ବେକକୁ ପଛକୁ ନୁଆଁଇ ପାଣି ଢୋକିବାକୁ ଚେଷ୍ଟା କରନ୍ତୁ। ଏହି ସମୟରେ ହାତ ଆଙ୍ଗୁଠି ଦ୍ୱାରା ଶ୍ୱାସ ନଳୀର ପାର୍ଶ୍ୱଗୁଡିକୁ ଧୀରେ ଧୀରେ ଚିପିବାକୁ ଚେଷ୍ଟା କରନ୍ତୁ। କିଛି ଅସାଧାରଣ ବୃଦ୍ଧିକୁ ଅନୁଭବ କରୁଛନ୍ତି କି ? ଏହି ପ୍ରକ୍ରିୟା ସହିତ ପାଣି ଢୋକିବାରେ କଷ୍ଟ ଅନୁଭବ କରୁଛନ୍ତି କି। ଏକ ସୁସ୍ଥ ମଣିଷର ଥାଇରଏଡ ଗ୍ରନ୍ଥିଟି କୋମଳ ଓ ମସୃଣ ହୋଇଥାଏ। ଯଦି ଏହି ଗୁଳା ଗୁଡିକର ଆକାର ଗୋଟିଏ ସବୁଜ ମଟର ଛୁଇଁ (ଆକାର ୧ ସେମି ) ହୋଇଥାଏ ତେବେ କ୍ୟାନ୍ସରଟି ପ୍ରଥମ ସୋପାନରେ ଅଛି ବୋଲି ଜାଣି ହୁଏ କିନ୍ତୁ ଯଦି ଏହା ୨ ସେମି ହୁଏ ତେବେ ୨ୟ ସୋପାନ, ଏକ ପେସ୍ତା ବାଦାମ ଆକାର ହେଲେ ୩ୟ ଓ ଗୋଟିଏ ଲେମ୍ବୁର ଆକାର ଥିଲେ ୪ର୍ଥ ସୋପାନରେ ରୋଗୀଟି ଅଛି ବୋଲି ଜାଣିହୁଏ।

ଏହି ରୋଗ ହୁଏ କାହିଁକି ? ଯଦିଓ ଏହି ରୋଗର ସଠିକ କାରଣ ଜଣା ପଡିନାହିଁ ତଥାପି ଅଧିକାଂଶ କ୍ଷେତ୍ରରେ ଏହା ଜିନଗତ ବୋଲି ଅନୁମାନ କରାଯାଏ। କିନ୍ତୁ କୃତ୍ରିମ ଉପାୟରେ ଏହା ବିଭିନ୍ନ କିସମର ବିକୀରଣ ପ୍ରଭାବରୁ ହୋଇଥାଏ ବୋଲି ଏବେ ଅଧିକାଂଶ ଗବେଷକ ମତ ପ୍ରକାଶ କରିଛନ୍ତି। ସେମାନଙ୍କ ମତରେ ଆମେ ଦନ୍ତ ଚିକିତ୍ସକଙ୍କ ପାଖକୁ ଗଲେ ସେମାନେ ବହୁବାର ଏକ୍ସରେ କରିବାକୁ କହିଥାନ୍ତି, କିନ୍ତୁ ଏହା ଠିକ ନୁହେଁ କାରଣ ଏହି ବିକୀରଣ ଆମକୁ ଅଦୃଶ୍ୟ ଥିଲେ ବି ଏହା ଦାନ୍ତମୂଳ ପାଖରେ ଥିବା ଥାଇରଏଡ ଗ୍ରନ୍ଥୀକୁ ପ୍ରଭାବିତ କରି ତା ମଧ୍ୟରେ ଟ୍ୟୁମର ସୃଷ୍ଟି କରେ। ବାରମ୍ବାର ଏକ୍ସରେ କରିବା ଦ୍ୱାରା ଏହାର ପ୍ରଭାବ ବଢ଼ିବଢି ଚାଲେ। ପ୍ରକୃତରେ ଏହି ଏକ୍ସରେ କଲା ସମୟରେ ବେକରେ ଏକ ପଟି ସଦୃଶ ଥାଇରଏଡ ଗାର୍ଡ କିମ୍ବା ସୀସା ବା ବେରିଅମ ଆସ୍ତରଣ ଥିବା ଏକ ବେକପଟି ଲଗାଇବା କଥା। ଏହି ସାବଧାନତାକୁ ପ୍ରାୟତଃ କେହି ମାନନ୍ତି ନାହିଁ। ସେହିପରି ମହିଳାମାନଙ୍କ କ୍ଷେତ୍ରରେ ମାମୋଗ୍ରାଫୀ କଲାବେଳେ ବି ଏକ୍ସରେ ବିକିରଣ ବିଚ୍ଛୁରିତ ହୋଇ ଥାଇରଏଡ ଗ୍ରନ୍ଥୀ ପର୍ଯ୍ୟନ୍ତ ଯାଇ କ୍ୟାନ୍ସରର କାରଣ ସାଜିଥାଏ।

**ଏହାର ଚିକିତ୍ସା :-** ସାଧାରଣ କ୍ୟାନ୍ସର ପରି ଥାଇରଏଡ କ୍ୟାନ୍ସରର ଚିକିତ୍ସା ମଧ୍ୟ ତିନୋଟି ଉପାୟ ଯଥା ସର୍ଜରୀ, କେମୋଥେରାପୀ ଓ ବିକୀରଣ ଦ୍ୱାରା କରା ଯାଇଥାଏ। ରୋଗର ତୀବ୍ରତା ଅନୁଯାୟୀ ଶଲ୍ୟ ଚିକିତ୍ସାରେ ଏହି ଗ୍ରନ୍ଥିର କିଛି ଅଂଶ ବା ସଂପୂର୍ଣ ଗ୍ରନ୍ଥିକୁ ଅପସାରିତ କରି ଦିଆଯାଏ। ରେଡିଓ ଆୟୋଡିନକୁ ଏକ ଥେରାପୀ ଭାବେ ବ୍ୟବହାର କରାଯାଏ। ବେଳେବେଳେ ବାହ୍ୟ ଉତ୍ସରୁ ମଧ୍ୟ ବିକିରଣ ଦେଇ ବଢୁଥିବା କୋଷକୁ ମାରି ଦିଆଯାଏ କିମ୍ବା ତାର ବୃଦ୍ଧିକୁ ରୋକା ଯାଇଥାଏ। ଯେତେବେଳେ ଆୟୋଡିନକୁ କୋଷମାନେ ଗ୍ରହଣ କରନ୍ତି ନାହିଁ କିମ୍ବା ଏହା ଯଦି ଅନ୍ୟ ଅଂଶକୁ ମାଡି ଯାଇଥାଏ ତେବେ ଏହି ଚିକିତ୍ସା ଆପଣାଇବାକୁ ପଡିଥାଏ। ସପ୍ତାହକୁ ୫ ଦିନ ହିସାବରେ ବହୁ ସପ୍ତାହ ପର୍ଯ୍ୟନ୍ତ ଏହାକୁ ଦେବାକୁ ପଡେ। ଯଦି ସର୍ଜରୀ ଦ୍ୱାରା ଥାଇରଏଡ ଗ୍ରନ୍ଥୀକୁ ପୂରା ବାହାର କରିଦିଆଯାଏ ତେବେ ଶରୀର ଆବଶ୍ୟକ ହରମୋନ କ୍ଷରଣ ପାଇଁ ସକ୍ଷମ ହୁଏନାହିଁ, ସେ କ୍ଷେତ୍ରରେ ବାହ୍ୟ ଉତ୍ସରୁ ଲିଭୋଥାଇରକ୍ସିନ ନାମକ ଔଷଧ ଦେବାକୁ ପଡେ। ଏହାକୁ ହରମୋନ ଥେରାପଢ କୁହାଯାଏ। ଦେଖାଯାଇଛି ଯେ ଏହି କ୍ୟାନ୍ସରର ଚିକିତ୍ସା ପାଇଁ କେମୋଥେରାପୀ ସେତେଟା ସହାୟକ ହୋଇ ନଥାଏ କିନ୍ତୁ ଆନାପ୍ଲାଷ୍ଟିକ ଓ ମେଡୁଲାରୀ କ୍ୟାନ୍ସର ପାଇଁ ଏହାକୁ ବିକୀରଣ ଥେରାପୀ ସହ ସଂଯୁକ୍ତ କରି ଦିଆଯାଏ। ଆଜିକାଲି ଟାର୍ଗେଟେଡ ଡ୍ରଗ୍ ଥେରାପୀ ନାମକ ଅନ୍ୟ ଏକ ପ୍ରଣାଳୀରେ ଏହାର ଚିକିତ୍ସା କରା ଯାଉଛି। ଏଠାରେ କାଇନେଜ ଇନହିବିଟର୍ସ ମାନଙ୍କ ଦ୍ୱାରା କୋଷ ମଧ୍ୟରେ ହେଉଥିବା କୋଷବୃଦ୍ଧି ମାଧ୍ୟମକୁ ରୋକି ଦିଆଯାଏ। ତେବେ ଯେ କୌଣସି ପ୍ରଣାଳୀ ଅବଲମ୍ବନ କଲେ ମଧ୍ୟ ଆରୋଗ୍ୟର ସଫଳତା ରୋଗୀର ରୋଗର ସୋପାନ ଓ କେତେଦୂର ତାହା ମାଡିଛି ତା ଉପରେ ନିର୍ଭର କରିଥାଏ।

ଟିକ୍ରାପଡା, ବଲାଙ୍ଗୀର

# ସମ୍ବାଦ ବିଚିତ୍ରା

୧. ଭାରତ ଆର୍ଥିକ ବର୍ଷ ୨୦୨୯-୩୦ ପର୍ଯ୍ୟନ୍ତ ବାର୍ଷିକ ହାରାହାରି ୬.୬ ପ୍ରତିଶତ ହାରରେ ଆଗକୁ ବଢ଼ିବ।

୨. 'ମହାଭାରତ' ସିରିଏଲରେ ଶକୁନି ଭୂମିକାରେ ଅଭିନୟ କରିଥିବା ଗୁଫି ପେଣ୍ଟାଲଙ୍କର ୭୯ ବର୍ଷ ବୟସରେ ଦେହାନ୍ତ ହୋଇଛି।

୩. ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଆମେରିକାରେ ମେ' ମାସରେ ପ୍ରାୟ ୪,୦୦୦ ଲୋକଙ୍କ ଚାକିରି ଛଡ଼ାଇନେଇଛି।

୪. କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ରାଙ୍କିଙ୍ଗ ଫ୍ରେମୱାର୍କ (ଏନଆଇଆରଏଫ୍) ୨୦୨୩ ପ୍ରକାଶ ପାଇଛି। ଶ୍ରେଷ୍ଠ ୫୦ ଗବେଷଣା ଅନୁଷ୍ଠାନ ବର୍ଗରେ ଏନଆଇଟି ରାଉରକେଲା ୨୯ତମ ସ୍ଥାନ, କିଟ୍ ୪୪ତମ ଏବଂ ସୋଆ ୪୯ତମ ସ୍ଥାନରେ ରହିଛି। ଶ୍ରେଷ୍ଠ ୩୦ ଆର୍କିଟେକଚର ଆଣ୍ଡ ପ୍ଲାନିଂରେ ଏନଆଇଟି ରାଉରକେଲା ୮ମ ସ୍ଥାନରେ ଏବଂ ଶ୍ରେଷ୍ଠ ୪୦ କୃଷି ଓ ଆନୁସଙ୍ଗିକ କ୍ଷେତ୍ର ବର୍ଗରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ୨୨ତମ ସ୍ଥାନରେ ରହିଛନ୍ତି।

୫. ଶିଳ୍ପପତି ରତନ ଟାଟାଙ୍କ ଟାଟା ଗ୍ରୁପ୍ ଗୁଜରାଟର ସାନନ୍ଦରେ ଇଲେକ୍ଟ୍ରିକ୍ ଗାଡ଼ି ବ୍ୟାଟେରି ତିଆରି କରିବା ଲାଗି ଏକ କାରଖାନା ସ୍ଥାପନ କରିବ। ସେଥିରେ କଂପାନି ୧୩ ହଜାର କୋଟି ଟଙ୍କା ନିବେଶ କରିବ।

୬. ଭୟାବହ ଟ୍ରେନ ଦୁର୍ଘଟଣାରେ ୨୮୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୦୦୦ ଜଣ ଲୋକଙ୍କ ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି।

୭. ଭାରତକୁ ଅକ୍ଟୋବର, ୨୦୧୯ରୁ ମାର୍ଚ୍ଚ, ୨୦୨୩ ପର୍ଯ୍ୟନ୍ତ ୧୪,୧୮,୭୫୦.୫୫୨୩ କୋଟି ଟଙ୍କାର ଏଫ୍‌ଡିଆଇ ଆସିଛି।

୮. ଦେଶରେ ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାଙ୍କ ଠକେଇ ସଂଖ୍ୟା ୧୩,୩୫୦କୁ ବୃଦ୍ଧି ପାଇଛି। କିନ୍ତୁ ଠକେଇ ରାଶି ୩୦,୨୫୨ କୋଟି ଟଙ୍କାରେ ରହିଛି।

୯. ଚାଇନା ଏହାର ତିଆଙ୍ଗୋଙ୍ଗ୍ ମହାକାଶ କେନ୍ଦ୍ରକୁ ମଙ୍ଗଳବାର ୩ ଜଣ ମହାକାଶଚାରୀଙ୍କୁ ପଠାଇଛି।

୧୦. ଭାରତୀୟ ଗଣତନ୍ତ୍ରର ଇତିହାସରେ ଦେଶକୁ ଏକ ନୂଆ ସଂସଦ ଭବନ ମିଳିଛି।

୧୧. ନୂଆ ସଂସଦ ଭବନର ଉଦଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ ସ୍ୱତନ୍ତ୍ର ସ୍ମାରକୀ ଡାକ ଟିକଟ ଏବଂ ୭୫ ଟଙ୍କିଆ ମୁଦ୍ରା ଉନ୍ମୋଚନ କରିଛନ୍ତି।

୧୨. ଆମେରିକାର ଫୁଲେର୍ଟନ କଲେଜର ସର୍ବକନିଷ୍ଠ ଗ୍ରାଜୁଏଟ୍ କ୍ଲୋଭିସ୍ ହଙ୍ଗ୍ ଏକ ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି। ମାତ୍ର ୧୨ ବର୍ଷ ବୟସରେ ସେ ୫ଟି ଡିଗ୍ରୀ ହାସଲ କରିଛନ୍ତି।

୧୩. ଆସନ୍ତା ଜୁନ ମାସରୁ ମଧୁବାବୁ ପେନସନ୍ ଯୋଜନାରେ ମିଳୁଥିବା ଭତ୍ତା ଆଉ ହୀତାଧିକାରୀ ଆକାଉଣ୍ଟକୁ ଯିବ ନାହିଁ। ଜୁନ ମାସରୁ ଏହା ସମ୍ପୂର୍ଣ୍ଣ ନଗଦ ଆକାରରେ ଦିଆଯିବ।

୧୪. ୨୦୨୨-୨୩ ବର୍ଷ ପାଇଁ ଖାଦ୍ୟ ସୁରକ୍ଷା ସୂଚକାଙ୍କର ପଞ୍ଚମ ସଂସ୍କରଣ ଉନ୍ମୋଚିତ ହୋଇଛି। ଏଥିପାଇଁ ରାଜ୍ୟମାନଙ୍କୁ ତିନିଟି ବର୍ଗରେ ଭାଗ କରାଯାଇଛି। ୧୫ଟି ବୃହତ୍ ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ୧୫ତମ ସ୍ଥାନରେ ରହିଛି।

୧୫. ଖରିଫ ବିପଣନ ଋତୁ ୨୦୨୩-୨୪ ପାଇଁ ସାଧାରଣ ଧାନର କ୍ୱିଣ୍ଟାଲ୍ ପିଛା ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସ୍‌ପି)ରେ ୧୪୩ ଟଙ୍କା ବୃଦ୍ଧି କରାଯାଇଛି। ଫଳରେ ଧାନର ଏମ୍‌ଏସ୍‌ପି ୨୦୪୦ ଟଙ୍କାରୁ ବୃଦ୍ଧି ପାଇ ୨୧୮୩ ଟଙ୍କା ହୋଇଛି।

୧୬. ଯାଜପୁର ରୋଡ ଷ୍ଟେଶନଠାରେ ମାଲବାହୀ ଟ୍ରେନ୍‌ରେ କଟି ୬ ଜଣ ମୃତକଙ୍କ ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କାର ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

୧୭. ଆନ୍ଧ୍ରପ୍ରଦେଶର ଗୋଦାବରୀ ନଦୀରେ ନିର୍ମାଣାଧୀନ ପୋଲାଭରମ୍ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୨,୯୧୧ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି।

୧୮. ୨୦୦୦ ପ୍ରାଥମିକ କୃଷି କ୍ରେଡିଟ ସୋସାଇଟିକୁ ପ୍ରଧାନମନ୍ତ୍ରୀ ଜନ ଔଷଧୀ କେନ୍ଦ୍ର ଖୋଲିବାକୁ ଅନୁମତି ଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଛନ୍ତି।

୧୯. ଦେଶର ପ୍ରମୁଖ ଦୁଇଚକିଆ ଯାନ ନିର୍ମାତା ହିରୋ ମୋଟୋକର୍ପ ୨୦୨୩ ମେ ମାସରେ ୫,୧୯, ୪୭୪ ୟୁନିଟ୍ ମୋଟର ସାଇକେଲ ବିକ୍ରି କରିଛି। ଏପରିକି ୨୦୨୨ ମେ' ମାସ ତୁଳନାରେ କମ୍ପାନୀର ବିକ୍ରି ଅଭିବୃଦ୍ଧି ୭% ରହିଛି।

୨୦. ମାଫିଆ ମୁଖତାର ଅନସାରୀର ଘନିଷ୍ଠ ସହଯୋଗୀ ଗ୍ୟାଙ୍ଗଷ୍ଟର ସଞ୍ଜୀବ ଜୀବାକୁ ଲକ୍ଷ୍ନୌର ସିଭିଲ କୋର୍ଟରେ ଗୁଳି କରି ହତ୍ୟା କରାଯାଇଛି।

୨୧. ସ୍ୱାସ୍ଥ୍ୟସେବାରେ ଓଡ଼ିଶା ଛୁଇଁଛି ଆଉ ଏକ ମାଇଲଖୁଣ୍ଟ। ଆଜି ୧୨୦୫ ଜଣ ନବ ନିଯୁକ୍ତ ଡାକ୍ତରଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



ଧୈର୍ଯ୍ୟ ହେଉଛି ସନ୍ତୋଷର ଚାବି।

# ସାଧାରଣ ଜ୍ଞାନ

## ଜିଲ୍ଲା

୧.ନାମ - ଗଞ୍ଜାମ

୨.ଗଠନ - ୨୧ ଏପ୍ରିଲ୍, ୧୯୩୬

୩.କ୍ଷେତ୍ରଫଳ - ୮୨୦୬ ବର୍ଗ.କି.ମି.

୪.ଜନସଂଖ୍ୟା - ୩୫୨୦୧୫୧ (ପୁରୁଷ - ୧୭୭୭୩୨୪, ମହିଳା - ୧୭୪୨୮୨୭)

୫.ଉପଖଣ୍ଡ - ୩(ଛତ୍ରପୁର, ବ୍ରହ୍ମପୁର, ଭଞ୍ଜନଗର)

୬.ତହସିଲ - ୨୩

୭.ପଞ୍ଚାୟତ ସମିତି କାର୍ଯ୍ୟାଳୟ - ୨୨

୮.ଗ୍ରାମ ପଞ୍ଚାୟତ - ୪୭୫ ୯.ଗ୍ରାମ - ୩୧୯୫

୧୦.ଥାନା - ୩୯

୧୧.ପୌରସଂସ୍ଥା - ୧(ବ୍ରହ୍ମପୁର)

୧୨.ବିଜ୍ଞାପିତ ଅଞ୍ଚଳ ପରିଷଦ - ୧୭

୧୩.ଲୋକସଭା ଆସନ - ୩ (ବ୍ରହ୍ମପୁର, ଆସ୍କା, କନ୍ଧମାଳ (ଭାଗ))

୧୪.ବିଧାନସଭା ଆସନ - ୧୩ (୧୨୩. ଭଞ୍ଜନଗର, ୧୨୪. ପୋଲସରା, ୧୨୫. କବିସୂର୍ଯ୍ୟନଗର, ୧୨୬. ଖଲ୍ଲିକୋଟ, ୧୨୭. ଛତ୍ରପୁର, ୧୨୮. ଆସ୍କା, ୧୨୯. ସୁରଡ଼ା, ୧୩୦. ସାନଖେମୁଣ୍ଡି, ୧୩୧. ହିଞ୍ଜିଳି, ୧୩୨. ଗୋପାଳପୁର, ୧୩୩. ବ୍ରହ୍ମପୁର, ୧୩୪. ଦିଗପହଣ୍ଡି, ୧୩୫. ଚିକିଟି)

୧୫.ସାକ୍ଷରତା ହାର - ୮୩.୮୬% (ପୁରୁଷ - ୮୧.୮୫%, ମହିଳା - ୬୧.୮୪%)

୧୬.ଜନସଂଖ୍ୟା( ୨୦୧୧) - ୩,୫୨୯,୦୩୧

୧୭.ଜନସଂଖ୍ୟା ଘନତ୍ୱ - ୪୩୦/ବର୍ଗ କି.ମି.

୧୮.ଲିଙ୍ଗ ଅନୁପାତ - ୯୮୩ ମହିଳା /୧୦୦୦ ପୁରୁଷ

୧୯.ରାଜସ୍ୱ ନିରୀକ୍ଷକ ମଣ୍ଡଳ - ୧୯୮, ୨୦.ନିଆଁଲିଭା କେନ୍ଦ୍ର - ୧୬

୨୧.ଜଙ୍ଗଲ ଜମି - ୨୨୮୭.୫୯ ବର୍ଗ କି.ମି

୨୨.ହାରାହାରି ତାପମାତ୍ରା - ସର୍ବନିମ୍ନ ୧୪°- ସର୍ବୋଚ୍ଚ ୪୧°

୨୩.ସାଧାରଣ ବୃଷ୍ଟିପାତ - ୧୨୭୬.୨ ମି.ମି.

୨୪.ମୋଟରଯାନ ପଞ୍ଜିକୃତ କୋଡ଼ - ଓ.ଡି.୦୭, ଓ.ଡି.୩୨ (ଭଞ୍ଜନଗର)

୨୫.ପର୍ଯ୍ୟଟନସ୍ଥଳୀ - ଆର୍ଯ୍ୟପଲ୍ଲୀ, ଆଠଗଡ଼ ପାଟଣା, ବ୍ରହ୍ମପୁର, ବୁଗୁଡ଼ା, ଚିଲିକା(ରମ୍ଭା), ଗିରିସୋଲା, ଗୋପାଳପୁର, ହୁମ୍ମା(କଣ୍ଟିଆଗଡ଼), ଜଉଗଡ଼ ବୁଦ୍ଧିଷ୍ଟ ସ୍କ୍ରିନ୍, କୁଲଦା, ମହୁରୀକାଳିଆ

## ABBREVIATION

1. PTI: Press Trust of India
2. OXML: Open Extended Marking Language
3. NTPC: National Thermal Power Corporation
4. NEFT: National Electronic Fund Transfer
5. MEP: Minimum Export Price
6. LAC: Line of Actual Control
7. KPO: Knowledge Process Outsourcing
8. JPC: Joint Parliamentary Committee
9. IDR: Indian Depository Receipts
10. IADF: International Agricultural Development Fund

## ପୁସ୍ତକ

୧. ସମୁଦ୍ର ମନିଷ - ଉପନ୍ୟାସ - ଭୀମ ପୃଷ୍ଟି

୨. କୀଟ ଓ ଅନ୍ୟାନ୍ୟ ଗଳ୍ପ - କ୍ଷୁଦ୍ର ଗଳ୍ପ - ପ୍ରକାଶ ମହାପାତ୍ର

୩. ତନୁଲତାର କବିତା - କବିତା ସଂକଳନ - ସୁନୀଲ କୁମାର ପୃଷ୍ଟି

୪. କିମ୍ବଦନ୍ତୀ - ଡ୍ରାମା ଏବଂ ଏକାଙ୍କିକା - ପ୍ରସନ୍ନ ଦାସ

୫. ମନଛୁଆଁ ଗୀତ - ଶିଶୁ ସାହିତ୍ୟ - ମାନସ ରଂଜନ ସମଲ

1. Collective Spirit, Concrete Action - Shashi Sekhar Vempati
2. Milk and Honey - Rupi Kaur
3. The Golden Years - Ruskin Bond
4. Ringside - Dr. Vijay Darda
5. Crosscourt - Jaidip Mukerjea

## ରାଜ୍ୟ

୧.ନାମ - ଉତ୍ତରାଖଣ୍ଡ

୨.ରାଜ୍ୟପାଳ - ଗୁରମିତ୍ ସିଂହ

୩.ମୁଖ୍ୟମନ୍ତ୍ରୀ - ପୁଷ୍କର ସିଂହ ଧମି

୪.ଗଠନ - ୯ ନଭେମ୍ବର ୨୦୦୦

୫.କ୍ଷେତ୍ରଫଳ - ୫୩,୪୮୩ ବର୍ଗ କି.ମି

୬.ରାଜଧାନୀ - ଡେରାଡୁନ୍

୭.ଲୋକସଭା ଆସନ - ୫

୮.ରାଜ୍ୟସଭା ଆସନ - ୩

୯.ବିଧାନସଭା ଆସନ - ୭୦

୧୦.ମୁଖ୍ୟ ଭାଷା - ହିନ୍ଦୀ

୧୧.ମୁଖ୍ୟ ନୃତ୍ୟ - ଲଙ୍ଗବିର

୧୨.ମୁଖ୍ୟ ପର୍ବ - ହରିଦ୍ୱାର କୁମ୍ଭମେଳା

୧୩.ଜନସଂଖ୍ୟା( ୨୦୧୧) - ୧୦,୧୧୬,୭୫୨(ପୁରୁଷ - ୫,୧୫୪,୧୭୮, ମହିଳା - ୪,୯୬୨,୫୭୪)

୧୪.ଜନସଂଖ୍ୟା ବୃଦ୍ଧିହାର - ୧୯.୧୭%

୧୫.ଜନସଂଖ୍ୟା ଘନତ୍ୱ - ୧୮୯/ବର୍ଗ କି.ମି

୧୬.ଶିଶୁ ଲିଙ୍ଗ ଅନୁପାତ - ୮୮୬ଝିଅ/ ୧୦୦୦ ପୁଅ

୧୭.ଲିଙ୍ଗ ଅନୁପାତ( ୨୦୨୩) - ୯୬୩ମହିଳା/ ୧୦୦୦ ପୁରୁଷ

୧୮.ସାକ୍ଷରତା ହାର( ୨୦୧୩) - ୭୮.୮୨%(ପୁରୁଷ-୮୮.୩୩%, ମହିଳା- ୭୦.୭୦%)

୧୯.ଜିଲ୍ଲା - ୧୩

୨୦.ଗ୍ରାମ - ୧୫,୭୬୧

୨୧.ସହର - ୮୬

୨୨.ଜଙ୍ଗଲ ଜମି - ୩୪,୬୫୨ବର୍ଗ କି.ମି.

୨୩.ପର୍ଯ୍ୟଟନ ସ୍ଥଳୀ - ଗଙ୍ଗୋତ୍ରୀ, ଯମୁନେତ୍ରୀ, ବଦ୍ରିନାଥ, କେଦାରନାଥ, ହରଦ୍ୱାର, ଋଷିକେଶ, ଡ଼େରାଡୁନ,ଚକ୍ରତ, ନୈନିତାଲ, ରାଣୀକ୍ଷେତ, ବାଗେଶ୍ୱର, ଭିମତାଲ

## ସମ୍ମାନ/ପୁରସ୍କାର

୧. ପଣ୍ଡିତ ରାମକିଷନ - ଶତାବ୍ଦୀ ପୁରୁଷ

୨. ଏନ୍ ଚନ୍ଦ୍ରଶେଖର - ଫ୍ରାନସର ସର୍ବୋଚ୍ଚ ନାଗରିକ ପୁରସ୍କାର

୩. ଜୟନ୍ତ ନାର୍ଲିକର - ଗୋବିନ୍ଦ ସ୍ୱରୂପ ଜୀବନ ବ୍ୟାପି ସଫଳତା ପୁରସ୍କାର ୨୦୨୨

୪. ଜର୍ଜୀ ଗୋସପୋଡ଼ିନୋଭ - ଅନ୍ତର୍ଜାତୀୟ ବୁକର ପୁରସ୍କାର

୫. ମାରିଆ ଷ୍ଟୋପାନୋଭା - ଲିପ୍‌ଜିଗ୍ ବୁକ୍ ପୁରସ୍କାର ୨୦୨୩

## ନିଯୁକ୍ତି

୧.ନିର୍ମଳା ଲକ୍ଷ୍ମଣ - ନୂତନ ଚେୟାରମ୍ୟାନ୍- ଦି ହିନ୍ଦୁ ଗୋଷ୍ଠୀ

୨.ସେଲଷ୍ଟେ ସାଉଲୋ - ପ୍ରଥମ ମହିଳା ସଚିବ - ବିଶ୍ୱ ପାଣିପାଗ ସଂଗଠନ

୩.ଅମେରେନ୍ଦୁ ପ୍ରକାଶ - ନୂତନ ଚେୟାରମ୍ୟାନ୍ -ସେଲ (SAIL)

୪.ଅଶ୍ୱନୀ କୁମାର - ନୂତନ ପରିଚାଳନା ନିର୍ଦ୍ଦେଶକ - ୟୁକୋ ବ୍ୟାଙ୍କ

୫.ଅଜୟ ଯାଦବ - ନୂତନ ପରିଚାଳନା ନିର୍ଦ୍ଦେଶକ - **SECI**

## ଦେହାନ୍ତ

୧.ଗୁଫି ପେଣ୍ଟାଲ (୭୮) - ଭାରତୀୟ ଅଭିନେତା

୨.ସୁଲୋଚାନା ଲାଟକର (୯୪) - ଭାରତୀୟ ଅଭିନେତ୍ରୀ

୩.ଆରତୀ ବାରୁଆ (୮୭) - ଭାରତୀୟ ଅଭିନେତ୍ରୀ

୪.ଏସ୍ ପି ହିନ୍ଦୁଜା (୮୭) - ଭାରତୀୟ ବ୍ୟବସାୟୀ (ହିନ୍ଦୁଜା ଗ୍ରୁପ୍)

୭. ସରତ ବାବୁ (୭୧) - ଦକ୍ଷିଣ ଭାରତୀୟ ଅଭିନେତା



ଜଣେ କ'ଣ ଚିନ୍ତା କରୁଛି, ତାହା ଜଣାପଡ଼ିବ ତା' କାର୍ଯ୍ୟରୁ।

## ଓଡ଼ିଶା

୧. 'ବିଷୁବ ପୁରସ୍କାର" କେଉଁ ସଂସ୍ଥା ଦେଇଥାଏ ?
(କ) କେନ୍ଦ୍ର ସାହିତ୍ୟ ଏକାଡ଼େମୀ (ଖ) ଲୋକ ସେବକ ମଣ୍ଡଳ
(ଗ) ପ୍ରଜାତନ୍ତ୍ର ପ୍ରଚାର ସମିତି (ଘ)ଓଡ଼ିଶା ସାହିତ୍ୟ ଏକାଡ଼େମୀ

୨. କେଉଁ ତିନୋଟି ଓଡ଼ିଶାର ବେସରକାରୀ ମେଡ଼ିକାଲ କଲେଜ ଅଟେ ?
(କ) କିମ୍ସ, ହାଇଟେକ, ସମ୍
(ଖ) କିମ୍ସ, ହାଇଟେକ,ଏଆଇ ଆଇ ଏମଏସ
(ଗ) କିମ୍ସ, କାପିଟାଲ ହସପିଟାଲ, ସମସ୍ (ଘ) କେଉଁଟି ନୁହେଁ

୩. ଓଡ଼ିଶାରେ କେତୋଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଛି ?
(କ) ୩୮୮ (ଖ) ୩୭୭ (ଗ) ୩୭୦ (ଘ) ୧୨୨୬

୪. ଓଡ଼ିଶାର କେଉଁ ଜିଲ୍ଲାରେ ସାକ୍ଷରତା ହାର ସର୍ବନିମ୍ନ ଅଟେ ?
(କ) ଜଗତସିଂହପୁର (ଖ) ନବରଙ୍ଗପୁର
(ଗ) କୋରାପୁଟ (ଘ) ଖୋରଧା

୫. ୨୦୧୧ ଜନଗଣନା ଅନୁଯାୟୀ ଲିଙ୍ଗହାରରେ ୧୦୦୦ ପୁରୁଷରେ ମହିଳା ସଂଖ୍ୟା କେଉଁ ଜିଲ୍ଲାରେ ଅଧିକ ଅଟେ ?
(କ) ରାୟଗଡ଼ା (ଖ)ନୟାଗଡ଼
(ଗ)ଖୋରଧା (ଘ) ଗଞ୍ଜାମ

୬. ଓଡ଼ିଶାରେ ମୁନିସପାଲ କରପୋରେସନ ସଂଖ୍ୟା କେତେ ?
(କ) ୨ (ଖ) ୩ (ଗ) ୪ (ଘ) ୫

୭. ଓଡ଼ିଶାର ରାଜ୍ୟସଭା ସଦସ୍ୟମାନଙ୍କ ସଂଖ୍ୟା କେତେ ?
(କ) ୮ (ଖ) ୯ (ଗ) ୧୦ (ଘ) ୧୨

୮. ସମ୍ବଲପୁର ଆର.ଟି.ଓ.ଦ୍ୱାରା ଅନୁମୋଦିତ ମୋଟର ଗାଡ଼ି ନମ୍ବରଗୁଡ଼ିକ କେଉଁ ନମ୍ବରରୁ ଆରମ୍ଭ ହୁଏ ?
(କ) ଓଡ଼ି-୧୪ (ଖ) ଓଡ଼ି-୧୫
(ଗ) ଓଡ଼ି-୧୬ (ଘ) ଓଡ଼ି-୧୯

୯. 'ପ୍ରଧାନ ପାଟ'ଜଳପ୍ରପାତଟି କେଉଁ ଜିଲ୍ଲାରେ ଅବସ୍ଥିତ ଅଟେ ?
(କ) ଦେବଗଡ଼ (ଖ) ସମ୍ବଲପୁର
(ଗ) ରାୟଗଡ଼ା (ଘ) ପୁରୀ

୧୦. National Institute of Science Education and Research (NISER) କ୍ୟାମ୍ପସ୍ କେଉଁଠାରେ ଅଛି ?
(କ) କେନ୍ଦ୍ରାପଡ଼ା (ଖ) ଜଟଣୀ
(ଗ) କଟକ (ଘ) ବ୍ରହ୍ମପୁର

## ଯୁକ୍ତି ପ୍ରଦର୍ଶନ ପରୀକ୍ଷା

୧. ଝୋଟ : କପା : : ପଶମ :
(କ) ଟେରିଲିନ୍ (ଖ) ରେଶମ (ଗ) ରେୟନ (ଘ) ନାଇଲନ୍

୨. AG : IO: : EK : ?
**(କ) MS (ଖ) PV** (ଗ) SY (ଘ) LR

୩. ୮: ୮୧: : ୬୪ : ?
(କ) ୧୨୫ (ଖ) ୧୩୭ (ଗ) ୫୨୫ (ଘ) ୬୨୫

୪. କେଉଁ ଶବ୍ଦଟି ଦଳ ସହ ମେଳ ଖାଉନି ?
(କ) ହିମାଳୟ (ଖ) ରକି (ଗ) କାସ୍ପିଆନ (ଘ) ଆଣ୍ଡିଜ୍

୫. ଯଦି ଆଖି ହାତ ହୁଏ, ହାତ ପାଟି ହୁଏ, କାନ ନାକ ହୁଏ ଏବଂ ନାକକୁ ଜିଭ କୁହାଯାଏ ନିମ୍ନ ଲିଖିତ ମଧ୍ୟରୁ କେଉଁଟିରେ ଜଣେ ଶୁଣି ପାରିବ ?
(କ) ଆଖି (ଖ) ପାଟି (ଗ) ନାକ (ଘ) କାନ

୬. ଗୋଟିଏ ଝିଅ ଗୋଟିଏ ପୁଅକୁ ଦେଖାଇ କହିଲା, ସେ ହେଉଛନ୍ତି ମୋ ମାମୁଙ୍କ ବାପାଙ୍କ ଝିଅର ପୁଅ । ସଂପର୍କରେ ସେ ଝିଅର କ'ଣ ହେବେ ।
(କ) ପୁଅ (ଖ) ବାପା (ଗ) ଭାଇ (ଘ) ଶ୍ୱଶୁର

୭. ଗୋଟିଏ ପରିବାରରେ ଜଣେ ପୁରୁଷ, ତା ସ୍ତ୍ରୀ ଏବଂ ଚାରି ପୁଅ ଓ ତାଙ୍କର ସ୍ତ୍ରୀମାନେ । ପ୍ରତ୍ୟେକ ପୁଅଙ୍କର ଚାରୋଟି ପୁଅ ଓ ଗୋଟିଏ ଝିଅ । ତେବେ ପରିବାରରେ ପୁରୁଷଙ୍କ ସଂଖ୍ୟା କେତେ ?
(କ) ୪ (ଖ) ୮ (ଗ) ୧୨ (ଘ) ୧୭

୮. କେଉଁ ସଂଖ୍ୟା ଯୋଡ଼ିଟି ଅନ୍ୟ ସଂଖ୍ୟା ଯୋଡ଼ିଠାରୁ ଅଲଗା ?
୫୦-୬୬, ୩୨-୬୮, ୬୪-୮୦, ୬୩-୭୭
(କ) ୫୦-୬୬ (ଖ)୩୨-୬୮ (ଗ) ୬୪-୮୦ (ଘ)୬୩-୭୭

୯. ଯଦି ଇଂରାଜୀ ଅକ୍ଷର ଅନୁସାରେ ସଜାଇ ଦିଆଯାଏ, କେଉଁ ଶବ୍ଦଟି ୪ର୍ଥରେ ରହିବ ?
False, Follow, Faithfully, Fool, Falliable
(କ) False (ଖ) Follow (ଗ) Fool (ଘ) Falliable

୧୦. ଯଦି SUMMER କୁ RUNNER କୋଡ଼ ଦିଆଯାଏ, Winterକୁ କ'ଣ କୁହାଯିବ ?
(କ)SUITER (ଖ)VIOUER
(ଗ)WALKER (ଘ)SUFFER

**ଉତ୍ତର**

**୧. (ଗ) ପ୍ରଜାତନ୍ତ୍ର ପ୍ରଚାର ସମିତି , ୨.(କ) କିମ୍ସ, ହାଇଟେକ, ସମ୍, ୩.(ଖ) ୩୭୭, ୪.(ଖ) ନବରଙ୍ଗପୁର, ୫.(କ) ରାୟଗଡ଼ା, ୬.(ଖ) ୩, ୭.(ଗ) ୧୦, ୮.(ଖ) ଓଡ଼ି-୧୫,୯. (କ)ଦେବଗଡ଼, ୧୦.(ଖ) ଜଟଣୀ**

**୧.(ଖ)ରେଶମ, ୨.(କ) MS, ୩.(ଘ)୬୨୫,୪.(ଗ)କାସ୍ପିଆନ, ୫.(ଗ) ନାକ, ୬.(ଗ) ଭାଇ, ୭.(ଘ) ୧୭, ୮.(ଘ)୬୩-୭୭, ୯.(ଖ) Follow, ୧୦.(ଖ) VIOUER**



ତା'ର ମରଣ ପୂର୍ବରୁ ଭୀରୁ ବହୁବାର ମରି ସାରିଥାଏ, ବୀର ଥରେ ମାତ୍ର ମୃତ୍ୟୁର ସ୍ୱାଦ ଅନୁଭବ କରେ ।

## ଇତିହାସ

୧. ଇଂରେଜମାନେ କେବେ ଓଡ଼ିଶା ଅଧିକାର କଲେ ?
(କ)୧୮୦୪ (ଖ)୧୮୦୩ (ଗ)୧୮୪୪ (ଘ)୧୮୨୦

୨. ପାଇକମାନଙ୍କର ସେନାପତି କିଏ ଥିଲେ ?
(କ)ଜୟୀ ରାଜଗୁରୁ (ଖ)ଭଗତ ସିଂହ
(ଗ)ବକ୍ସି ଜଗବନ୍ଧୁ (ଘ)ଦୁଃଖିରାମ

୩. ସିପାହୀ ବିଦ୍ରୋହ କେବେ ହୋଇଥିଲା ?
(କ)୧୮୫୨ (ଖ)୧୮୫୭ (ଗ)୧୮୫୯ (ଘ)୧୮୯୦

୪. ଭାରତୀୟମାନଙ୍କୁ କେଉଁ ଇଂରେଜ ବ୍ୟକ୍ତି ସାହାଯ୍ୟ କରିଥିଲେ ?
(କ)ଲର୍ଡ ହେଷ୍ଟିଙ୍ଗସ୍ (ଖ)ଲର୍ଡ ୱେଲସଲି
(ଗ)ଲର୍ଡ ବେଣ୍ଟିକ୍ (ଘ)ଏ.ଓ. ହିଉମ୍

୫. ଜାତୀୟ କଂଗ୍ରେସର ପ୍ରଥମ ଅଧିବେଶନ ପ୍ରଥମେ କେଉଁଠାରେ ବସିଥିଲା ?
(କ)କଲିକତା (ଖ)ବମ୍ବେ (ଗ)ମାଡ୍ରାସ୍ (ଘ)ଦିଲ୍ଲୀ

୬. କିଏ ଅହିଂସା ଆନ୍ଦୋଳନର କର୍ଣ୍ଣଧାର ଥିଲେ ?
(କ)ସୁଭାଷ ବୋଷ (ଖ)ବଲ୍ଲଭଭାଇ ପଟେଲ
(ଗ)ଜବାହାରଲାଲ ନେହେରୁ (ଘ)ମହାତ୍ମା ଗାନ୍ଧୀ

୭. ଭାରତୀୟମାନେ କେବେଠାରୁ କ୍ରାନ୍ତି ଆନ୍ଦୋଳନ ଚଳାଇବା ଆରମ୍ଭ କଲେ ?
(କ)୧୯୧୭ (ଖ)୧୯୦୩ (ଗ)୧୯୦୫ (ଘ)୧୯୨୦

୮. ଆମ ରାଜ୍ୟର ପାଇକମାନେ କେବେ ଇଂରେଜମାନଙ୍କ ବିରୋଧରେ ଲଢ଼େଇ ଆରମ୍ଭ କଲେ ?
(କ)୧୮୨୫ (ଖ)୧୮୬୨
(ଗ)୧୮୧୭ (ଘ)୧୮୨୨

୯. ସୁଭାଷ ବୋଷଙ୍କ ମତାନୁଯାୟୀ କେଉଁ ନୀତିରେ ଭାରତ ଶୀଘ୍ର ସ୍ୱାଧୀନତା ପାଇବ ?
(କ)ଅହିଂସା ନୀତି (ଖ)ସମର ନୀତି
(ଗ)ଯୁଦ୍ଧ ନୀତି (ଘ)ଚକ୍ରାନ୍ତ ନୀତି

୧୦.୧୯୪୨ରେ କେଉଁ ଆନ୍ଦୋଳନ ଆରମ୍ଭ ହେଲା ?
(କ)ଭାରତ ଛାଡ଼ ଆନ୍ଦୋଳନ (ଖ)ଅସହଯୋଗ ଆନ୍ଦୋଳନ
(ଗ)ଅହିଂସା ଆନ୍ଦୋଳନ (ଘ)ପ୍ରତିହିଂସା ଆନ୍ଦୋଳନ

## ବାଣିଜ୍ୟ

୧. ବ୍ଲୁମବର୍ଗ ବିଲିୟନେୟାର ରିପୋର୍ଟ ଅନୁଯାୟୀ ବିଶ୍ୱର ୧ ନମ୍ବର ଧନୀ ଭାବରେ କିଏ ଏବେ ଅଛନ୍ତି ?
(କ)ଏଲୋନ୍ ମସ୍କ (ଖ)ବର୍ଣ୍ଣାଡ୍ ଆନାଲ୍ଟ
(ଗ)ବିଲ୍ ଗେଟସ୍ (ଘ)ମୁକେଶ ଅମ୍ବାନୀ

୨. ୨୦୧୩-୧୪ ବର୍ଷ ତୁଳାନାରେ ଭାରତର ପ୍ରତିରକ୍ଷା ରପ୍ତାନୀ କେତେ କୋଟି ଟଙ୍କାରେ ପହଞ୍ଚିଛି ?
(କ)୧୪,୦୦୦ (ଖ)୧୫,୦୦୦
(ଗ)୧୬,୦୦୦ (ଘ)୧୭,୦୦୦

୩. କୋଲ୍ ଇଣ୍ଡିଆର କେତେ ପ୍ରତିଶତ ଅଂଶଧନକୁ ଅଫର ଫର ସେଲ ଜରିଆରେ ବିକ୍ରି କରିବେ ?
(କ)୧% (ଖ)୨% (ଗ)୩% (ଘ)୪%

୪. ଭାରତ ବିଶ୍ୱର କେତେ ତମ ବୃହତ୍ତମ ଷ୍ଟକ୍ ବଜାର ଭାବେ ନିଜର ମାନ୍ୟତା ପାଇଛି ?
(କ)୩ୟ (ଖ)୪ର୍ଥ (ଗ)୫ମ (ଘ)୬ଷ୍ଠ

୫. ଭାରତ ବିଶ୍ୱର ବିତ୍ତଶାଳୀ ଦେଶ ନୁହେଁ। ଏହାର ଆୟକର ହାର କେତେ ପ୍ରତିଶତ ସ୍ତରରେ ଅଛି ?
(କ)୩୫% (ଖ)୪୦% (ଗ)୪୧% (ଘ)୪୨%

୬. ଚଳିତ ବର୍ଷ ମାର୍ଚ୍ଚ ମାସରେ କେତେ ଲକ୍ଷ ନୂଆ ମୋବାଇଲ ଗ୍ରାହକ ଯୋଡି ହୋଇଛନ୍ତି ?
(କ)୫୦ ହଜାର (ଖ)୧ ଲକ୍ଷ (ଗ)୧.୧ ଲକ୍ଷ (ଘ)୧.୨ ଲକ୍ଷ

୭. ନବରତ୍ନ ଆଲୁମିନିୟମ କମ୍ପାନୀ ନାଲକୋ ୨୦୨୨-୨୩ ଆର୍ଥିକ ବର୍ଷରେ କେତେ କୋଟି ଟଙ୍କା ରାଜସ୍ୱ ହାସଲ କରିଛି ?
(କ)୧୫୦୦ (ଖ)୧୫୨୦ (ଗ)୧୫୩୦ (ଘ)୧୫୪୪

୮. ଓଡ଼ିଶାରେ ଏଫ୍ ଡିଆଇର (ପ୍ରତ୍ୟକ୍ଷ ବିଦେଶ ପୁଞ୍ଜି ଲଗାଣ) ମାର୍ଚ୍ଚ ୩୧,୨୦୨୩ ରେ କେତେ ପ୍ରତିଶତ ଅଛି ?
(କ)୦.୦୪ (ଖ)୦.୦୮ (ଗ)୦.୦୯ (ଘ)୦.୧

୯. ୧୯ କେଜି କମର୍ସିଆଲ ସିଲିଣ୍ଡର ମୂଲ୍ୟ କେତେ ଟଙ୍କା ଜୁନ ୧, ୨୦୨୩ରୁ କମିଛି ?
(କ)୭୩.୫୦ (ଖ)୬୩.୫୦ (ଗ)୫୩.୫୦ (ଘ)୮୩.୫୦

୧୦. ପତଞ୍ଜଳୀ ଫୁଡ୍ସ୍ ୨୦୨୨-୨୩ ଆର୍ଥିକ ବର୍ଷରେ ଟିକସ ପୂର୍ବବର୍ତ୍ତୀ ଲାଭ (ପିବିଟି) କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ)୮୭% (ଖ)୯୭% (ଗ)୧୦.୭% (ଘ)୧୧%

**ଉତ୍ତର**

**୧.(ଖ)୧୮୦୪, ୨.(କ)ଜୟୀ ରାଜଗୁରୁ , ୩.(ଖ)୧୮୫୭, ୪.(ଘ)ଏ.ଓ. ହିଉମ୍, ୫.(ଖ)ବମ୍ବେ, ୬.(ଘ)ମହାତ୍ମା ଗାନ୍ଧୀ, ୭.(ଗ)୧୯୦୫, ୮.(ଗ)୧୮୧୭ , ୯.(ଗ)ପ୍ରତିହିଂସା ନୀତି, ୧୦.(କ)ଭାରତ ଛାଡ଼ ଆନ୍ଦୋଳନ**

**୧.(କ)ଏଲୋନ୍ ମସ୍କ, ୨.(ଗ)୧୬,୦୦୦, ୩.(ଗ)୩%, ୪.(ଗ)୫ମ, ୫.(ଖ)୪୦%, ୬.(ଗ)୧.୧ ଲକ୍ଷ, ୭.(ଘ)୧୫୪୪, ୮.(ଖ)୦.୦୮, ୯.(ଘ)୮୩.୫୦, ୧୦.(ଖ)୯୭%**



ଜଣେ ଯେଉଁ ଭାଷା ବ୍ୟବହାର କରେ, ସେଥିରୁ ତା'ର ଚରିତ୍ର ଓ ସଂସ୍କୃତି ଜଣା ପଡ଼ିବ।

## ଅର୍ଥନୀତି

୧. ପାନ୍ ଓ ଆଧାର ଲିଙ୍କ୍ ସମୟ ସୀମା କେତେ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ?
(କ)ଜୁନ୍ ୩୦ (ଖ)ଜୁଲାଇ ୩୧
(ଗ)ଅଗଷ୍ଟ ୩୦ (ଘ)ସେପ୍ଟେମ୍ବର ୩୧

୨. ମଇ ୨୮ ତାରିଖରେ କେତେ ଟଙ୍କାର ଏକ ମୁଦ୍ରା ନୂତନ ସଂସଦ ଭବନରେ ଉଦ୍‌ଘାଟିତ ହୋଇଛି ?
(କ)୭୦ ଟଙ୍କା (ଖ)୭୫ ଟଙ୍କା (ଗ)୮୫ ଟଙ୍କା (ଘ)୯୦ ଟଙ୍କା

୩. ମେ, ୨୦୨୩ ରେ ଜିଏସ୍‌ଟି ଆଦାୟ ପୂର୍ବମାସ ତୁଳନାରେ କେତେ ପ୍ରତିଶତ ବୃଦ୍ଧି ପାଇଛି ?
(କ)୧୧% (ଖ)୧୨% (ଗ)୧୩ % (ଘ)୧୪%

୪. ନିକଟରେ କେତେ ଟଙ୍କାର ନୋଟକୁ ରିଜର୍ଭବ୍ୟାଙ୍କ ଅଚଳକରି ବଦଳାଇବା ଘୋଷଣା କରିଛନ୍ତି ?
(କ)୫୦୦ ଟଙ୍କା (ଖ)୨୦୦ ଟଙ୍କା
(ଗ)୨୦୦୦ ଟଙ୍କା (ଘ)କୌଣସିଟି ନୁହେଁ

୫. ଭାରତର ୨୦୨୨-୨୩ରେ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ଅନୁସାରେ ୨୦୨୨-୨୩ କେତେ ପ୍ରତିଶତ ରହିଛି ?
(କ)୫.୯ (ଖ)୬.୭ (ଗ)୭.୧ (ଘ)୭.୨

୬. ଦେଶରେ ସହରାଞ୍ଚଳରେ ବେକାରୀ ସଂଖ୍ୟା ଅକ୍ଟୋବର - ଡିସେମ୍ବର ୨୦୨୨ ତୁଳନାରେ ଜାନୁଆରୀ - ମାର୍ଚ୍ଚ ୨୦୨୩ କେତେ ପ୍ରତିଶତକୁ ଖସି ଆସିଛି ?
(କ)୭.୨ (ଖ)୬.୮ (ଗ)୫.୮ (ଘ)୪.୮

୭. ୨୦୦୦ ଟଙ୍କିଆ ନୋଟ ବ୍ୟାଙ୍କରେ ମେ ୨୩ ତାରିଖକୁ କେତେ ତାରିଖ ପର୍ଯ୍ୟନ୍ତ ବଦଳାଯାଇ ପାରିବ ?
(କ)ଜୁନ୍ ୩୦ (ଖ)ଜୁଲାଇ ୩୧
(ଗ)ଅଗଷ୍ଟ ୩୦ (ଘ)ସେପ୍ଟେମ୍ବର ୩୦

୮. ଭାରତ ଆର୍ଥିକବର୍ଷ ୨୦୨୯-୩୦ ପର୍ଯ୍ୟନ୍ତ ବାର୍ଷିକ କେତେ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଆକଳନ କରାଯାଇଛି ?
(କ)୫.୬ (ଖ)୬.୦ (ଗ)୬.୬ (ଘ)୭.୦

୯. ୨୦୨୨-୨୩ ଆର୍ଥିକ ବର୍ଷରେ ସମସ୍ତ ୧୨ଟି ସରକାରୀ ବ୍ୟାଙ୍କ କେତେ ଗୁଣ ଅଧିକ ଲାଭାଂଶ ପାଇବ ବୋଲି ଆଶା କରାଯାଇଛି ?
(କ)୧ ଗୁଣା (ଖ)୨ ଗୁଣା (ଗ)୩ ଗୁଣା (ଘ)୪ ଗୁଣା

୧୦. ଭାରତର ମୋଟ ଘରୋଇ ଡିଡିପି ଅଭିବୃଦ୍ଧି ହାର ୨୦୨୨-୨୩ ବର୍ଷରେ କେତେ ପ୍ରତିଶତକୁ ହ୍ରାସ ପାଇଛି ?
(କ)୯.୨% (ଖ) ୮.୭% (ଗ)୭.୧% (ଘ)୭.୨%

## କ୍ରୀଡ଼ା

୧. ୨୦୨୨ରେ ବିଶ୍ୱ ବ୍ୟାଡମିଣ୍ଟନର ପୁରୁଷ ଦଳଗତ ପ୍ରତିଯୋଗିତା ଥମାସ୍ କପରେ କେଉଁ ଦେଶ ଚାମ୍ପିଆନ ହୋଇଥିଲା ?
(କ) ଭାରତ (ଖ) ଇଣ୍ଡୋନେସିଆ (ଗ) ଡେନମାର୍କ (ଘ) ଜାପାନ

୨. ୨୦୨୨ରେ ବିଶ୍ୱ ବ୍ୟାଡମିଣ୍ଟନର ମହିଳା ଦଳଗତ ପ୍ରତିଯୋଗିତା ଉବେର୍ କପରେ କେଉଁ ଦେଶ ଚାମ୍ପିଆନ ହୋଇଥିଲା ?
(କ) ଚୀନ (ଖ) ଥାଇଲାଣ୍ଡ (ଗ) ଜାପାନ (ଘ) ଦକ୍ଷିଣ କୋରିଆ

୩. ମେ ୨୦୨୩ରେ ଚୀନରେ ଅନୁଷ୍ଠିତ ବିଶ୍ୱ ବ୍ୟାଡମିଣ୍ଟନର ମିଶ୍ରିତ ଦଳଗତ ପ୍ରତିଯୋଗିତାରେ କେଉଁ ଦେଶ ଚାମ୍ପିଆନ ହୋଇଛି ?
(କ) ଇଣ୍ଡୋନେସିଆ (ଖ) ଚୀନ (ଗ) ଜାପାନ (ଘ) ମାଲେସିଆ

୪. ମେ ୨୦୨୩ରେ ଅନୁଷ୍ଠିତ ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଭାରତର କେଉଁ ଖେଳାଳି ଚାମ୍ପିଆନ୍ ହୋଇଛନ୍ତି ?
(କ) କିଡାମ୍ବି ଶ୍ରୀକାନ୍ତ (ଖ) ଏଚ.ଏସ. ପ୍ରଣୟ
(ଗ) ଲକ୍ଷ୍ୟ ସେନ (ଘ) ପି.ଭି. ସିନ୍ଧୁ

୫. ୨୦୨୨ ଓ ୨୦୨୩ର ବିଶ୍ୱ ମହିଳା ବକ୍ସିଂ ଚାମ୍ପିଆନଶିପ୍‌ରେ କ୍ରମାଗତ ଦୁଇଟି ସ୍ୱର୍ଣ୍ଣ ଜିଣିଥିବା ଭାରତୀୟ ଖେଳାଳିଙ୍କ ନାମ କଣ ?
(କ) ନୀତୁ ଘାଂଗାସ୍ (ଖ) ଲଭ୍‌ଲୀନା ବରଗୋହାଇଁ
(ଗ) ନିଖତ୍ ଜରୀନ୍ (ଘ) ଏମ୍.ସି. ମେରୀକମ୍

୬. ୨୦୨୩ର ଇଣ୍ଡିଆନ୍ ପ୍ରିମିୟର ଲିଗ୍ କ୍ରିକେଟରେ କେଉଁ ଦଳ ଚାମ୍ପିଆନ୍ ଆଖ୍ୟା ଅର୍ଜନ କରିଛି ?
(କ) ଗୁଜରାଟ୍ ଟାଇଟାନ୍ସ (ଖ) ଚେନ୍ନାଇ ସୁପରକିଙ୍ଗ୍‌ସ
(ଗ) ମୁମ୍ବାଇ ଇଣ୍ଡିଆନ୍ସ (ଘ) ଲକ୍ଷ୍ନୌ ସୁପର୍ ଜିଆଣ୍ଟସ୍

୭. ଅହମଦାବାଦରେ ଖେଳାଯାଇଥିବା ୨୦୨୩ର ଆଇ.ପି.ଏଲ୍. ଫାଇନାଲରେ କିଏ ସର୍ବଶ୍ରେଷ୍ଠ ଖେଳାଳିର ପୁରସ୍କାର ଜିତିଛନ୍ତି ?
(କ) ସାଇ ସୁଦର୍ଶନ (ଖ) ରବୀନ୍ଦ୍ର ଜାଡେଜା
(ଗ) ମୋହିତ ଶର୍ମା (ଘ) ଡେଭନ୍ କନୱେ

୮. ୨୦୨୩ର ଆଇ.ପି.ଏଲ୍. ପ୍ରତିଯୋଗିତାରେ କିଏ ସର୍ବାଧିକ ୮୯୦ରନ୍ ସଂଗ୍ରହ କରି ଅରେଞ୍ଜ୍ କ୍ୟାପ୍ ହାସଲ କରିଛନ୍ତି ?
(କ) ଶୁବମନ ଗିଲ୍ (ଖ) ଫାଫ୍ ଡୁ ପ୍ଲେସି
(ଗ) ବିରାଟ କୋହଲୀ (ଘ) ଡେଭନ୍ କନ୍‌ୱେ

୯. ୨୦୨୩ର ଆଇ.ପି.ଏଲ୍. ପ୍ରତିଯୋଗିତାରେ କିଏ ସର୍ବାଧିକ ୨୮ଟି ୱିକେଟ୍ ନେଇ ପର୍ପଲ୍ କ୍ୟାପ୍ ହାସଲ କରିଛନ୍ତି ?
(କ) ମୋହିତ ଶର୍ମା (ଖ) ରଶିଦ୍ ଖାନ୍
(ଗ) ପୀୟୂଷ ଚାୱଲା (ଘ) ମହମ୍ମଦ ସମ୍ମି

୧୦. ମେ-୨୦୨୩ରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ତୃତୀୟ ସଂସ୍କରଣ କେଉଁ ରାଜ୍ୟରେ ଅନୁଷ୍ଠିତ ହୋଇଛି ?
(କ) ମହାରାଷ୍ଟ୍ର (ଖ) କର୍ଣ୍ଣାଟକ
(ଗ) ଉତ୍ତର ପ୍ରଦେଶ (ଘ) ମଧ୍ୟପ୍ରଦେଶ

**ଉତ୍ତର**

**୧.(କ)ଜୁନ୍ ୩୦, ୨.(ଖ)୭୫ ଟଙ୍କା, ୩.(ଖ)୧୨%, ୪.(ଗ)୨୦୦୦ ଟଙ୍କା, ୫.(ଘ)୭.୨, ୬.(ଖ)୬.୮, ୭.(ଘ)ସେପ୍ଟେମ୍ବର ୩୦, ୮.(ଗ)୬.୬, ୯.(ଖ)୨ ଗୁଣା , ୧୦.(ଘ)୭.୨%**

**୧.(କ) ଭାରତ, ୨.(ଘ) ଦକ୍ଷିଣ କୋରିଆ, ୩.(ଖ) ଚୀନ, ୪.(ଖ) ଏଚ.ଏସ. ପ୍ରଣୟ, ୫.(ଗ) ନିଖତ୍ ଜରୀନ୍, ୬.(ଖ) ଚେନ୍ନାଇ ସୁପର କିଙ୍ଗ୍‌ସ, ୭.(ଘ) ଡେଭନ୍ କନୱେ, ୮.(କ) ଶୁବମନ ଗିଲ୍, ୯. (ଘ) ମହମ୍ମଦ ସମ୍ମି, ୧୦.(ଗ) ଉତ୍ତର ପ୍ରଦେଶ**



କ୍ରୋଧ ଯେତେବେଳେ ଦ୍ୱାର ଦେଶରେ ଉପସ୍ଥିତ ହୋଇଯାଏ, ବିବେକ ଘର ଛାଡ଼ି ପଳାଏ।

## ସାହିତ୍ୟ, କଳା ଓ ସଂସ୍କୃତି

୧.ନିକଟରେ ମୃତ୍ୟୁବରଣ କରିଥିବା ଜାପାନର ପ୍ରସିଦ୍ଧ ସାହିତ୍ୟିକ କେଞ୍ଜାବୁରୋ ଓଏ କେଉଁ ବର୍ଷ ନୋବେଲ ପୁରସ୍କାର ପାଇଥିଲେ ?
(କ) ୧୯୯୦ (ଖ) ୧୯୯୪ (ଗ) ୧୯୯୯ (ଘ) ୨୦୦୧

୨. ନିମ୍ନଲିଖିତ ବିଶ୍ୱପ୍ରସିଦ୍ଧ ଇଂରାଜୀ ସାହିତ୍ୟିକମାନଙ୍କ ମଧ୍ୟରୁ କାହାର ଜନ୍ମ ହିମାଚଳ ପ୍ରଦେଶର କସୌଲୀରେ ହୋଇଥିଲା ?
(କ) ବିକ୍ରମ ସେଠ୍ (ଖ) ମୁଲକରାଜ ଆନନ୍ଦ
(ଗ) ଚେତନ ଭଗତ (ଘ) ରସ୍କିନ୍ ବଣ୍ଡ

୩. ୧୯୦୭ ମସିହାରେ ସାହିତ୍ୟ କ୍ଷେତ୍ରରେ ନୋବେଲ୍ ପୁରସ୍କାର ପ୍ରାପ୍ତ ରୁଡିୟାଡ଼ କିପ୍ଲିଙ୍ଗଙ୍କ ଜନ୍ମ କେଉଁ ଦେଶରେ ହୋଇଥିଲା ?
(କ) ଇଂଲାଣ୍ଡ (ଖ) କାନାଡ଼ା (ଗ) ଭାରତ (ଘ) ଅଷ୍ଟ୍ରେଲିଆ

୪. ଏଥି ମଧ୍ୟରୁ କେଉଁ କାବ୍ୟଟି ରାଧାନାଥ ରାୟଙ୍କ ରଚନା ନୁହେଁ?
(କ) ଦରବାର (ଖ) ମହାଯାତ୍ରା (ଗ) ଇନ୍ଦୁମତୀ (ଘ) ଚନ୍ଦ୍ରଭାଗା

୫. ଜାବ୍ରୋ ନାମକ ନୃତ୍ୟଟି କେଉଁ କେନ୍ଦ୍ରଶାସିତ ପ୍ରଦେଶର ଏକ ପ୍ରସିଦ୍ଧ ଲୋକନୃତ୍ୟ ଅଟେ ?
(କ) ଜମ୍ମୁ କାଶ୍ମୀର (ଖ) ଆଣ୍ଡାମାନ ଓ ନିକୋବର
(ଗ) ଲଦ୍ଦାଖ୍ (ଘ) ଲାକ୍ଷାଦ୍ୱୀପ

୬. ପ୍ରସିଦ୍ଧ କାମାକ୍ଷା ମନ୍ଦିର ଆସାମର କେଉଁ ସହରରେ ରହିଛି ?
(କ) ଗୁଆହାଟି (ଖ) ଡିବ୍ରୁଗଡ଼ (ଗ) ଜୋରହାଟ (ଘ) ସିଲଚର

୭. 'ଦି ଲାଷ୍ଟ ସପର୍' ଓ 'ମୋନାଲିସା' ଭଳି ବିଶ୍ୱ ପ୍ରସିଦ୍ଧ ଚିତ୍ରର ସ୍ରଷ୍ଟା ଲିଓନାର୍ଡୋ ଦା ଭିଂଚି କେଉଁ ଦେଶର ଜଣେ ଖ୍ୟାତନାମା ଚିତ୍ରକର ତଥା ସ୍ଥପତି ଥିଲେ ?
(କ) ଫ୍ରାନ୍ସ (ଖ) ଇଟାଲୀ (ଗ) ଜର୍ମାନୀ (ଘ) ସ୍ପେନ୍

୮. ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଦିନ ପହଣ୍ଡି ସମୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ମଥାରେ ଲାଗିଥିବା ମୁକୁଟକୁ କ'ଣ କୁହାଯାଏ ?
(କ) କିରୀଟ (ଖ) ତଡ଼ପ (ଗ) ବାଙ୍କଚୁଳ (ଘ) ଟାହିଆ

୯. ଗୁଣ୍ଡିଚା ମନ୍ଦିରରେ ରହିବା ସମୟରେ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା କେଉଁ ମଣ୍ଡପରେ ଅବସ୍ଥାନ କରନ୍ତି ?
(କ) ଗୁଣ୍ଡିଚା ମଣ୍ଡପ (ଖ) ଇନ୍ଦ୍ରଦ୍ୟୁମ୍ନ ମଣ୍ଡପ
(ଗ) ଆଡ଼ପ ମଣ୍ଡପ (ଘ) ରତ୍ନ ମଣ୍ଡପ

୧୦. ଓଡ଼ିଶାର ପ୍ରସିଦ୍ଧ ରଜ ପର୍ବ କେତେଦିନ ଧରି ପାଳନ କରାଯାଏ ?
(କ) ଚାରିଦିନ (ଖ) ତିନିଦିନ (ଗ) ଦୁଇଦିନ (ଘ) ପାଞ୍ଚଦିନ

## ଭୂଗୋଳ

୧. କେଉଁଟି ଏକ ମାନବକୃତ ସମ୍ବଳ ଅଟେ ?
(କ)ମୃତ୍ତିକା (ଖ)ଝରଣା ଜଳ (ଗ) ଅରଣ୍ୟ (ଘ) ଔଷଧ

୨. ଜେଜେ ମାଆଙ୍କ ଜଡ଼ିବୁଟି ଔଷଧ କେଉଁ ସମ୍ବଳର ଅନ୍ତର୍ଗତ ?
(କ)ଜୈବ ସମ୍ବଳ (ଖ)ସର୍ବବ୍ୟାପୀ ସମ୍ବଳ
(ଗ)ସ୍ଥାନୀୟ ସମ୍ବଳ (ଘ)ଆର୍ଥିକ ମୂଲ୍ୟ ନଥିବା ସମ୍ବଳ

୩. କେଉଁ ବିଦ୍ୟା ଜଳବିଦ୍ୟୁତ୍ ଶକ୍ତିକୁ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବଳରେ ପରିଣତ କରିପାରିଛି ?
(କ)ପ୍ରଯୁକ୍ତି ବିଦ୍ୟା (ଖ)ନବୀକରଣ ବିଦ୍ୟା
(ଗ)ସଂରକ୍ଷଣ ବିଦ୍ୟା (ଘ)ପୁନଃଚକ୍ରୀକରଣ ବିଦ୍ୟା

୪. କେଉଁ ସମ୍ବଳ ସର୍ବବ୍ୟାପୀ ଅଟେ ?
(କ)ଜଳ (ଖ)ଭୂମି (ଗ)ମାନବ ସମ୍ବଳ (ଘ)ସମସ୍ତ

୫. ସୌନ୍ଦର୍ଯ୍ୟପୂର୍ଣ୍ଣ ଭୂମିରୂପ କେଉଁ ସମ୍ବଳର ଅନ୍ତର୍ଗତ ?
(କ)ମୂଲ୍ୟଯୁକ୍ତ (ଖ)ମୂଲ୍ୟହୀନ (ଗ) ପ୍ରଚ୍ଛନ୍ନ (ଘ)ପ୍ରକୃତ

୬. ପ୍ରାକୃତିକ ପରିବେଶରୁ ମିଳୁଥିବା ସମ୍ବଳକୁ କେଉଁ ସମ୍ବଳ କୁହାଯାଏ ?
(କ)ପ୍ରାକୃତିକ (ଖ)ମାନବୀୟ (ଗ)ମାନବ (ଘ)ବିକଶିତ

୭. ସୌରଶକ୍ତି କେଉଁ ସମ୍ବଳର ଅନ୍ତର୍ଗତ ?
(କ)ନବୀକରଣଯୋଗ୍ୟ (ଖ)ନବୀକରଣଅଯୋଗ୍ୟ
(ଗ)ସର୍ବବ୍ୟାପୀ (ଘ)ସ୍ଥାନୀୟ

୮. ମଫସଲ ଅଞ୍ଚଳରେ ଆଦୃତ ହେଲାଭଳି ଦୁଇଟି ଶକ୍ତି ଉତ୍ସର ନାମ ଲେଖ ?
(କ)ଜାଳେଣି କାଠ (ଖ)ବାୟୋଗ୍ୟାସ୍
(ଗ)ଉଭୟ କ ଓ ଖ (ଘ)ବିଦ୍ୟୁତ୍ ଶକ୍ତି

୯. କେଉଁ ରାଜ୍ୟରେ ଅଭ୍ର ଖଣି ନାହିଁ ?
(କ)ରାଜସ୍ଥାନ (ଖ)ଝାଡ଼ଖଣ୍ଡ (ଗ)ଗୋଆ (ଘ)କର୍ଣ୍ଣାଟକ

୧୦. ମେରୁ ଅଞ୍ଚଳରେ କେଉଁ ପ୍ରକାର ଉଦ୍ଭିଦ ଦେଖିବାକୁ ମିଳେ ?
(କ)ସୁନ୍ଦରବନ (ଖ)ତୃଣ ଉଦ୍ଭିଦ
(ଗ)କଣ୍ଟାଜାତୀୟ (ଘ)ଶିଉଳି, ହିମଗୁଳ୍ମ

### ଉତ୍ତର

**୧.(ଖ) ୧୯୯୪, ୨.(ଘ) ରସ୍କିନ୍ ବଣ୍ଡ, ୩.(ଗ) ଭାରତ, ୪.(ଗ) ଇନ୍ଦୁମତୀ, ୫.(ଗ) ଲଦ୍ଦାଖ୍, ୬.(କ) ଗୁଆହାଟି, ୭.(ଖ) ଇଟାଲୀ, ୮.(ଘ) ଟାହିଆ, ୯.(ଗ) ଆଡ଼ପ ମଣ୍ଡପ, ୧୦.(କ) ଚାରିଦିନ**

**୧.(ଘ) ଔଷଧ, ୨.(ଘ)ଆର୍ଥିକ ମୂଲ୍ୟ ନଥିବା ସମ୍ବଳ, ୩.(କ)ପ୍ରଯୁକ୍ତି ବିଦ୍ୟା, ୪.(ଘ)ସମସ୍ତ, ୫.(ଖ)ମୂଲ୍ୟହୀନ, ୬.(କ)ପ୍ରାକୃତିକ, ୭.(ଗ)ସର୍ବବ୍ୟାପୀ, ୮.(ଗ)ଉଭୟ କ ଓ ଖ, ୯.(ଗ)ଗୋଆ, ୧୦.(ଘ)ଶିଉଳି, ହିମଗୁଳ୍ମ**



ମନୁଷ୍ୟଠାରେ ସଦ୍‌ବୁଦ୍ଧି ନ ଥିଲେ ବିଜ୍ଞାନ ମନୁଷ୍ୟକୁ ଦୁଃଖ ହିଁ ଦେବ।

## ରାଷ୍ଟ୍ରଶାସନ ବ୍ୟବସ୍ଥା

୧. କେଉଁ ଶାସନକଳଟି ଗ୍ରାମ ଓ ସହରମାନଙ୍କରେ ବାସ କରୁଥିବା ଲୋକମାନଙ୍କ ପାଇଁ କାର୍ଯ୍ୟ କରୁଛି ?
(କ)ଗ୍ରାମପଞ୍ଚାୟତ (ଖ)ରାଜ୍ୟ ଶାସନ
(ଗ)କେନ୍ଦ୍ର ଶାସନ (ଘ)ଜିଲ୍ଲା ପରିଷଦ

୨. କେଉଁମାନଙ୍କର ନାଏବ ସରପଞ୍ଚଙ୍କୁ ନିର୍ବାଚିତ କରିବାର ଅଧିକାର ରହିଛି ?
(କ)ଗ୍ରାମବାସୀ (ଖ)ସରପଞ୍ଚ (ଗ)ସମ୍ପାଦକ (ଘ)ଓ୍ୱାର୍ଡ଼ମେମ୍ବର

୩. କାହା ଅଧ୍ୟକ୍ଷତାରେ ପଲ୍ଲୀସଭା ବସିଥାଏ ?
(କ)ଓ୍ୱାର୍ଡ଼ମେମ୍ବର (ଖ)ଓ୍ୱାର୍ଡ଼ର ମୁଖ୍ୟ ବ୍ୟକ୍ତି
(ଗ)ସରପଞ୍ଚ (ଘ)ସମ୍ପାଦକ

୪. ଗ୍ରାମପଞ୍ଚାୟତରୁ ପଞ୍ଚାୟତ ସମିତିକୁ ନିର୍ବାଚିତ ହୋଇ ଯାଉଥିବା ସଭ୍ୟଙ୍କୁ କ'ଣ କୁହାଯାଏ ?
(କ)ଚେୟାରମ୍ୟାନ୍ (ଖ)ଭାଇସ୍ - ଚେୟାରମ୍ୟାନ୍
(ଗ)ସରପଞ୍ଚ (ଘ)ସମିତି ସଭ୍ୟ

୫. ଜିଲ୍ଲା ପରିଷଦର କାର୍ଯ୍ୟକାଳ କେତେ ବର୍ଷ ?
(କ)ଦୁଇ ବର୍ଷ (ଖ)ତିନି ବର୍ଷ (ଗ)ପାଞ୍ଚ ବର୍ଷ (ଘ)ଛଅ ବର୍ଷ

୬. ମହାନଗର ନିଗମର ଅଧ୍ୟକ୍ଷଙ୍କୁ କ'ଣ କୁହାଯାଏ ?
(କ)ଚେୟାରମ୍ୟାନ୍ (ଖ)କରପୋରେଟର
(ଗ)ମେୟର (ଘ)ଡେପୁଟି ମେୟର

୭. ପୌରପାଳିକାର ସଭ୍ୟଙ୍କୁ କ'ଣ କୁହାଯାଏ ?
(କ)ସମିତି ସଭ୍ୟ (ଖ)କାଉନସିଲର (ଗ)ଓ୍ୱାର୍ଡ଼ମେମ୍ବର (ଘ)ସରପଞ୍ଚ

୮. କେଉଁଟି ଏକ ଲକ୍ଷରୁ ଅଧିକ ଲୋକସଂଖ୍ୟା ଥିବା ସହରରେ ଗଠନ କରାଯାଏ ?
(କ)ମହାନଗର ନିଗମ (ଖ)ପୌରପାଳିକା
(ଗ)ଜିଲ୍ଲା ପରିଷଦ (ଘ)ବିଜ୍ଞାପିତ ଅଞ୍ଚଳ ପରିଷଦ

୯. ଜିଲ୍ଲା ପରିଷଦର ମୁଖ୍ୟଙ୍କୁ କ'ଣ କୁହାଯାଏ ?
(କ)ସରପଞ୍ଚ (ଖ)ମେୟର (ଗ)ସମ୍ପାଦକ (ଘ)ଅଧ୍ୟକ୍ଷ

୧୦. ପଞ୍ଚାୟତିରାଜର ଉଚ୍ଚତମ ସୋପାନକୁ କ'ଣ କୁହାଯାଏ ?
(କ)ମ୍ୟୁନିସିପାଲିଟି (ଖ)କରପୋରେସନ୍
(ଗ)ଜିଲ୍ଲାପରିଷଦ (ଘ)ଗ୍ରାମପଞ୍ଚାୟତ

## କମ୍ପ୍ୟୁଟର ଶିକ୍ଷା

୧. ଏମ.ଏସ୍. ଓ୍ୱାର୍ଡ଼ର କୌଣସି ସିଲେକ୍ଟ ଟେକ୍ସକୁ କପି କରିବା ପାଇଁ କେଉଁ ସର୍ଟକଟ୍ କି ବ୍ୟବହାର କରାଯାଏ ?
(କ) Ctrl+A (ଖ) Ctrl+B (ଗ) Ctrl+C (ଘ) Ctrl+F

୨. ସ୍କାନର ଦ୍ୱାରା କଣ ସ୍କାନ କରାଯାଏ ?
(କ) ଛବି (ଖ) ଟେକ୍ସଟ
(ଗ) ଉଭୟ ଛବି ଓ ଟେକ୍ସଟ୍ (ଘ) କୌଣସିଟି ନୁହେଁ

୩. ସ୍ଲାଇଡ଼ ସୋରେ ପୂର୍ବ ସ୍ଲାଇଡ଼କୁ ଯିବାକୁ ହେଲେ କେଉଁ 'କି' ଦବାଇବାକୁ ହୁଏ ?
(କ) N (ଖ) P (ଗ) Esc (ଘ) Tab

୪. କମ୍ପ୍ୟୁଟରର କେଉଁଟି ଇନ୍‌ପୁଟ ଡିଭାଇସ୍ ଅଟେ ?
(କ) ସ୍କାନର (ଖ) ସ୍ପିକର (ଗ) ସିଡ଼ି (ଘ) ପ୍ରିଣ୍ଟର

୫. ଗୋଟିଏ ସିଡିରେ କେତେ ଏମ୍‌ବି (ମେଗାବାଇଟ୍) ଡାଟା ରଖାଯାଇ ପାରିବ ?
(କ)୬୫୦ ଏମ୍‌ବି (ଖ)୭୦୦ ଏମ୍‌ବି
(ଗ) ୭୫୦ ଏମ୍‌ବି (ଘ)୮୦୦ ଏମ୍‌ବି

୬. URL କାହାକୁ ବୁଝାଇଥାଏ ?
(କ) Universal Reasearch List (ଖ) Universal Reasource List
(ଗ) Uniform Reasourse Locator (ଘ) Uniform Reasearch List

୭. କମ୍ପ୍ୟୁଟର ଚିପ୍ କେଉଁଥିରେ ପ୍ରସ୍ତୁତ ହୋଇଥାଏ ?
(କ) କ୍ଲୋରୋମିୟମ (ଖ) ଆଇରନ୍ ଅକ୍ସାଇଡ଼
(ଗ) ସିଲିକା (ଘ) ସିଲିକନ

୮. Shutdown କରିବା ପାଇଁ କେଉଁ ସର୍ଟକର୍ଟ ବ୍ୟବହାର ହୁଏ ?
(କ) Ctrl+Alt+F4 (ଖ) Ctrl+Shift+F4
(ଗ) Ctrl+Alt+F3 (ଘ) Ctrl+Alt+F5

୯. କୌଣସି ଫୋଲଡରର ନାମ ପରିବର୍ତ୍ତନ ପାଇଁ କେଉଁ ସର୍ଟକଟ୍ ବ୍ୟବହାର ହୁଏ ?
(କ) F3 (ଖ) F2 (ଗ) F6 (ଘ) F7

୧୦. ସିଡିରେ କଣ କରାଯାଇପାରେ ?
(କ) ପଢିହୁଏ (ଖ) ଲେଖିହୁଏ
(ଗ) ଉଭୟ ପଢିହୁଏ ଏବଂ ଲେଖିହୁଏ (ଘ) କୌଣସିଟି ନୁହେଁ

### ଉତ୍ତର

**୧.(ଗ)କେନ୍ଦ୍ର ଶାସନ, ୨.(ଘ)ଓ୍ୱାର୍ଡ଼ମେମ୍ବର, ୩.(କ)ଓ୍ୱାର୍ଡ଼ମେମ୍ବର, ୪.(ଘ)ସମିତି ସଭ୍ୟ, ୫.(ଗ)ପାଞ୍ଚ ବର୍ଷ, ୬.(ଗ)ମେୟର, ୭.(ଖ)କାଉନସିଲର, ୮.(ଖ)ପୌରପାଳିକା, ୯.(ଘ)ଅଧ୍ୟକ୍ଷ, ୧୦.(ଗ)ଜିଲ୍ଲାପରିଷଦ**

**୧.(ଗ) Ctrl+C, ୨.(ଖ) ୩, .(ଖ) P, ୪.(କ) ସ୍କାନର ୫.(ଖ)୭୦୦ ଏମ୍‌ବି, ୬.(ଗ) Uniform Reasourse Locator ୭.(ଘ) ସିଲିକନ୍, ୮.(କ) Ctrl+Alt+F4, ୯.(ଖ) F2, ୧୦.(ଗ) ଉଭୟ ପଢିହୁଏ ଏବଂ ଲେଖିହୁଏ**



ଆତ୍ମ ସଂଯମର ଅଭାବ ହେଲେ ମନୁଷ୍ୟ ନିଜେ ଏତେ ସମସ୍ୟା ସୃଷ୍ଟି କରେ ଯେ,ସେଗୁଡ଼ିକର ସମାଧାନରେ ତା'ର ଜୀବନ କଟିଯାଏ ।

## ସାଧାରଣ ବିଜ୍ଞାନ

୧. ତମ୍ବାର ସଂକ୍ଷାରଣ ହେତୁ ତାହା ଉପରେ କେଉଁ ରଙ୍ଗର ଆସ୍ତରଣ ସୃଷ୍ଟି ହୁଏ ?

(କ)ଧଳା (ଖ)କଳା (ଗ)ନୀଳ (ଘ)ସବୁଜ

୨. ଲୌହ ଉପରେ ଲୋହିତ - ବାଦାମୀ ରଙ୍ଗର ପ୍ରଲେପ ହେବାକୁ କ'ଣ କୁହାଯାଏ ?

(କ)ବିସ୍ଥାପନ (ଖ)ବିଜାରଣ (ଗ)ବିଘଟନ (ଘ)ସଂକ୍ଷାରଣ

୩. ଜଳର ବିଦ୍ୟୁତ୍ ବିଶ୍ଳେଷଣରେ କେଉଁଟି ଇଲେକ୍‌ଟ୍ରୋଡ୍ ରୂପେ ବ୍ୟବହାର କରାଯାଏ ?

(କ)ଲୌହ (ଖ)ତମ୍ବା (ଗ)କାର୍ବନ (ଘ)ସଲ୍‌ଫର୍

୪. ସଂକ୍ଷାରଣ ଏକ କେଉଁ ପ୍ରତିକ୍ରିୟା ?

(କ)ଅବକ୍ଷେପଣ (ଖ)ବିସ୍ଥାପନ (ଗ)ସଂଶ୍ଳେଷଣ (ଘ)ଦ୍ୱୈତ ବିସ୍ଥାପନ

୫. ଫେରସ୍ ସଲ୍‌ଫେଟ୍ ସ୍ଫଟିକରେ କେତୋଟି ଜଳ ଅଣୁ ଥାଏ ?

(କ)୫ (ଖ)୬ (ଗ)୭ (ଘ)୮

୬. ପରିପାକ ପ୍ରଣାଳୀରେ ଶ୍ୱେତସାର ସରଳୀକୃତ ହୋଇ ନିମ୍ନୋକ୍ତ ମଧ୍ୟରୁ କେଉଁ ଯୌଗିକରେ ପରିଣତ ହୁଏ ?

(କ)ମଣ୍ଡଦ (ଖ)ଗ୍ଲୁକୋଜ୍ (ଗ)ପୁଷ୍ଟିସାର (ଘ)ସ୍ନେହସାର

୭. ଲୁହା ନିର୍ମିତ ପଦାର୍ଥରେ ସଂକ୍ଷାରଣର କେଉଁ ପ୍ରତିକ୍ରିୟା ଘଟେ ?

(କ)ଜାରଣ ଓ ବିଜାରଣ (ଖ)ଦହନ ଓ ଜାରଣ

(ଗ)ଜାରଣ ଓ ସଂଶ୍ଳେଷଣ (ଘ)ସଂଶ୍ଳେଷଣ ବିଜାରଣ

୮. ତମ୍ବା ଉପରେ କଳା ରଙ୍ଗର ସ୍ତରଟି କୁ କ'ଣ କୁହନ୍ତି ?

(କ)CuCl2 (ଖ)CuCo3 (ଗ)CuO (ଘ)କୌଣସିଟି ନୁହେଁ

୯. ଫେରସ୍ ସଲ୍‌ଫେଟ୍‌ର ବିଘଟନରୁ କେଉଁ ଗନ୍ଧ ବାହାରେ ?

(କ)ଜଳନ୍ତା କାଗଜ (ଖ)ଜଳନ୍ତା କାଠ

(ଗ)ଜଳନ୍ତା ଫସ୍‌ଫରସ୍ (ଘ)ଜଳନ୍ତା ସଲ୍‌ଫର୍

୧୦. ଫେରସ୍ ସଲ୍‌ଫେଟ୍ ସ୍ଫଟିକର ରଙ୍ଗ କ'ଣ ?

(କ)ନୀଳ (ଖ)ସବୁଜ (ଗ)ଗୋଲାପୀ (ଘ)ବାଦାମୀ

## ଗାଣିତିକ ପ୍ରଶ୍ନାବଳୀ

୧. - ୩୦ ରୁ ୧୪ ମଧ୍ୟରେ ଥିବା ସମସ୍ତ ସ୍ୱାଭାବିକ ସଂଖ୍ୟାର ଯୋଗଫଳ କେତେ ?

(କ) -୧୦୫ (ଖ) ୧୦୫ (ଗ) -୩୩୦ (ଘ) ୧୦୫୦

୨. ସର୍ବନିମ୍ନ ମୌଳିକ ଅଯୁଗ୍ମ ସଂଖ୍ୟାଟି କେତେ ?

(କ) ୨ (ଖ) ୧ (ଗ) ୩ (ଘ) ୫

୩. ଏକ ସଂଖ୍ୟାର ୫% ର ୫% = ୨ ହେଲେ ସଂଖ୍ୟାଟି କେତେ ?

(କ) ୫୦ (ଖ) ୨୫ (ଗ) ୮୦୦ (ଘ) ୮୦

୪. ମାଇକ୍ରୋସ୍କୋପ୍‌ରେ ଛୋଟ ଛୋଟ ଅଣୁଜୀବମାନଙ୍କର ଦୈର୍ଘ୍ୟକୁ କେଉଁ ଏକକରେ ପ୍ରକାଶ କରାଯାଏ ?

(କ) ସେଣ୍ଟିମିଟର (ଖ) ମାଇକ୍ରନ୍ (ଗ) ମିଟର (ଘ) ମିଲିମିଟର

୫. ଗୋଟିଏ ଚଳଚ୍ଚିତ୍ର ୩.୪୫ PM ରୁ ଆରମ୍ଭ ହୋଇ ୬.୧୫ PMରେ ଶେଷ ହେଲା । ତେବେ ଚଳଚ୍ଚିତ୍ରଟି କେତେ ସମୟ ପାଇଁ ଚାଲିଲା ?

(କ) ୨ଘ.୩୦ମି. (ଖ) ୧ଘ.୩୦ମି.

(ଗ) ୨ଘ.୨୦ମି. (ଘ) ୨ଘ.୪୦ ମି.

୬. ଏକ ସମତଳରେ ଗୋଟିଏ ବିନ୍ଦୁ ନେଇ କେତୋଟି ସରଳରେଖା ଅଙ୍କନ ସମ୍ଭବପର ?

(କ)ଗୋଟିଏ (ଖ) ଦୁଇଟି (ଗ) ଏକାଧିକ (ଘ) କୌଣସିଟି ନୁହେଁ

୭. କେଉଁ ଗଣିତଜ୍ଞଙ୍କୁ ଜ୍ୟାମିତିର ଜନକ ଆଖ୍ୟା ଦିଆଯାଇଛି ?

(କ) ଇଉକ୍ଲିଡ୍ (ଖ) ଜନ୍ ବୟେଡ୍ (ଗ) ବିରକଫ୍ (ଘ) ଥାଲେସ୍

୮. କେଉଁ ତ୍ରିଭୁଜର ଅନ୍ତଃକେନ୍ଦ୍ର, ପରିକେନ୍ଦ୍ର ଓ ଭରକେନ୍ଦ୍ର ଏକ ରେଖାରେ ଅବସ୍ଥାନ କରିବେ ?

(କ) ସମକୋଣୀ (ଖ) ସମଦ୍ୱିବାହୁ

(ଗ) ସ୍ଥୂଳକୋଣୀ (ଘ) ସୂକ୍ଷ୍ମକୋଣୀ

୯. ବୃତ୍ତ ଉପରିସ୍ଥ ଯେ କୌଣସି ଦୁଇଟି ବିନ୍ଦୁକୁ ଯୋଗ କରୁଥିବା ରେଖାଖଣ୍ଡକୁ କ'ଣ କୁହାଯାଏ ?

(କ) ଜ୍ୟା (ଖ) ବ୍ୟାସ (ଗ) ବ୍ୟାସାର୍ଦ୍ଧ (ଘ) ଚାପ

୧୦. ଗୋଟିଏ ଦୁଇପାଖ ଖୋଲା ଫମ୍ପା ସିଲିଣ୍ଡରର ବହିଃବ୍ୟାସାର୍ଦ୍ଧ ୫ମି. । ଏହାର ଉଚ୍ଚତା ୧୪ମି. ଏବଂ ସମଗ୍ର ପୃଷ୍ଠତଳର କ୍ଷେତ୍ରଫଳ ୭୪୮ ବ.ମି. ହେଲେ ଅନ୍ତଃବ୍ୟାସାର୍ଦ୍ଧ ନିର୍ଣ୍ଣୟ କର ? ?

(କ)୫ମି (ଖ) ୨ମି. (ଗ)୭ମି. (ଘ)୯ ମି.

**ଉତ୍ତର**

**୧.(ଘ)ସବୁଜ, ୨.(ଘ)ସଂକ୍ଷାରଣ, ୩.(ଗ)କାର୍ବନ, ୪.(ଗ)ସଂଶ୍ଳେଷଣ, ୫.(ଗ)୭, ୬.(ଖ)ଗ୍ଲୁକୋଜ୍, ୭.(ଗ)ଜାରଣ ଓ ସଂଶ୍ଳେଷଣ, ୮.(ଗ)CuO, ୯.(ଘ)ଜଳନ୍ତା ସଲ୍‌ଫର୍, ୧୦.(ଖ)ସବୁଜ**

**୧.(ଖ) ୧୦୫, ୨. (ଗ) ୩ , ୩.(ଗ) ୮୦୦, ୪.(ଖ) ମାଇକ୍ରନ୍ , ୫.(କ)୨ଘ. ୩୦ମି., ୬.(ଗ) ଏକାଧିକ, ୭.(କ) ଇଉକ୍ଲିଡ୍ , ୮.(ଖ) ସମଦ୍ୱିବାହୁ , ୯.(କ) ଜ୍ୟା, ୧୦.(ଖ)୨ମି.**

# ପର୍ବପର୍ବାଣୀ

## ଜୁନ (ବୃଷ ଦି୧୮ନ-ମିଥୁନ ଦି୧୬ନ)

(ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀ - ଆଷାଢ଼ ଶୁକ୍ଳ ଦ୍ୱାଦଶୀ)

ତା୦୧- ଚମ୍ପକ ଦ୍ୱାଦଶୀ
ତା୦୨- ଶିବଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା
ତା୦୩- ପୂର୍ଣ୍ଣିମାର ଚନ୍ଦ୍ରପୂଜା
ତା୦୪- ଦେବସ୍ନାନ ପୂର୍ଣ୍ଣିମା
ତା୦୭- ଶରଣ ଆରମ୍ଭ
ତା୧୧- ଶରଣ ଶେଷ
ତା୧୪- ପହିଲି ରଜ, ଖଳିଲାଗି ଏକାଦଶୀ, ଓ ହଳ ନିଷେଧ
ପଠାଣି ସାମନ୍ତଙ୍କ ତିରୋଧାନ ଦିବସ
ତା୧୫- ମିଥୁନ(ରଜ) ସଂକ୍ରାନ୍ତି ଓ ହଳ ନିଷେଧ
ତା୧୬- ଭୂଦାହ, ଶେଷ ରଜ, ଅଣସର ତ୍ରୟୋଦଶୀ, ଶିବଚତୁର୍ଦ୍ଦଶୀ ଉପବାସ ଓ
ବେଢ଼ା ପରିକ୍ରମା
ତା୧୭- ଚନ୍ଦ୍ରକ୍ଷୟ, ନିଶିପାଳନ ଓ ହ.ନି.,
ତା୧୮- ଅମାବାସ୍ୟା ଓ ନେତ୍ରୋତ୍ସବ
ତା୧୯- ଉଭାଯାତ୍ରା, ନବଯୌବନ ଦର୍ଶନ ଓ ଚନ୍ଦ୍ରଦର୍ଶନ
ତା୨୦- ଶ୍ରୀଗୁଣ୍ଡିଚା (ରଥଯାତ୍ରା)
ତା୨୪- ହେରା ପଞ୍ଚମୀ
ତା୨୬- ପର୍ଶୁରାମାଷ୍ଟମୀ
ତା୨୭- ବିପତ୍ତିତାରିଣୀ ବ୍ରତ ଓ ନବମୀର ସନ୍ଧ୍ୟା ଦର୍ଶନ
ତା୨୮- ବାହୁଡ଼ା ଯାତ୍ରା
ତା୨୯- ସୁନାବେଶ, ହରିଶୟନ ଏକାଦଶୀ, ଲକ୍ଷ୍ମୀନାରାୟଣ ବ୍ରତ ଓ ଏକାଦଶୀ
ତା୩୦- ଗରୁଡ଼ ଶୟନ

## ଜୁଲାଇ (ମିଥୁନ ଦି୧୭ନ-କର୍କଟ ଦି୧୫ନ)

(ଆଷାଢ଼ ଶୁକ୍ଳ ତ୍ରୟୋଦଶୀ-ଶ୍ରାବଣ ଶୁକ୍ଳ ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ)

ତା୦୧- ଶ୍ରୀଜୀଉଙ୍କ ନିଳାଦ୍ରି ବିଜେ ଉତ୍ସବ, ଶନି ତ୍ରୟୋଦଶୀ
ତା୦୨- ଚନ୍ଦ୍ର ଉପବାସ ପୂଜା ଓ ଅର୍ଘ୍ୟ ଦାନ
ତା୦୩- ବ୍ୟାସ/ଗୁରୁ ପୂର୍ଣ୍ଣିମା
ତା୦୪- ଶରଣ ପଞ୍ଚକ ଆରମ୍ଭ
ତା୦୭- ମନସା ପଞ୍ଚମୀ
ତା୦୮- ଶରଣ ପଞ୍ଚକ ଶେଷ
ତା୧୦- ବୋଲବମ୍ ଯାତ୍ରା ଆରମ୍ଭ
ତା୧୩- କାମଦା ଏକାଦଶୀ ଉପବାସ ଓ ହଳ ନିଷେଧ
ତା୧୬- ମାସାନ୍ତ, ଶିବ ଚତୁର୍ଦ୍ଦଶୀ ଓ ବେଢ଼ା ପରିକ୍ରମା
ତା୧୭- ଦକ୍ଷିଣାୟନ କର୍କଟ ସଂକ୍ରାନ୍ତି, ଶ୍ରୀ ମନ୍ଦିରରେ ଗୃହିଣୀଂ ଚିତାଲାଗି,
ବୋଲବମ୍ ଯାତ୍ରା (୨ୟ ପାଳି)
ତା୧୮- ମଳମାସ ଆରମ୍ଭ
ତା୧୯- ଦ୍ୱିତୀୟା ଚନ୍ଦ୍ରଦର୍ଶନ ଓ ପୂଜା
ତା୨୪- ବୋଲବମ୍ ଯାତ୍ରା (୩ୟ ପାଳି)
ତା୨୯- ଶ୍ରୀ ହରିଶୟନ ଏକାଦଶୀ ଉପବାସ
ତା୩୦- ଗରୁଡ଼ ଶୟନ
ତା୩୧- ଶିବ ଶୟନ, ଶରଣ ପଞ୍ଚକ ଆରମ୍ଭ ଓ ବୋଲବମ୍ ଯାତ୍ରା (୪ର୍ଥ ପାଳି)

# ମୁଖ୍ୟ ଦିବସ

## ଜୁନ

ତା୦୧- ଅନ୍ତର୍ଜାତୀୟ ଶିଶୁ ଦିବସ, ଗ୍ଲୋବାଲ୍ ପିତାମାତା ଦିବସ, ବିଶ୍ୱ ଦୁଗ୍ଧ ଦିବସ
ତା୦୨- ତେଲେଙ୍ଗାନା ଜାତୀୟ ଦିବସ
ତା୦୩- ବିଶ୍ୱ ସାଇକେଲ ଦିବସ
ତା୦୪- ଅନ୍ତର୍ଜାତୀୟ ନିର୍ଦ୍ଦୋଷ ଶିଶୁ ଆକ୍ରୋଶର ଶିକାର
ତା୦୫- ବିଶ୍ୱ ପରିବେଶ ଦିବସ
ତା୦୭- ଅନ୍ତର୍ଜାତୀୟ ଲେଭଲ୍ କ୍ରସିଂ ସଚେତନତା ଦିବସ
ତା୦୮- ବିଶ୍ୱ ସମୁଦ୍ର ଦିବସ
ତା୧୨- ଶିଶୁ ଶ୍ରମିକ ବିରୋଧ ଦିବସ
ତା୧୪- ବିଶ୍ୱ ରକ୍ତଦାତା ଦିବସ
ତା୧୫- ବିଶ୍ୱ ପବନ ଶକ୍ତି ଦିବସ
ତା୧୭- ମରୁଭୂମି ଏବଂ ମରୁଡ଼ି ମୁକାବିଲା ପାଇଁ ବିଶ୍ୱ ଦିବସ
ତା୧୮- ପିତୃ ଦିବସ (ତୃତୀୟ ରବିବାର)
ତା୨୦- ବିଶ୍ୱ ରିଫ୍ୟୁଜ୍ ଦିବସ, ବିଶ୍ୱ ଶରଣାର୍ଥୀ ଦିବସ
ତା୨୧- ଆନ୍ତର୍ଜାତିକ ଯୋଗ ଦିବସ, ବିଶ୍ୱ ସଙ୍ଗୀତ ଦିବସ
ତା୨୩- ଅନ୍ତର୍ଜାତୀୟ ଅଲମ୍ପିକ୍ ଦିବସ, ଅନ୍ତର୍ଜାତୀୟ ବିଧବା ଦିବସ
ତା୨୪- ଗୋପବନ୍ଧୁଙ୍କ ଶ୍ରାଦ୍ଧ
ତା୨୬- ନିଶା ନିବାରଣ ଦିବସ
ତା୨୮- ନିର୍ବ୍ବନ ଦିବସ

## ଜୁଲାଇ

ତା୦୧- ଜାତୀୟ ଡାକ୍ତର / ଚିକିତ୍ସକ ଦିବସ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସ୍ଥାପନା ଦିବସ
ତା୦୨- ବିଶ୍ୱ UFO ଦିବସ, ବିଶ୍ୱ କ୍ରୀଡା ସମ୍ବାଦିକ ଦିବସ
ତା୦୪- ଆମେରିକା ସ୍ୱାଧୀନତା ଦିବସ
ତା୦୬- ଅନ୍ତର୍ଜାତୀୟ ଚୁମ୍ବନ ଦିବସ, ବିଶ୍ୱ ଜୁନୋଜ୍ ଦିବସ,
ବିଶ୍ୱ ପଶୁ ସଂକ୍ରମିତ ରୋଗ ଦିବସ
ତା୦୭- ବିଶ୍ୱ ଚକୋଲେଟ୍ ଦିବସ, ବିଶ୍ୱ କ୍ଷମା ଦିବସ
ତା୦୮- ଲେଖକ ଦିବସ, (ପ୍ରଥମ ଶନିବାର) ଅନ୍ତର୍ଜାତୀୟ ସମବାୟ ଦିବସ
ତା୧୧- ବିଶ୍ୱ ଜନସଂଖ୍ୟା ଦିବସ
ତା୧୨- ମାଲାଲା ଦିବସ, ବିଶ୍ୱ କାଗଜ ବ୍ୟାଗ୍ ଦିବସ
ତା୧୫- ବିଶ୍ୱ ଯୁବ ଦକ୍ଷତା/କୌଶଳ ଦିବସ, ଜାତୀୟ ପ୍ଲାଷ୍ଟିକ୍ ସର୍ଜରୀ ଦିବସ
ତା୧୬- ବିଶ୍ୱ ସର୍ପ ଦିବସ
ତା୧୭- ବିଶ୍ୱ ଇମୋଜି ଦିବସ
ତା୧୮- ନେଲସନ୍ ମଣ୍ଡେଲା ଦିବସ
ତା୨୦- ଅନ୍ତର୍ଜାତୀୟ ଚନ୍ଦ୍ର ଦିବସ, ବିଶ୍ୱ ଚେସ୍ ଦିବସ
ତା୨୨- ବିଶ୍ୱ ମସ୍ତିଷ୍କ ଦିବସ
ତା୨୩- ଜାତୀୟ ପ୍ରସାରଣ ଦିବସ
ତା୨୪- ଆୟକର ଦିବସ
ତା୨୬- କାର୍ଗିଲ ବିଜୟ ଦିବସ
ତା୨୮- ବିଶ୍ୱ ହେପାଟାଇଟିସ୍ ଦିବସ, ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ
ତା୨୯- ବିଶ୍ୱ ବ୍ୟାଘ୍ର ଦିବସ
ତା୩୦- ଅନ୍ତର୍ଜାତୀୟ ବନ୍ଧୁତା ଦିବସ



ଯିଏ ଚୋରି କରିଛି, ସେ ଅନ୍ଧାରରେ ବୁଦାଟିଏ ଦେଖିଲେ ମଧ୍ୟ ଭାବେ ସେଠି ପୋଲିସ୍ ବସିଛି।

ସ୍ତମ୍ଭକାର ଓ ସାହିତ୍ୟିକ ବିପିନ ବିହାରୀ ମହାନ୍ତିଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀର ବୟୋଜ୍ୟେଷ୍ଠ ସାରସ୍ୱତ ସାଧକ ସମ୍ବର୍ଦ୍ଧନା ପାଇବା ସହ ଏକ ମାନପତ୍ର ଉପଢୌକନ ଏବଂ ୧ ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର ପାଇଛନ୍ତି । ଆମରିସତ୍ୟ ପରିବାର ତରଫରୁ ତାଙ୍କୁ ଅନେକ ଅନେକ ଅଭିନନ୍ଦନ ଓ ଶୁଭକାମନା ।





ଐତିହାସିକ ଓ ସାହିତ୍ୟିକ ଶ୍ରୀଯୁକ୍ତ ସତ୍ୟବାଦୀ ବଳିଆରସିଂହ ଓଡ଼ିଶା ସାହିତ୍ୟ ଏକାଡେମୀର ବୟୋଜ୍ୟେଷ୍ଠ ସାରସ୍ୱତ ସାଧକ ସମ୍ବର୍ଦ୍ଧନା ପାଇଛନ୍ତି । ମାନପତ୍ର ଉପଢୌକନ ସହ ୧ ଲକ୍ଷ ଟଙ୍କା ଅର୍ଥରାଶି ପୁରସ୍କାର ଗ୍ରହଣ କରିଥିବାରୁ 'ଆମରିସତ୍ୟ' ପରିବାର ତରଫରୁ ତାଙ୍କୁ ଅନେକ ଅଭିନନ୍ଦନ ଓ ଶୁଭକାମନା । ତାଙ୍କର ଏହି କୃତିପାଇଁ ଆମରିସତ୍ୟ ପରିବାର ଗର୍ବିତ ।

# ଶ୍ରଦ୍ଧାସୁମନ

ପ୍ରାକ୍ତନ ପ୍ରାଧ୍ୟାପକ ଡ. ଶରତ କୁମାର ଦୋରାଙ୍କର ୬୧ ବର୍ଷ ବୟସରେ ଦେହାନ୍ତ ହୋଇଯାଇଛି । ସେ ରାଜନୀତି ବିଭାଗ ଆଧ୍ୟାପକ ଭାବରେ ବେଗୁନିଆ ମହାବିଦ୍ୟାଳୟରୁ ଆରମ୍ଭ କରି ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ଅବସର ନେଇଥିଲେ । ସେ ଜଣେ ସରଳ, ସ୍ପଷ୍ଟବାଦୀ, ଅହଂକାର ଶୂନ୍ୟ ମଣିଷ ସୁସାହିତ୍ୟିକ, ସୁବକ୍ତା, ସମାଜସେବୀ, ସୁସଙ୍ଗଠକ ଥିଲେ । ଅଧ୍ୟାପନା ସମୟରେ ସେ ଜାତୀୟସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଏବଂ କଲେଜର ପ୍ରଶାସନିକ କାର୍ଯ୍ୟରେ ଅନେକ ପାରଦର୍ଶିତା ସହ କାର୍ଯ୍ୟ କରିଛନ୍ତି । ସେ ସମର୍ଥ ବ୍ୟକ୍ତି ଭାବେ ନିଜର ଆତ୍ମ ପରିଚୟ ସୃଷ୍ଟି କରିପାରିଥିଲେ । ତାଙ୍କର ବିୟୋଗରେ 'ଆମରି ସତ୍ୟ' ପରିବାର ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛି ।



୰ ଡ. ଶରତ କୁମାର ଦୋରା



୰ କଲ୍ୟାଣୀ ରାୟ

ଗତ ମେ ୧ତାରିଖ ରାତ୍ରିରେ ଇହଧାମ ତ୍ୟାଗ କରିଥିବା କଲ୍ୟାଣୀ ରାୟ ଥିଲେ ଜଣେ ଅତି ସରଳ ମନୁଷ୍ୟ, ବାହ୍ୟ ଆଡ଼ମ୍ବରଠାରୁ ବହୁ ଦୂରରେ । ପ୍ରାୟତଃ ସବୁବେଳେ କିଛି ନା କିଛି କାମରେ ନିଜକୁ ନିମଗ୍ନ ରଖୁଥିଲେ ସେ । ମାତ୍ର ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ଲାଭର ସୁଯୋଗ ପାଇଥିଲେ ହେଁ ଓଡ଼ିଆ, ବଙ୍ଗଳା ଓ ହିନ୍ଦୀ ଭାଷାରେ ଥିଲା ତାଙ୍କର ଯଥେଷ୍ଟ ଦକ୍ଷତା । ଏହି ତିନିଟି ଭାଷାର ବହି ପଢ଼ିବା ଥିଲା ତାଙ୍କର ଅଭ୍ୟାସ । ନିଜ ପୁଅମାନଙ୍କୁ ପ୍ରାଥମିକ ଶିକ୍ଷା ଦେବାର ଦାୟିତ୍ୱ ମଧ୍ୟ ସେ ସ୍ୱାଭାବିକ ଭାବେ ବହନ କରିଥିଲେ । ଖୋରଧାରେ ରହୁଥିବା ତାଙ୍କର ଜ୍ୟେଷ୍ଠ ପୁତ୍ର ଆଶିଷ ରାୟ ଶିକ୍ଷକତା କରିବା ବ୍ୟତୀତ ଜଣେ ଲେଖକ ତଥା ଅନୁବାଦକ ଭାବେ ପରିଚିତ, ଯାହାର ପ୍ରେରଣା ତାଙ୍କୁ ପିତାମାତାଙ୍କଠାରୁ ହିଁ ମିଳିଥିଲା । ମଧ୍ୟମ ପୁତ୍ର ଅସିତ ରାୟ ମଧ୍ୟ ତାଙ୍କରି ପ୍ରେରଣାରୁ ଜଣେ ମେଧାବୀ ଛାତ୍ର ଭାବେ ସୁନାମ ଅର୍ଜନ କରିଥିଲେ । ସେ ଏବେ ବାଣିଜ୍ୟିକ ଜାହାଜର କ୍ୟାପଟେନ୍ ଭାବେ କାର୍ଯ୍ୟରତ ଥିବା ବେଳେ କନିଷ୍ଠ ପୁତ୍ର ଅରୁଣ ରାୟ ଜଣେ କ୍ଷୁଦ୍ର ବ୍ୟବସାୟୀ । ବାର୍ଦ୍ଧକ୍ୟ ଜନିତ ବେମାରିରେ ପୀଡ଼ିତ ହୋଇ ନିଜ ମଧ୍ୟମ ପୁତ୍ରଙ୍କ ମୁମ୍ବାଇସ୍ଥିତ ବାସଭବନରେ ଅବସ୍ଥାନ କରୁଥିଲେ ଏବଂ ୮୪ବର୍ଷ ବୟସରେ ସେ ନିଜ ତିନିପୁତ୍ରଙ୍କ ସହିତ ଦୁଇ ବୋହୂ ରାଜଶ୍ରୀ ଓ ପୂର୍ଣ୍ଣିମା ତଥା ତିନି ନାତି ଅଭିଷେକ, ସତ୍ୟଜିତ ଏବଂ ଅଭିନବଙ୍କୁ ସବୁଦିନପାଇଁ ଛାଡ଼ି ଚାଲିଯାଇଥିଲେ । ତାଙ୍କ ପରିବାର ଓ ବନ୍ଧୁବର୍ଗଙ୍କ ସହିତ 'ଆମରିସତ୍ୟ' ପରିବାର ମଧ୍ୟ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ବିନମ୍ର ପ୍ରାର୍ଥନା ଜଣାଉଛି ।

Volume - 13 ● Issue No. 12 ● Monthly ● June - 2023 ● Pages - 36 ● RNI Regn. No. ODI/ODI/2010/350521 ● Postal Regd. No. PURI-33/2022-24


# AAA, KHORDHA

## CONGRATULATION...





**Abhijeet**
**94.6%**


**Priyanshu**
**93.4%**


**Arati**
**91.4%**


**Susovit**
**90.2%**


**Sudipta**
**90%**


**Urmimukta**
**89.4%**


**Bimal**
**87.4%**


**Minerva**
**86.8%**


**Maherose**
**86.4%**


**Adyasha**
**84.4%**


**Debasish**
**82.6%**


**Baisakhi**
**81.4%**

## ALL INDIA CBSE 10TH EXAM. 2022-23


Printed & Published by Dr. Prasanna Kumar Jena Owned by "AMARISATYA", M-1/5, Mukunda Prasad Housing Board Colony, Post - P. N. College, Dist - Khordha, Printed at Webline, D2/19, Mancheswar Industrial Estate, BBSR-10, Published From - "AMARISATYA", Mukunda Prasad Housing Board Colony, Post - P. N. College, Dist - Khordha, Pin - 752057
Editor : Dr. Prasanna Kumar Jena
Founder : Dr. Pramod Chandra Dash